ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com




ଯା ଦେବୀ ସର୍ବଭୂତେଷୁ............


ପ୍ରକାଶ ପାଇଛି
ବିଷୁବ ସଂଖ୍ୟା
ସାଗରିକା
ଏବେଠାରୁ
ଡିଜିଟାଲ୍ ଫର୍ମାଟରେ ଉପଲବ୍ଧ...
website : sagarika.in.net



ବାଲେଶ୍ୱର ❑ ଶୁକ୍ରବାର ୧୬ ମଇ ୨୦୨୫ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ FRIDAY 16 MAY 2025
Vol.No. 36 ■ No.129 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019


# ସୁପ୍ରିମକୋର୍ଟଙ୍କୁ ୧୪ ପ୍ରଶ୍ନ ପଚାରିଲେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ



ନୂଆଦିଲ୍ଲୀ, ୧୫/୫ : ସୁପ୍ରିମକୋର୍ଟଙ୍କୁ ୧୪ ପ୍ରଶ୍ନ ପଚାରିଲେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ। ରାଷ୍ଟ୍ରପତି ବିଧାନସଭାଗୁଡ଼ିକ ଦ୍ୱାରା ଗୃହୀତ ବିଲ ଉପରେ ନିଷ୍ପତ୍ତି ନେବା ପାଇଁ ରାଷ୍ଟ୍ରପତି ଏବଂ ରାଜ୍ୟପାଳମାନଙ୍କ ପାଇଁ ଏକ ସମୟ ସୀମା ଧାର୍ଯ୍ୟ କରିବାର ନିଷ୍ପତ୍ତି ଉପରେ ପ୍ରଶ୍ନ ଉଠାଇଛନ୍ତି। ଏହି ଐତିହାସିକ ନିଷ୍ପତ୍ତି ସୁପ୍ରିମକୋର୍ଟ ୮ ଏପ୍ରିଲରେ ଦେଇଥିଲେ। ଏହା ଉପରେ ରାଷ୍ଟ୍ରପତି ମୁର୍ମୁ କଡ଼ା ପ୍ରତିକ୍ରିୟା ଦେଇଛନ୍ତି ଏବଂ ୧୪ଟି ପ୍ରଶ୍ନ ପଚାରିଛନ୍ତି। ସୁପ୍ରିମକୋର୍ଟଙ୍କ ଏହି ନିଷ୍ପତ୍ତିର ପ୍ରତିକ୍ରିୟା ଦୀର୍ଘ ଦିନ ଧରି ଜାରି ରହିଛି। ବିରୋଧୀ ଦଳ ମଧ ଏହି ପ୍ରସଙ୍ଗକୁ ବହୁତ ଉଠାଇଥିଲେ। ରାଷ୍ଟ୍ରପତି ମୁର୍ମୁ ଏହି ନିଷ୍ପତ୍ତିକୁ ସାମ୍ବିଧାନିକ ମୂଲ୍ୟବୋଧ ଏବଂ ବ୍ୟବସ୍ଥାର ବିପରୀତ ଏବଂ ସାମ୍ବିଧାନିକ ସୀମାର 'ଆଧିପତ୍ୟ' ବୋଲି ବର୍ଣ୍ଣନା କରିଛନ୍ତି। ରାଷ୍ଟ୍ରପତି ମୁର୍ମୁ ଏବେ ସମ୍ବିଧାନର ଧାରା ୧୪୩ (୧) ଅନୁଯାୟୀ ୧୪ଟି ସାମ୍ବିଧାନିକ ପ୍ରଶ୍ନ ଉପରେ ସୁପ୍ରିମକୋର୍ଟଙ୍କ ମତାମତ ଲୋଡିଛନ୍ତି। ୧-ଭାରତୀୟ ସମ୍ବିଧାନର ଧାରା ୨୦୦ ଅନୁଯାୟୀ, ରାଜ୍ୟପାଳଙ୍କୁ ଏକ ବିଲ ପ୍ରଦାନ କଲେ ତାଙ୍କ ସମ୍ମୁଖରେ କ'ଣ ସାମ୍ବିଧାନିକ ବିକଳ୍ପ ରହିଥାଏ? ୨-ଭାରତୀୟ ସମ୍ବିଧାନର ଧାରା ୨୦୦ ଅନୁଯାୟୀ, ଏକ ବିଲ ଆଗତ କରିବା ସମୟରେ ରାଜ୍ୟପାଳ କ'ଣ ମନ୍ତ୍ରୀ ପରିଷଦ ଦ୍ୱାରା ଦିଆଯାଇଥିବା ସାହାଯ୍ୟ ଏବଂ ପରାମର୍ଶ ଦ୍ୱାରା ଆବଦ୍ଧ? ୩-ଭାରତୀୟ ସମ୍ବିଧାନର ଧାରା ୨୦୦ ଅନୁଯାୟୀ ରାଜ୍ୟପାଳଙ୍କ ଦ୍ୱାରା ସାମ୍ବିଧାନିକ ବିବେଚନାର ପ୍ରୟୋଗ ଯଥାର୍ଥ କି? ୪-ଭାରତୀୟ ସମ୍ବିଧାନର ଧାରା ୩୬୧ ଭାରତୀୟ ସମ୍ବିଧାନର ଧାରା ୨୦୦ ଅନୁଯାୟୀ ରାଜ୍ୟପାଳଙ୍କ କାର୍ଯ୍ୟ ସମ୍ପର୍କରେ ନ୍ୟାୟିକ ସମୀକ୍ଷା ଉପରେ ସମ୍ପୂର୍ଣ୍ଣ ପ୍ରତିବନ୍ଧକ ଲଗାଏ କି? ୫-ସାମ୍ବିଧାନିକ ଭାବରେ ନିର୍ଦ୍ଧାରିତ ସମୟ ସୀମା ଏବଂ ରାଜ୍ୟପାଳଙ୍କ ଦ୍ୱାରା କ୍ଷମତା ପ୍ରୟୋଗ ପଦ୍ଧତିର ଅନୁପସ୍ଥିତିରେ, ଭାରତୀୟ ସମ୍ବିଧାନର ଧାରା ୨୦୦ ଅନୁଯାୟୀ ରାଜ୍ୟପାଳଙ୍କ ଦ୍ୱାରା ସମୟ ସୀମା ଲାଗୁ କରାଯାଇପାରିବ ଏବଂ ସମସ୍ତ କ୍ଷମତା ପ୍ରୟୋଗ ପଦ୍ଧତି ନ୍ୟାୟିକ ନିର୍ଦ୍ଦେଶ ମାଧ୍ୟମରେ ସ୍ଥିର କରାଯାଇପାରିବ କି? ୬-ଭାରତୀୟ ସମ୍ବିଧାନର ଧାରା ୨୦୧ ଅନୁଯାୟୀ ରାଷ୍ଟ୍ରପତିଙ୍କ ଦ୍ୱାରା ସାମ୍ବିଧାନିକ ବିବେଚନାର ପ୍ରୟୋଗ ଯଥାର୍ଥ କି? ୭-ରାଷ୍ଟ୍ରପତିଙ୍କ ଦ୍ୱାରା ସାମ୍ବିଧାନିକ ଭାବରେ ନିର୍ଦ୍ଧାରିତ ସମୟ ସୀମା ଏବଂ କ୍ଷମତା ପ୍ରୟୋଗ ପଦ୍ଧତିର ଅନୁପସ୍ଥିତିରେ, ଭାରତୀୟ ସମ୍ବିଧାନର ଧାରା ୨୦୧ ଅନୁଯାୟୀ ରାଷ୍ଟ୍ରପତିଙ୍କ ଦାରା ବିବେଚନା ପ୍ରୟୋଗ ପାଇଁ ନ୍ୟାୟିକ ନିର୍ଦ୍ଦେଶ ଦ୍ୱାରା ସମୟ ସୀମା ଏବଂ ପ୍ରୟୋଗ ପଦ୍ଧତି ଲାଗୁ କରାଯାଇପାରିବ କି? ୮-ରାଷ୍ଟ୍ରପତିଙ୍କ କ୍ଷମତାକୁ ପରିଚାଳନା କରୁଥିବା ସାମ୍ବିଧାନିକ ଯୋଜନା ପରିପ୍ରେକ୍ଷୀରେ, ରାଷ୍ଟ୍ରପତିଙ୍କ ପାଇଁ ଭାରତୀୟ ସମ୍ବିଧାନର ଧାରା ୧୪୩ ଅନୁଯାୟୀ ସୁପ୍ରିମକୋର୍ଟଙ୍କ ପରାମର୍ଶ ନେବା ଏବଂ ରାଜ୍ୟପାଳଙ୍କ ଦ୍ୱାରା ରାଷ୍ଟ୍ରପତିଙ୍କ ସମ୍ମତି ପାଇଁ ବିଲ ସଂରକ୍ଷଣ କରିବା କିମ୍ବା ଅନ୍ୟଥା ସୁପ୍ରିମକୋର୍ଟଙ୍କ ମତାମତ ନେବା ଆବଶ୍ୟକ କି? ୯-ଭାରତୀୟ ସମ୍ବିଧାନର ଧାରା ୨୦୦ ଏବଂ ଧାରା ୨୦୧ ଅନୁଯାୟୀ ରାଜ୍ୟପାଳ ଏବଂ ରାଷ୍ଟ୍ରପତିଙ୍କ ନିଷ୍ପତ୍ତିଗୁଡ଼ିକ ପୂର୍ବ-କାର୍ଯ୍ୟକ୍ରମ ପର୍ଯ୍ୟାୟରେ ନ୍ୟାୟସଙ୍ଗତ କି? କୌଣସି ବିଲ ଆଇନରେ ପରିଣତ ହେବା ପୂର୍ବରୁ ଏହାର ବିଷୟବସ୍ତୁ ଉପରେ ନ୍ୟାୟିକ ନିଷ୍ପତ୍ତି ନେବା କ'ଣ କୋର୍ଟଗୁଡ଼ିକ ପାଇଁ ଗ୍ରହଣୀୟ?

▶▶ପୃଷ୍ଠା ୭

## ନବୀନ ନିବାସରେ ମୁନ୍ନା ଖାନ୍: ବିଜେଡ଼ି ସଂଖ୍ୟାଲଘୁ ସେଲ୍‌ରୁ ଇସ୍ତଫା ଦେଇଥିବା ଚର୍ଚ୍ଚା!



ଭୁବନେଶ୍ୱର, ୧୫/୫ (ନି.ପ୍ର): ନବୀନ ନିବାସରେ ପହଞ୍ଚିଲେ ବିଜେଡି ସାଂସଦ ମୁନା ଖାନ୍ । ସଂଖ୍ୟାଲଘୁ ସେଲ୍ କମିଟିରୁ ମୁନା ଖାନ୍ ଇସ୍ତଫା ଦେଇଥିବା ଚର୍ଚ୍ଚା ଜୋର ଧରିଛି। ସଂଖ୍ୟାଲଘୁ ସେଲ୍‌ର ସାଉଥ୍ ଜୋନ ସଂଯୋଜକ ପଦରୁ ଇସ୍ତଫା ମଧ ଦେଇଥିବା ଚର୍ଚ୍ଚା ହେଉଛି। ଗତ ୫ ତାରିଖରେ ଗଠନ ହୋଇଥିଲା ସଂଖ୍ୟାଲଘୁ ସଂପ୍ରଦାୟ କମିଟି । ଦିଲ୍ଲୀପ ତିର୍କୀଙ୍କୁ ସଂଖ୍ୟାଲଘୁ କମିଟିର ଆବାହକ ଦାୟିତ୍ୱ ଦିଆଯାଇଛି । ନବୀନଙ୍କ ଘନିଷ୍ଠ ଥିଲେ ମୁନ୍ନା। ୱାକଅଫ୍ ବିଲ୍ ପ୍ରସଙ୍ଗରେ ସ୍ୱର ଉତ୍ତୋଳନ କରି ବେଶ ଚର୍ଚ୍ଚାକୁ ଆସିଥିଲେ ମୁନ୍ନା। ଏପରିକି ଯେଉଁ ବିଜେଡି ସାଂସଦମାନେ ୱାକଅଫ୍‌କୁ ସମର୍ଥନ କରିଥିଲେ, ନୀବନ ନିବାସ ଆସି ତାଙ୍କ ବିରୋଧରେ ସ୍ୱର ଉତ୍ତୋଳନ କରିଥିଲେ। ଏପରିକି ନବୀନ ନିବାସରେ ମୁନ୍ନା ଖାନଙ୍କ ସମର୍ଥନ ମାନେ ପାଣ୍ଡିଆନ୍ ଗୋ ବ୍ୟାକ୍ ବୋଲି ନାରା ଦେଇଥିଲେ।। ଏପରି କରିବା ମୁନ୍ନା ଖାନ୍‌ଙ୍କୁ ମହଙ୍ଗା ପଡ଼ିଲାକି ? ଏଥିପାଇଁ ମୁନ୍ନାଙ୍କ ପକ୍ଷ ଛେଦନ କରାଗଲା କି ? ତାଙ୍କୁ ନେଇ ଚର୍ଚ୍ଚା ଜୋର ଧରିଛି।

## ଓୟୋ ହୋଟେଲ୍ ଛାତରୁ ଖସି ଯୁବତୀଙ୍କ ମୃତ୍ୟୁ ସସପେନ୍ସ: ହତ୍ୟା ଅଭିଯୋଗ ଆଣିଲେ ପରିବାର

ଭୁବନେଶ୍ୱର, ୧୫/୫ (ନି.ପ୍ର): ଭୁବନେଶ୍ୱର ଖଣ୍ଡଗିରି ଥାନାଞ୍ଚଳର ଏକ ଓୟୋ ହୋଟେଲ ଛାତରୁ ଖସି ଯୁବତୀଙ୍କ ମୃତ୍ୟୁକୁ ନେଇ ସସ୍ପେସନ୍ସ। ସନ୍ଦେହରେ ପୁରୁଷ ବନ୍ଧୁ। ପରିବାର ଲୋକ ଝିଅକୁ ଛାତରୁ ଠେଲି ମାରି ଦିଆଯାଇଥିବାର ଅଭିଯୋଗ ଆଣିବା ପରେ ପୋଲିସ ପୁରୁଷ ବନ୍ଧୁଙ୍କୁ ଅଟକ ରଖି ତନାଘନା କରୁଛି। ହେଲେ ଏବେ ଯାଏଁ ମୃତ୍ୟୁର କାରଣ ସ୍ପଷ୍ଟ କରିନି ପୋଲିସ୍। ଖଣ୍ଡଗିରି ଥାନା ପଞ୍ଚସଖା ନଗର ଦାସ ଇନ୍ ଓୟୋ ହୋଟେଲ। ଇଏ ସେହି ରୁମ୍-ନମ୍ବର ୩୦୧। ଦିନେ କି ଦୁଇ ଦିନ ନୁହେଁ, ମାସ ମାସ ଧରି ଏ ରୁମଟି ବୁକ୍ ହୋଇରହିଛି ନୟାଗଡ଼ର ବିଭୁତି ଭୂଷଣ ପ୍ରତିହାରୀଙ୍କ ନାଁରେ। ଇଏ ସେଇ ବିଭୁତି। କୁହାଯାଉଛି ଏଇ ରୁମକୁ ବରାବର ଆସନ୍ତି, ବିଭୁତିଙ୍କ ସହ ରାତିରେ ଏକାଠି ବି ରୁହନ୍ତି ସେଇ ନୟାଗଡ଼ ଅଞ୍ଚଳର ସୋନାଲି ମହାପାତ୍ର। ବୁଧବାର ରାତିରେ ମଧ ବିଭୁତିଙ୍କ ପାଖକୁ ଆସିଥିଲେ ସୋନାଲି। ହେଲେ ଉଭୟଙ୍କ ଭିତରେ କଣ ଘଟିଲା କେଜାଣି, ରାତି ୧୧ଟାରେ ହୋଟେଲ ରୁମରୁ ପ୍ରବଳ ପାଟିତୁଣ୍ଡ ଶୁଭିଲା। ପାଖ ରୁମରେ ଥିବା ଲୋକେ ଆସି ଉଭୟଙ୍କୁ ବୁଝାବୁଝି କରିଥିଲେ।

▶▶ପୃଷ୍ଠା ୭

## ମୋ ସରଳତାକୁ ଦୁର୍ବଳତା ଭାବନାହିଁ: ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର, ୧୫/୫ (ନି.ପ୍ର): ଅଫିସରମାନେ ବିଧାୟକ ଓ ସାଂସଦଙ୍କୁ ସମ୍ମାନ ଦିଅନ୍ତି ନାହିଁ । ବାବୁମାନେ ନେତାଙ୍କ କଥା ଶୁଣନ୍ତି ନାହିଁ। ପୂର୍ବରୁ ଅନେକ ଥର ଏଭଳି ଅଭିଯୋଗ ସାମ୍ନାକୁ ଆସିଛି । ବିଧାନସଭାରେ ବି ଉଠିଛି। କିନ୍ତୁ ପୂର୍ବ ସରକାରରେ ଏକଥାକୁ ବାବୁଙ୍କର ଖାତିର ନଥିଲା । ସରକାର ବଦଳିବା ପରେ ବି ବାବୁଙ୍କ ସେହି ଠାଣି ଯାଇନି। ଯାହାକୁ ନେଇ ଆଜି ବିଡିଓଙ୍କୁ ସିଧା ସିଧା ଶୁଣାଇଛନ୍ତି ମୁଖ୍ୟମନ୍ତ୍ରୀ। ଦୁଇ ଦିନିଆ ରାଜ୍ୟସ୍ତରୀୟ ବିଡିଓ ଓ ସିଡିଓ ସମ୍ମିଳନୀରେ ମୁଖ୍ୟମନ୍ତ୍ରୀଙ୍କ ତାଗିଦ। ବିଜେଡି ପ୍ରୀତି ଛାଡି ନୂଆ ସରକାରଙ୍କ ଆଭିମୁଖ୍ୟରେ କାମ କରିବାକୁ ପରାମର୍ଶ ଦେଇଛନ୍ତି । ନ ହେଲେ ଆଗାମୀ ଦିନରେ କଠୋର ନିଷ୍ପତ୍ତି ନେଇପାରେ ବୋଲି ଚେତାବନୀ ଦେଇଛନ୍ତି ମୋହନ ଚରଣ ମାଝୀ । ମୁଖ୍ୟମନ୍ତ୍ରୀ ହେବା ପରର ଅନୁଭୂତିକୁ ସାମ୍ନାରେ ରଖି କ୍ଷୋଭ ପ୍ରକାଶ କରି କହିଛନ୍ତି, 'ଭିସି ସମୟରେ କିଛି ବିଡ଼ିଓ ତାଙ୍କ ଭାଷଣ ଆସିଲେ ଟିଭି ବନ୍ଦ କରିଦେଉଛନ୍ତି। ଲୋକଙ୍କୁ ସେ ସ୍ଥାନରୁ ପଳାଇବାକୁ କହୁଛନ୍ତି । କିଛି ବିଡିଓ ଭଲ ସମ୍ପର୍କ ରଖିନାହାନ୍ତି । ଏହି ସୂଚନା ମୋ ପାଖରେ ପହଞ୍ଚିଛି । ସରପଞ୍ଚରୁ ମୁଖ୍ୟମନ୍ତ୍ରୀ ହୋଇଛି । ମୋ ସରଳତାକୁ ଦୁର୍ବଳତା ଭାବ ନାହିଁ।' ମନରେଗାରେ ହେଉଥିବା ଦୁର୍ନୀତିକୁ ନେଇ ଉଦବେଗ ପ୍ରକାଶ କରିଛନ୍ତି ମୁଖ୍ୟମନ୍ତ୍ରୀ । ସେ କହିଛନ୍ତି, 'ମନରେଗାରେ ମେସିନରେ କାମ ହେଉଛି ,ଲୋକଙ୍କୁ କାମ ମିଳୁନି । କିନ୍ତୁ ଶ୍ରମିକଙ୍କ ନାଁରେ ଟଙ୍କା ଉଠୁଛି।' ସମ୍ମିଳନୀ ମଞ୍ଚ ଉପରୁ ପଞ୍ଚାୟତିରାଜ ମନ୍ତ୍ରୀଙ୍କୁ ମନରେଗା ଦୁର୍ନୀତି ରୋକିବାକୁ ଆଗାମୀ ଦିନରେ ଗାଇଡ଼ଲାଇନ ଆଣିବାକୁ ସିଧା ନିର୍ଦ୍ଦେଶ ଦେଇଛନ୍ତି ମୁଖ୍ୟମନ୍ତ୍ରୀ।

▶▶ପୃଷ୍ଠା ୭

## ଭିଜିଲାନ୍ସ ଜାଲରେ ଏବିଡିଓ



ଧର୍ମଶାଳା, ୧୫/୫ (ନି.ପ୍ର): ଭିଜିଲାନ୍ସ ଜାଲରେ ଧର୍ମଶାଳା ବିଡିଓ। ଆୟ ବର୍ହିଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଆଜି ସକାଳେ ଧର୍ମଶାଳା ଏବିଡିଓ ଅସିତ ପାତ୍ରଙ୍କ ଘରେ ଭିଜିଲାନ୍ସ ପକ୍ଷରୁ ଚଢ଼ାଉ କରାଯାଇଛି। ଅସିତଙ୍କ ଘର ସମେତ ୭ଟି ସ୍ଥାନରେ ଭିଜିଲାନ୍ସ ପକ୍ଷରୁ ଚଢ଼ାଉ କରାଯାଇଛି। ଯାଜପୁରରେ ଥିବା ପୈତୃକ ଘର, କଟକ ଚାଉଳିଆଗଞ୍ଜରେ ଥିବ ଫ୍ଲାଟ୍, ଭୁବନେଶ୍ୱର ଚନ୍ଦ୍ରଶେଖରପୁରରେ ଥିବା ପ୍ଲଟ୍, ଭଦ୍ରକ ଭଣ୍ଡାରୀ ପୋଖରୀରେ ଥିବା ସମ୍ପର୍କୀୟଙ୍କ ଘରେ ମଧ ରେଡ୍ କରାଯାଇଛି। ସେହିପରି ଅସିତଙ୍କ ଅଫିସ ଓ ସରକାରୀ ବାସଭବନରେ ଚଢ଼ାଉ କରାଯାଇଛି। ଅସିତ ଆୟ ବର୍ହିଭୂତ ସମ୍ପତ୍ତି ଠୁଳ କରିଥିବା ଅଭିଯୋଗ ହୋଇଥିଲା। ପରେ ଭିଜିଲାନ୍ସ ଘଟଣାର ତଦନ୍ତ କରି ରେଡ୍ କରିଥିଲା। ଏହି ଚଢ଼ାଉରେ ୮ ଜଣ ଭିଜିଲାନ୍ସ ଡିଏସପି ଓ ୯ଜଣ ଇନ୍ସପେକ୍ଟର ସାମିଲ ହୋଇଛନ୍ତି।

## ଟ୍ରମ୍ପଙ୍କ ୟୁଟର୍ଣ୍ଣ: କହିଲେ, ଭାରତ-ପାକ୍ ମଧ୍ୟରେ ମଧ୍ୟସ୍ଥତା କରିନି



ନୂଆଦିଲ୍ଲୀ, ୧୫/୫ : ମଧ୍ୟସ୍ଥତା ପ୍ରସଙ୍ଗରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ୟୁଟର୍ଣ୍ଣ । କହିଲେ, ଭାରତ-ପାକ୍ ମଧରେ ମଧ୍ୟସ୍ଥତା କରିନି । କେବଳ ବୁଝାମଣା ପାଇଁ ସହଯୋଗ କରିଥିଲି । ଉଭୟ ଦେଶର ସର୍ବୋଚ୍ଚ ନେତା କୂଟନୈତିକ ସ୍ତରରେ ଆଲୋଚନା କରି ଅସ୍ତ୍ରବିରତି ପାଇଁ ନିଷ୍ପତ୍ତି ନେଇଛନ୍ତି । ପାକସ୍ତାନ ବିରୋଧରେ ଅପରେସନ୍ ସିନ୍ଦୂରର ସଫଳତା ପରେ ଦେଶବାସୀଙ୍କୁ ସମ୍ବୋଧନ କରିଥିଲେ ପ୍ରଧାନମନ୍ତ୍ରୀ ମୋଦୀ । କହିଥିଲେ, ଏହା କେବଳ ଏକ ସେନା ଅଭିଯାନ ନୁହେଁ ବରଂ ସିନ୍ଦୂରକୁ ନ୍ୟାୟ ଦେବାକୁ ଏକ ଅଖଣ୍ଡ ପ୍ରତିଜ୍ଞା । ଆଜି ପ୍ରତି ଆତଙ୍କୀ ଓ ଆତଙ୍କୀ ସଙ୍ଗଠନ ଜାଣିସାରିଛି ଯେ, ଆମ ମା' ଭଉଣୀଙ୍କ ମଥାର ସିନ୍ଦୂର ସହ ଖେଳିବାର ପରିଣତି କ'ଣ ହୋଇପାରେ । ଦେଶର ୩ ସେନାକୁ ପ୍ରଶଂସା କରି କହିଲେ, 'ସାରା ଦୁନିଆ ଦେଖିସାରିଛି କିପରି ଭାରତ ପାକିସ୍ତାନର ପ୍ରତିଟି ଆକ୍ରମଣର ଜବାବ ଦେଇଛି । ପାକିସ୍ତାନ କରିଥିବା ପ୍ରତିଟି ଡ୍ରୋନ ଭାରତର ଏୟାର ଡିଫେନ୍ସରେ ଛିନଛତର ହୋଇଯାଇଥିଲା ।

▶▶ପୃଷ୍ଠା ୭

## ଉଚ୍ଚଶିକ୍ଷାରେ ଏସଇବିସିଙ୍କ ପାଇଁ ସଂରକ୍ଷଣକୁ ନେଇ ରାଜନୀତି: ୫୪%ଙ୍କ ସହ ଛଳନା କହିଲେ ବିରୋଧୀ



ଭୁବନେଶ୍ୱର, ୧୫/୫ (ନି.ପ୍ର): ଶିକ୍ଷା କ୍ଷେତ୍ରରେ ସାମାଜିକ ଓ ଅର୍ଥନୈତିକ ଭାବେ ପଛୁଆ ବର୍ଗଙ୍କ ଲାଗି ରାଜ୍ୟ ସରକାରଙ୍କ ସଂରକ୍ଷଣ ନିଷ୍ପତ୍ତି ପରେ ତେଜିଲା ରାଜନୀତି। ଉଚ୍ଚ, ଉଚ୍ଚ ମାଧ୍ୟମିକ ଓ କିଛି ଧନ୍ଦାମୂଳକ ଶିକ୍ଷା କ୍ଷେତ୍ରରେ ଏସଇବିସିଙ୍କ ଲାଗି ୧୧.୨୫ ପ୍ରତିଶତ ସିଟ୍ ସଂରକ୍ଷଣ ନିଷ୍ପତ୍ତିକୁ ରାଜ୍ୟ କ୍ୟାବିନେଟ ମୋହର ମାରିଛି। ଓଡ଼ିଶାରେ ପ୍ରଥମ କରି ଏସଇବିସିଙ୍କୁ ଏ ସୁବିଧା ମିଳିବାକୁ ଯାଉଥିବାରୁ ଏହାକୁ ଐତିହାସିକ ବୋଲି କହିଛନ୍ତି ରାଜ୍ୟ ସରକାର। ଅନ୍ୟପଟେ ଏସଇବିସିଙ୍କୁ ସାଧାରଣ ଶିକ୍ଷା କ୍ଷେତ୍ରରେ ସଂରକ୍ଷଣ ଯୋଗାଇ ଇଂଜିନିୟରିଂ, ମେଡିକାଲ ଭଳି ବୈଷୟିକ ଶିକ୍ଷା କ୍ଷେତ୍ର ଲାଗି କୌଣସି ନିଷ୍ପତ୍ତି ନେଇନଥିବାରୁ ଏହାକୁ ନେଇ ସରକାରଙ୍କ ଉପରେ ବର୍ଷିଛନ୍ତି ବିରୋଧୀ । ରାଜ୍ୟର ସାମାଜିକ ଓ ଅର୍ଥନୈତିକ ଭାବେ ପଛୁଆ ବର୍ଗ ବା ଝରଇଉଙ୍କ ଲାଗି ସରକାରଙ୍କ ବଡ଼ ଘୋଷଣା। ଓଡ଼ିଶାରେ ପ୍ରଥମ ଥର ଲାଗି ଉଚ୍ଚ ମାଧ୍ୟମିକ ଓ ଉଚ୍ଚଶିକ୍ଷା କ୍ଷେତ୍ରରେ କାର୍ଯ୍ୟକାରୀ ହେବାକୁ ଯାଉଛି ସଂରକ୍ଷଣ ବ୍ୟବସ୍ଥା ।

▶▶ପୃଷ୍ଠା ୭

## ପାକିସ୍ତାନକୁ ରାଜନାଥ ଶୁଣାଇଲେ ଚରମବାଣୀ: ଧର୍ମ ପଚାରି ମାରିଥିଲେ, କର୍ମ ଅନୁସାରେ ଦଣ୍ଡ ଦେଲୁ



ନୂଆଦିଲ୍ଲୀ, ୧୫/୫ : ଅପରେସନ୍ ସିନ୍ଦୂର କେବଳ ନାଁ ନୁହେଁ ଏକ ପ୍ରତିବଦ୍ଧତା । ପହଲଗାମ ହମଲା କରି ଆତଙ୍କବାଦୀ ଆମ ମୁଣ୍ଡକୁ ଆଘାତ ଦେଲେ। ଆମେ ଛାତିକୁ ଚିରି ଶାସ୍ତି ଦେଇଛୁ। ଧର୍ମ ପଚାରି ମାରିଥିଲେ, ଆମେ କର୍ମ ଅନୁସାରେ ଦଣ୍ଡ ଦେଲୁ। ଆତଙ୍କୀଙ୍କୁ ପୋଷୁଥିବା ପାକିସ୍ତାନକୁ ଶ୍ରୀନଗର ମାଟିରୁ ଆଜି ଏଭଳି ଚରମବାଣୀ ଶୁଣାଇଛନ୍ତି ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ। ପାକିସ୍ତାନ ଭଳି ଏକ ଦାୟିତ୍ୱହୀନ ଓ ଖଳ ରାଷ୍ଟ୍ର ପାଖରେ ପରମାଣୁ ଅସ୍ତ୍ର ରହିବା ଠିକ୍ କି ବୋଲି ପ୍ରଶ୍ନ କରିଥିଲେ। ଇଣ୍ଟରନ୍ୟାସନାଲ ଆଟମିକ୍ ଏନର୍ଜି ଏଜେନସୀ ବା ଆଇଏଇଏ ତୁରନ୍ତ ପରମାଣୁ ଅସ୍ତ୍ରଶସ୍ତ୍ରକୁ ନିଜ ତଦାରଖକୁ ନେଉ ବୋଲି କହିଛନ୍ତି ରାଜନାଥ। ଏଥିସହ ପାକିସ୍ତାନକୁ ଭିକାରୀ ନମ୍ବର ୱାନ କହି ତଚ୍ଛଲ୍ୟ ବି କରିଛନ୍ତି । ଆତଙ୍କୀ ଭାରତର ମୁଣ୍ଡକୁ ଆଘାତ କଲେ। ଆମେ ସେମାନଙ୍କର ଛାତିକୁ ଚିରି ପ୍ରହାର କରିଛୁ । ଆମ ସେନା କେବଳ ଟାର୍ଗେଟ ଭେଦିଥାଏ, ଶବ ଗଣିଥାଏ ଶତ୍ରୁ । ପହଲଗାମରେ ଧର୍ମ ପଚାରି ନିର୍ଦ୍ଦୋଷଙ୍କୁ ମାରିଲେ ଆତଙ୍କୀ । ଆମେ କର୍ମ ଦେଖି ସେମାନଙ୍କୁ ମୃତ୍ୟୁଦଣ୍ଡ ଦେଇଛୁ । ସୀମାରୁ ଆତଙ୍କବାଦୀ ଓ ଆତଙ୍କୀଙ୍କ ଆଡ୍ଡା ପାଲଟିଥିବା ପାକିସ୍ତାନକୁ ଏମିତି କହି ନିର୍ଦ୍ଧୂମ ଧୋଇଛନ୍ତି ପ୍ରତିରକ୍ଷା ମନ୍ତ୍ରୀ ରାଜାନାଥ ସିଂ । ସିଧାସିଧା ଚରମବାଣୀ ଶୁଣାଇଛନ୍ତି, ଆଉ ପହଲଗାମ ଭୁଲ ପାଇଁ କିଭଳି ଭୟଙ୍କର ଦଶା ଭୋଗିଲେ କହି ଚେତେଇ ବି ଦେଇଛନ୍ତି । ଆଜି ଶ୍ରୀନଗର ଏୟାରବେସରେ ପହଞ୍ଚିଥିଲେ ରାଜନାଥ ସିଂ। ଯବାନଙ୍କୁ ଭେଟି ଜୋସ୍ ଭରିଥିଲେ। ଦେଶର ଜାଗ୍ରତ ପ୍ରହରୀଙ୍କ ହୋସଲା ବଢ଼ାଇବା ସହ ରାଜନାଥ କହିଥିଲେ, ପାକିସ୍ତାନରେ ପଶି ଆକ୍ରମଣ କରିଛୁ । ଛାତିକୁ ଚିରି ଉଚିତ ଶିକ୍ଷା ଦେଇଛୁ। ଆତଙ୍କବାଦୀ ଘାଟିରେ ହୁଅନ୍ତୁ କି ବଙ୍କରରେ ଯେଉଁଠି ବି ଲୁଚିଥିଲେ ମାରିବୁ । ସେମାନଙ୍କ କର୍ମ ଅନୁସାରେ ଶାସ୍ତି ଦେବା ଭାରତୀୟ ଧର୍ମ ବୋଲି କହିଛନ୍ତି ରାଜନାଥ। ଟେରୋରିଜମ୍ ସହ ନ୍ୟୁକ୍ଲିୟର ବ୍ଲାକମେଲ୍ କଥା କହି ପାକିସ୍ତାନକୁ ବାଣ ମାରିଛନ୍ତି ରାଜନାଥ ।

▶▶ପୃଷ୍ଠା ୭

## ଜୟଶଙ୍କରଙ୍କ ଆହ୍ୱାନ: ପାକିସ୍ତାନ ପିବନି ସିନ୍ଧୁ ଜଳ, କେବଳ ପିଓକେ ପ୍ରସଙ୍ଗରେ ଆଲୋଚନା କରିବୁ



ନୂଆଦିଲ୍ଲୀ, ୧୫/୫ : ବୈଦେଶିକ ମନ୍ତ୍ରୀ ଏସ ଜୟଶଙ୍କରଙ୍କ ବଡ଼ ସୂଚନା । ପାକିସ୍ତାନ ସହ ସିନ୍ଧୁ ନଦୀ ଜଳ ଚୁକ୍ତି ସ୍ଥଗିତ ନିଷ୍ପତ୍ତି ବଳବତ୍ତର ରହିବ । ବୈଦେଶିକ ମନ୍ତ୍ରୀ କହିଛନ୍ତି, 'ସୀମାପାର ଆତଙ୍କବାଦ ବନ୍ଦ ନହେବା ପର୍ଯ୍ୟନ୍ତ ଚୁକ୍ତି ସ୍ଥଗିତ ରହିବ । କାଶ୍ମୀର ଉପରେ ଆଲୋଚନା ହେବାକୁ ଥିବା ଏକମାତ୍ର ବିଷୟ ଚଡକ ।

▶▶ପୃଷ୍ଠା ୭

# ଆଞ୍ଚଳିକ ଓଡ଼ିଶା ଭିଜନ ୨୦୩୬ ଓ ୨୦୪୭ ବିକଶିତ ଭାରତ ପାଇଁ ବିକଶିତ ଓଡ଼ିଶା ପରାମର୍ଶ କର୍ମଶାଳା ଅନୁଷ୍ଠିତ




ବାଲେଶ୍ୱର , ୧୫/୫ (ନି.ପ୍ର): ଅଦ୍ୟ ଦିବା ଘ ୧ ୧ଟିକା ସମୟରେ ସ୍ଥାନୀୟ ନୋସି ଅଡ଼ିଟରିୟମ ଠାରେ ଆଞ୍ଚଳିକ ଓଡ଼ିଶା ଭିଜନ ୨୦୩୬ ଓ ୨୦୪୭ ବିକଶିତ ଭାରତ ପାଇଁ ବିକଶିତ ଓଡ଼ିଶା ପରାମର୍ଶ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ମାନ୍ୟବର ଉପମୁଖ୍ୟମନ୍ତ୍ରୀ ତଥା ମହିଳା ଓ ଶିଶୁ ବିକାଶ, ମିଶନ ଶକ୍ତି ଓ ପର୍ଯ୍ୟଟନ ମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡ଼ାଙ୍କ ସମେତ ମାନ୍ୟବର ବାଲେଶ୍ୱର ସାଂସଦ ଶ୍ରୀ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ମାନ୍ୟବର ଭଦ୍ରକ ସାଂସଦ ଶ୍ରୀ ଅଭିମନ୍ୟୁ ସେଠି, ମାନ୍ୟବର ଯାଜପୁର ସାଂସଦ ଶ୍ରୀ ରବୀନ୍ଦ୍ର ନାରାୟଣ ବେହେରା, ସରକାରୀ ଉପମୁଖ୍ୟ ସଚେତକ ତଥା ରେମୁଣା ବିଧାୟକ ଶ୍ରୀ ଗୋବିନ୍ଦ ଚନ୍ଦ୍ର ଦାସ, ବାଲେଶ୍ୱର ସଦର ବିଧାୟକ ଶ୍ରୀ ମାନସ କୁମାର ଦତ୍ତ, ବସ୍ତା ବିଧାୟିକା ଶ୍ରୀମତୀ ସୁବାସିନୀ ଜେନା, ନୀଳଗିରି ବିଧାୟକ ଶ୍ରୀ ସନ୍ତୋଷ ଖଟୁଆ, ସିମୁଳିଆ ବିଧାୟକ ଶ୍ରୀ ପଦ୍ମଲୋଚନ ପଣ୍ଡା, ଜିଲ୍ଲାପରିଷଦର ସଭାପତି ଶ୍ରୀ ନାରାୟଣ ପ୍ରଧାନ, ଗୃହ ଓ ନଗର ଉନ୍ନୟନ ପ୍ରମୁଖ ସଚିବ ଶ୍ରୀମତୀ ଉଷା ପାଢ଼ୀ, ପ୍ରମୁଖ ମଞ୍ଚାସିନ ଅତିଥି ମାନଙ୍କ ପରିଚୟ ଜିଲ୍ଲା ପରିଷଦ ଅତିରିକ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ ଡ଼। ମଧୁସ୍ମିତା ସାମନ୍ତରାୟ ପ୍ରଦାନ କରିଥିଲେ। ଏହି କର୍ମଶାଳାରେ ବାଲେଶ୍ୱର ଜିଲ୍ଲାପାଳ ଶ୍ରୀ ସୂର୍ଯ୍ୟବଂଶୀ ମୟୁର ବିକାଶ ଆଞ୍ଚଳିକ ଓଡ଼ିଶା ଭିଜନ ୨୦୩୬ ଓ ୨୦୪୭ ବିକଶିତ ଭାରତ ପାଇଁ ବିକଶିତ ଓଡ଼ିଶା ପାଇଁ ମଞ୍ଚାସିନ ଅତିଥି ମାନଙ୍କ ପରାମର୍ଶ ନିମନ୍ତେ ଆମନ୍ତ୍ରଣ କରିଥିଲେ। ଏହି କର୍ମଶାଳାର ଆବଶ୍ୟକତା ଓ ଉଦ୍ଦେଶ୍ୟ ସମ୍ପର୍କରେ ଓଡ଼ିଶାର ମାନ୍ୟବର ଉପମୁଖ୍ୟମନ୍ତ୍ରୀ ତଥା ମହିଳା ଓ ଶିଶୁ ବିକାଶ, ମିଶନ ଶକ୍ତି ଓ ପର୍ଯ୍ୟଟନ ମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡ଼ା ନିଜ ବକ୍ତବ୍ୟରେ ଓଡ଼ିଶାର ୨୦୩୬ ଭାଷାଭିତ୍ତିକର ରାଜ୍ୟ ଭାବେ ଶହେ ବର୍ଷ ପୂର୍ତ୍ତି ଏବଂ ଭାରତର ୨୦୪୭ରେ ସ୍ୱାଧୀନତାର ଶହେ ବର୍ଷ ପୂର୍ତ୍ତି ପରିପ୍ରେକ୍ଷୀରେ ବିକଶିତ ଭାରତ ପାଇଁ ବିକଶିତ ଓଡ଼ିଶା ୩୬ଟି କ୍ଷେତ୍ର ଉପରେ ଦୁରଦୃଷ୍ଟି ରଖି କାର୍ଯ୍ୟ କଲେ ବିଶେଷ ଚର୍ଚ୍ଚା। ଆଲୋଚନା ମାଧ୍ୟମରେ ନିଷ୍କର୍ଷରେ ଉପନୀତ ହୋଇ ପାରିଲେ ବିକଶିତ ସୁନିଶ୍ଚିତ ବୋଲି ପ୍ରକାଶ କରିଥିଲେ। ଏହି କର୍ମଶାଳାରେ ଗୃହ ଓ ନଗର ଉନ୍ନୟନ ପ୍ରମୁଖ ସଚିବ ଶ୍ରୀମତୀ ଉଷା ପାଢ଼ୀ ସରକାରଙ୍କ ଓଡ଼ିଶା ଭିଜନ ୨୦୩୬ ଓ ୨୦୪୭ ବିକଶିତ ଭାରତ ପାଇଁ ବିକଶିତ ଓଡ଼ିଶା ପାଇଁ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଯଥା ଶ୍ରମ ଗୁରୁତ୍ୱପୂର୍ଣ୍ଣ ଶିଳ୍ପ, ଉଦ୍ୟୋଗୀୟ ପାୱାରହାଉସ, ବିନିଯୋଗ ପାଇଁ ଓଡ଼ିଶା ଏକ ପ୍ରାଥମିକ ଗନ୍ତବ୍ୟ, ନାଗରିକରଣ ଏକ ବୃଦ୍ଧିର ଇଞ୍ଜିନ, ଆଇ।ଟି/ ଆଇ।ଟି।ଇ।ଏସ ଉପରେ ଗୁରୁତ୍ୱ, ଥିଙ୍କ ଇଣ୍ଡିଆ - ଥିଙ୍କ ଓଡ଼ିଶା, ଜଳସେଚନ କଭରେଜରେ ବୃଦ୍ଧି, ଫଳପ୍ରଦ ଶାସନ ପାଇଁ ପ୍ରଯୁକ୍ତିର ବ୍ୟବହାର, ଓଡ଼ିଶାରେ କୌଶଳ - ବିଶ୍ୱ ପାଇଁ କୌଶଳ ଏବଂ ପୂର୍ବାଞ୍ଚଳର ଶିକ୍ଷା କେନ୍ଦ୍ର ଉପରେ ଆଲୋକପାତ କରିଥିଲେ। ବାଲେଶ୍ୱରର ମାନ୍ୟବର ସାଂସଦ ଶ୍ରୀ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ବିକଶିତ ଓଡ଼ିଶା ଓ ବିକଶିତ ଭାରତ ପାଇଁ ଦୁର୍ନୀତିର ମୂଳ ଉତ୍ପାଟନ ଉପରେ ଗୁରୁତ୍ୱାରୋପ କରିଥିଲେ। ମାନ୍ୟବର ଭଦ୍ରକ ସାଂସଦ ଶ୍ରୀ ଅଭିମନ୍ୟୁ ସେଠି ଓ ମାନ୍ୟବର ଯାଜପୁର ସାଂସଦ ଶ୍ରୀ ରବୀନ୍ଦ୍ର ନାରାୟଣ ବେହେରା ଓଡ଼ିଶା ଭିଜନ ୨୦୩୬ ଓ ୨୦୪୭ ବିକଶିତ ଭାରତ ପାଇଁ ବିକଶିତ ଓଡ଼ିଶା ନିଜର ବହୁମୂଲ୍ୟ ମତ ବ୍ୟକ୍ତ କରିଥିଲେ। ପରେ ପରେ ବିଭିନ୍ନ ବର୍ଗର ବୁଦ୍ଧିଜୀବୀ, ପ୍ରତିନିଧି ମାନଙ୍କୁ ନେଇ ତିନୋଟି ପର୍ଯ୍ୟାୟରେ ବାଲେଶ୍ୱର ଜିଲ୍ଲାପାଳ ଶ୍ରୀ ସୂର୍ଯ୍ୟବଂଶୀ ମୟୁର ବିକାଶ, ବାଲେଶ୍ୱର ସଦର ଉପଜିଲ୍ଲାପାଳ ଶ୍ରୀ ପ୍ରଥମେଶ ଅରବିନ୍ଦ ରାଜେଶିର୍କେ, ନୀଳଗିରି ଉପଜିଲ୍ଲାପାଳ ଶ୍ରୀମତୀ ଶୁଭଶ୍ରୀ ରଥ, ଜିଲ୍ଲା ପର୍ଯ୍ୟଟନ ଅଧିକାରୀ ଶ୍ରୀ ଅମ୍ଳାନ ନାୟକ ପରାମର୍ଶ କର୍ମଶାଳାର ପରିଚାଳନା କରିଥିଲେ। ସହରର ଶିଳ୍ପପତି ମାନେ ସିଙ୍ଗଲ୍ ୱିଣ୍ଡୋ ସିଷ୍ଟମରେ ସୁଧାର, ମହାରାଣୀ କୁମାରୀ ମୃଣାଳିକା ଭଞ୍ଜ ଦେଓ ପର୍ଯ୍ୟଟନ କ୍ଷେତ୍ରରେ ତାରକା ହୋଟେଲର ପୁଞ୍ଜିନିବେଶ, ଆଦିବାସୀଙ୍କ ପାରମ୍ପରିକ ଜ୍ଞାନ, କଳାକୃତି ଓ ଆୟୁର୍ବେଦ, ସମ୍ମାନୀୟ ପୂର୍ବତନ ବାଲେଶ୍ୱର ସାଂସଦ ଶ୍ରୀ ରବୀନ୍ଦ୍ର କୁମାର ଜେନାଙ୍କ କୃଷି, ମତ୍ସ୍ୟ ଓ ବନ୍ଦରର ବିକାଶ, କ୍ରୀଡ଼ାବିତ ଦୁତି ଚାନ୍ଦ କ୍ରୀଡ଼ାର ଭିତ୍ତିଭୂମି ସୁଧାର, ପୋଲିସ ପ୍ରଶାସନର ଡି।ଆଇ।ଜି (ପୂର୍ବାଞ୍ଚଳ) ଡ।ସତ୍ୟଜିତ ନାଏକ, ଆରକ୍ଷୀ ଅଧିକ୍ଷକ ଶ୍ରୀ ରାଜ ପ୍ରସାଦ ଆଧୁନିକୀକରଣ ଓ ସାଇବର ସୁରକ୍ଷା, ପି।ଏକ୍ସ।ଇ ନିର୍ଦ୍ଦେଶକ ଓ ଆଇ।ଟି।ଆର ନିର୍ଦ୍ଦେଶକ ବିଜ୍ଞାନ ଓ ଗବେଷଣା ଦେଶର ବିକାଶ ଓ ଆତ୍ମନିର୍ଭରତାର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ପରିଶେଷରେ ଜିଲ୍ଲାପାଳ ଶ୍ରୀ ସୂର୍ଯ୍ୟବଂଶୀ ମୟୁର ବିକାଶ ଧନ୍ୟବାଦ ଅର୍ପଣ କରି' ପରାମର୍ଶ କର୍ମଶାଳାର ସମାପନ ଘୋଷଣା କରିଥିଲେ।

# ଶ୍ରୀ ରଘୁନାଥଜୀଉ ମଠର କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ସମସ୍ତ କ୍ଷମତା ବାଜ୍ୟାପ୍ତ

ନୀଳଗିରି, ୧୫/୫ (ନି.ପ୍ର): ଦୀର୍ଘଦିନ ଧରି ନୀଳଗିରି ଶ୍ରୀରଘୁନାଥଜୀଉ ମଠରେ କାର୍ଯ୍ୟନିର୍ବାହୀ ଅଧିକାରୀ ନଥିବାରୁ ସଭାପତିଙ୍କ ନିର୍ଦ୍ଦେଶରେ ଟ୍ରଷ୍ଟବୋର୍ଡ ସଦସ୍ୟ ଶ୍ରୀମହେନ୍ଦ୍ର ନାଥ ବେହେରାଙ୍କୁ କାର୍ଯ୍ୟକାରୀ କାର୍ଯ୍ୟନିର୍ବାହୀ ଅଧିକାରୀ ଭାବେ ନିଯୁକ୍ତି ମିଳିଥିଲା। ମାତ୍ର କାର୍ଯ୍ୟକାରୀ କାର୍ଯ୍ୟନିର୍ବାହୀ ଅଧିକାରୀ ନିଜ ମନମୁତାବକ କାର୍ଯ୍ୟକରିବା, ଟ୍ରଷ୍ଟବୋର୍ଡ ସଦସ୍ୟମାନଙ୍କୁ ନପଚାରି କିମ୍ବା କୌଣସି ବୈଠକ ନଡାକି ଆର୍ଥିକ ନେଣଦେଣ କରିବା, ବାଲ୍ୟବିବାହକୁ ଅଗ୍ରାଧିକାର ଦେବା, ଠାକୁର ସମ୍ପତ୍ତି ଅବରୋଧକାରୀଙ୍କୁ ସହାୟତା କରିବା, ବାହାର ଲୋକଙ୍କୁ ମନ୍ଦିରରେ ବସାଇ ବାଲ୍ୟବିବାହ ଠାରୁ ଆରମ୍ଭକରି ଆର୍ଥିକ କାରବାର କରିବାକୁ କ୍ଷମତା ପ୍ରଦାନ କରିବା ଫଳରେ ବିଭିନ୍ନ ଗଣମାଧ୍ୟମରେ ଖବରପ୍ରକାଶ ପାଇବାପରେ ଦେବୋତ୍ତର ନୀରିକ୍ଷକ ତାଙ୍କ ତଦନ୍ତ ରିପୋର୍ଟ ଚିଠି ନମ୍ବର ୨୪୨ତା ୯.୫.୨୫ରିଖରେ କଟକ ସ୍ଥିତ ଆଡ଼ିସିନାଲ ଆସିଷ୍ଟାଣ୍ଟ ଦେବୋତ୍ତର କମିଶନରଙ୍କୁ ପ୍ରଦାନ କରିବା ପରେ କଟକ ସ୍ଥିତ ମାନ୍ୟବର ଅତିରିକ୍ତ ସହାୟକ ଦେବୋତ୍ତର ଆୟୁକ୍ତ ତାଙ୍କ ଚିଠି ନମ୍ବର ୧୫୬୪ ତା୧୪.୫.୨୫ରିଖରେ ମଠର ସଭାପତି ଥିବା ସ୍ଥାନୀୟ ତହସିଲଦାରଙ୍କୁ ମଠରୁ କାର୍ଯ୍ୟକାରୀ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ହାତରୁ ଆର୍ଥିକ କ୍ଷମତା କାଢିନେବା ସଙ୍ଗେ ସଙ୍ଗେ ମଠର କୌଣସି କାର୍ଯ୍ୟରେ ହସ୍ତକ୍ଷେପ ନକରିବାକୁ ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ବ୍ୟାଙ୍କରେ ଥିବା କାର୍ଯ୍ୟକାରୀ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ନାମରେ ଆକାଉଣ୍ଟକୁ ମଠର ସଭାପତି ତଥା ସ୍ଥାନୀୟ ତହସଲଦାର ନିଜ ହାତକୁ ନେବାକୁ ନିର୍ଦ୍ଦେଶ ଦେଇଛନ୍ତି। ପୁଣି ମନ୍ଦିରରେ ବାଲ୍ୟବିବାହ ନକରିବା, ଠାକୁର ସମ୍ପତ୍ତିକୁ ଅବରୋଧ କରିଥିବା ଅବରୋଧକାରିଙ୍କ ପ୍ରତି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣକରିବା ଓ ଅବିଳମ୍ବେ ଅବରୋଧକାରୀଙ୍କୁ ହଟାଇ ଠାକୁରଙ୍କ ସମ୍ପତ୍ତିକୁ ଅବରୋଧ ମୁକ୍ତ କରିବାକୁ ନିର୍ଦ୍ଦେଶ ନାମରେ ଅର୍ଥାତ ମାନ୍ୟବର କଟକ ଆୟୁକ୍ତଙ୍କ ଚିଠି ନମ୍ବର ୧୫୬୫ତା ୧୪.୫.୨୫ରିଖରେ ଜଣାଇଛନ୍ତି। ବର୍ତ୍ତମାନ କାର୍ଯ୍ୟକାରୀ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ମାତୃବିୟଗ ଘଟିଥିବା ବେଳେ ସେହି ଅଧିକାରୀ ବାହାର ବ୍ୟକ୍ତିଙ୍କୁ ମନ୍ଦିରରେ ବସାଇ ରସିଦ କାଟିବା ଓ ଆର୍ଥିକ କାରବାର କରାଇବା ଫଳରେ ଅର୍ଥ ହେରଫେରର ସୂଚନା ମିଳିଛି। ଯାହାକି ମନ୍ଦିରର ଆର୍ଥିକ କାରବାରରେ ପ୍ରାୟ ୫ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ହଡ଼ପ ହେବା, ମାନ୍ୟବର କଟକ ଆୟୁକ୍ତ ଙ୍କ ଦ୍ୱାରା ପରିଦର୍ଶନ ସମୟରେ ନିର୍ବାହୀ ଅଧିକାରୀ ୫୦ହଜାର ଟଙ୍କା ହଡ଼ପ କରିଥିବାର ଜଣାପଡିଛି। ଆହୁରି ମଧ ଜଣାପଡିଛି କି ପ୍ରାୟ ୧୦ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ବ୍ୟାଙ୍କ ଉଠାଣ ଅର୍ଥର ହିସାବ ନମିଳିବା ନିଶ୍ଚିତ ଭାବେ କାର୍ଯ୍ୟକାରୀ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ସ୍ୱଚ୍ଛତା ଉପରେ ପ୍ରଶ୍ନ ଚିହ୍ନ ସୃଷ୍ଟି କରିଛି। ଆଗାମୀ ଦିନରେ ମଠର ସଭାପତି ତଥା ସ୍ଥାନୀୟ ତହସଲଦାର ତାଙ୍କ ପ୍ରତି କଣ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛନ୍ତି ତାହା ଦେଖିବାକୁ ବାକି ରହିଲା।

# ତ୍ରିରଙ୍ଗା ପଦଯାତ୍ରା ପ୍ରସ୍ତୁତି ବୈଠକ



ବାଲେଶ୍ୱର, ୧୫/୫ (ନି.ପ୍ର): ଅପରେସନ ସିନ୍ଦୂରର ଅପାର ସଫଳତା ଓ ତିନି ସେନାବାହିନୀର ଶୌର୍ଯ୍ୟ ବୀରତାକୁ ସମ୍ମାନ ଜଣାଇ ସମଗ୍ର ଦେଶରେ ତ୍ରିରଙ୍ଗା ଯାତ୍ରା ଆୟୋଜିତ ହେଉଅଛି। ଏହିକ୍ରମରେ ବାଲେଶ୍ୱର ଜିଲ୍ଲାରେ ଏକ ତ୍ରିରଙ୍ଗା ପଦଯାତ୍ରା ପାଇଁ ପ୍ରସ୍ତୁତି ବୈଠକ ଜିଲ୍ଲା ସଭାପତି ଶ୍ରୀଯୁକ୍ତ ଇଶ୍ୱର ଚନ୍ଦ୍ର ବେହେରାଙ୍କ ସଭାପତିତ୍ୱରେ ସ୍ଥାନୀୟ ରୟାଲ କୁଇନ ସମ୍ମିଳନୀ କକ୍ଷରେ ଆୟୋଜିତ ହୋଇଯାଇଛି। ବାଲେଶ୍ୱର ସାଂସଦ ଶ୍ରୀଯୁକ୍ତ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ପୁର୍ବତନ ବିଧାୟକ ଜୀବନ ପ୍ରଦୀପ ଦାସ, ପୁର୍ବତନ ମହିଳା ମୋର୍ଚ୍ଚା ରାଜ୍ୟ ଉପସଭାପତି ସୁଷମା ରାଣୀ ବିଶ୍ୱାଳ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଶୁଭଙ୍କର ମହାପାତ୍ର, ଜିଲ୍ଲା ସାଧାରଣ ସମ୍ପାଦକ ପର୍ଶୁରାମ ପରିଡ଼ା, ଜିଲ୍ଲା ଉପସଭାପତି କରୁଣାକର ପଣ୍ଡାଙ୍କ ସମେତ ସମସ୍ତ ଜିଲ୍ଲା ପଦାଧିକାରୀ ଓ ମଣ୍ଡଳ ସଭାପତିଙ୍କୁ ନେଇ ଚର୍ଚ୍ଚା ଆଲୋଚନା ମାଧ୍ୟମରେ ଦିନ, ସମୟ ଓ ପଦଯାତ୍ରାର ସାରଣୀ ସ୍ଥିରୀକୃତ ହୋଇଥିଲା। ଆଗାମୀ ୧୭-୦୫-୨୫ ତାରିଖ ଅପରାହ୍ନ ୪ଟା ସମୟରେ ଗାନ୍ଧୀ ସ୍ମୃତି ଭବନଠାରୁ ଆରମ୍ଭ ହୋଇ ଫକୀରମୋହନ ଗୋଲେଇ - ଫାଣ୍ଡି ଛକ ହୋଇ ମିଶନ ପଡ଼ିଆ ପର୍ଯ୍ୟନ୍ତ ଯିବ। ପଦଯାତ୍ରାରେ ବିପୁଳ ସଂଖ୍ୟାରେ ଯୋଗଦାନ କରିବା ପାଇଁ ଜିଲ୍ଲାବାସୀଙ୍କୁ ସାଂସଦ ଶ୍ରୀଯୁକ୍ତ ଷଡ଼ଙ୍ଗୀ ଅନୁରୋଧ ରଖିଛନ୍ତି।

# ବିଦ୍ୟାଳୟରେ ନାମ ଲେଖାଇପାରିଲେ ନାହିଁ କବିତା



ଉଦଳା, ୧୫/୫ (ନି.ପ୍ର): ଯେ ହେଉଛି କପ୍ତିପଦା ବ୍ଲକର ପଦ୍ମପୋଖରି ପଂଚାୟତ ଅନ୍ତର୍ଗତ ଠାକୁରାସାହିର ଦୃଶ୍ୟ । ଉକ୍ତ ସାହିର ବାସିନ୍ଦା ରଣବିର ସିଂଙ୍କର ୬ ବର୍ଷ ବୟସର କନ୍ୟା 'କବିତା' ବିଦ୍ୟାଳୟରେ ନାମ ଲେଖାଇ ପାରିନଥିବାର ଅବିଭାବକ ଜଣାଇଛନ୍ତି । ନିକଟରେ ଶିକ୍ଷକ, ଶିକ୍ଷୟିତ୍ରି ମାନେ ଘର ଘର ବୁଲି ବିଦ୍ୟାଳୟ ବାହାରେ ଥିବା ପିଲାଙ୍କୁ ଚିହ୍ନଟ କଲେ । ଅଥଚ 'କବିତା' କିପରି କାହାର ନଜରରେ ପଡ଼ିଲେ ନାହିଁ ତାହା ସାଧାରଣରେ ପ୍ରଶ୍ନବାଚି ସୃଷ୍ଟି କରିଛି । ଏପରିକି 'କବିତା'ଙ୍କ ନାମ ଲେଖା ପାଇଁ ସରକାରୀ ବାବୁ ମାନଙ୍କର ସହଯୋଗ ଆଦୌ ମିଳିପାରିଲା ନାହିଁ ବୋଲି ମାତା ଶକ୍ତି ସିଂ ଅଭିଯୋଗ କରିଛନ୍ତି । ପ୍ରଥମରୁ ଚଉଦ ବର୍ଷ ବୟସ ପର୍ଯ୍ୟନ୍ତ ସମସ୍ତ ପିଲାଙ୍କୁ ମାଗଣା ଓ ବାଧ୍ୟତାମୂଳକ ଶିକ୍ଷା ସରକାର ଘୋଷଣା କରିଛନ୍ତି । ଅଥଚ 'କବିତା'ଙ୍କ ପରି ବହୁ ସଂଖ୍ୟାରେ ପିଲା ବିଭିନ୍ନ କାରଣରୁ ଏବେ ମଧ ବିଦ୍ୟାଳୟ ବାହାରେ ଅଛନ୍ତି । ବିଭାଗୀୟ କର୍ତ୍ତୃପକ୍ଷ ତୁରନ୍ତ ଏଥିପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି ।

# ସୁଗୋ ନୋଡାଲ ଉଚ୍ଚ ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ପାଳନ ପାଇଁ ପ୍ରସ୍ତୁତି ବୈଠକ

ବାସୁଦେବପୁର, ୧୫/୫ (ନି.ପ୍ର): ବାସୁଦେବପୁର ବ୍ଲକ ଅନ୍ତର୍ଗତ ସୁଗୋ ନୋଡାଲ ଉଚ୍ଚ ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ପାଳନ ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇ ଯାଇଛି। ଏହି ବୈଠକରେ ରାଜା କୁମାର ନାୟକ ସଭାପତିତ୍ୱ କରିଥିଲେ। ଏହି ବିଦ୍ୟାଳୟର ପୁରାତନ ଛାତ୍ର ଧାମ ନଗର ର ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ପୁରାତନ ଛାତ୍ର ପ୍ରଫୁଲ୍ଲ କୁମାର ରାୟ, ଆଲୁମୁନି କମିଟି ସଭାପତି ଦେବେନ୍ଦ୍ର ବାରିକ୍, ସମିତି ସଭ୍ୟ କୈଳାସ ଚନ୍ଦ୍ର ଜେନା, ପୁରାତନ ଛାତ୍ର ଚକ୍ରଧର ବେହେରା, ଖଗେଶ୍ୱର ବେହେରା, ଉଗ୍ରସେନ ନାୟକ, ବସନ୍ତ ସାହୁ, ନିର୍ମଳ କୁମାର ମଣ୍ଡଳ ପ୍ରମୁଖ ଏହି ପ୍ରସ୍ତୁତି ବୈଠକ ରେ ଯୋଗ୍ ଦେଇଥିଲେ। ବିଦ୍ୟାଳୟର ପ୍ରତିଷ୍ଠାତା ସ୍ୱର୍ଗତ କରୁଣାକର ନାୟକ, ସ୍ୱର୍ଗତ ରବୀନ୍ଦ୍ର କୁମାର ରାୟ, ସ୍ୱର୍ଗତ ଭାଗୀରଥି ଜେନା ଓ ସ୍ୱର୍ଗତ ଭଗବାନ ଚନ୍ଦ୍ର ଦାସଙ୍କ ସ୍ମୃତି ଉଦ୍ଦେଶ୍ୟରେ ସମସ୍ତ ଙ୍କ ପ୍ରତିମୂର୍ତ୍ତି ବିଦ୍ୟାଳୟ ପରିସରରେ ସ୍ଥାପନ କରିବା ପାଇଁ ଏହି ବୈଠକରେ ସର୍ବ ସମ୍ମତି କ୍ରମେ ସ୍ଥିର ହୋଇ ଥିଲା। ବହୁ ପୁରାତନ ଛାତ୍ର ଛାତ୍ରୀ ଏହି ସୁବର୍ଣ୍ଣ ଜୟନ୍ତୀ ଉତ୍ସବରେ ଯୋଗ ଦେବେ ଏବଂ ସମସ୍ତ ଦାୟିତ୍ୱ ଠିକ୍ ଭାବେ ସମ୍ପନ୍ନ କରିବେ ବୋଲି ମତ ପ୍ରକାଶ ପାଇଥିଲା।

# ସାପ କାମୁଡ଼ାରେ ଯୁବତୀଙ୍କ ମୃତ୍ୟୁ



ବସ୍ତା, ୧୫/୫ (ନି.ପ୍ର): ବସ୍ତା ବ୍ଲକ ଜମାଲପୁର ଗ୍ରାମର ଜନୈକା ନା ବାଳିକା ଘରେ ସେଇଥିବା ସମୟରେ ବିଷାକ୍ତ ସାପ କାମୁଡ଼ାରେ ତାଙ୍କର ମୃତ୍ୟୁ ଘଟିଛି ।ମୃତକ ଜଣକ ହେଲେ ଗଙ୍ଗାଧର ରାଉତ ଙ୍କ ଝିଅ ଶ୍ରାବଣୀ ରାଉତ (୧୮)ରାତିରେ ଶ୍ରାବଣୀ ନିଜ ଘରେ ଶୋଇଥିବା ସମୟରେ ଏକ ବିଷଧର ନାଗ ସାପ ତାଙ୍କୁ କାମୁଡି ଦେଇଥିଲା ପରିବାର ଲକେ ଆମ୍ବୁଲେନ୍ସ ଫୋନ କରି ଡାକି ଥିଲେ କିନ୍ତୁ ଆମ୍ବୁଲେନ୍ସ ଆସିବାରେ ବିଳମ୍ବ କରି ଥିବାରୁ ସେ ଗୋଟେ ପ୍ରାଇଭେଟ ଗାଡି କରି ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟ କୁ ନେଇ ଯିବା ସମୟରେ ରାସ୍ତାରେ ତାଙ୍କର ମୃତ୍ୟୁ ହେଇ ଥିଲା

# ବିପର୍ଯ୍ୟସ୍ତ ହୋଇପଡିଛି ଜିଲ୍ଲାର ଆଇନ ଶୃଙ୍ଖଳା ପରିସ୍ଥିତି

- ୱାର୍ଡ କାଉନସିଲର ଓ ସହଯୋଗୀଙ୍କୁ ମରଣାନ୍ତକ ଆକ୍ରମଣ
- ଅଭିଯୋଗ ସତ୍ତ୍ୱେ ପୁଲିସର କାର୍ଯ୍ୟାନୁଷ୍ଠାନ ଶୂନ୍ୟ
- ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ଏସପିଙ୍କୁ ଭେଟିଲା ବିଜେଡି
- ପଦକ୍ଷେପ ଗ୍ରହଣ ନକରିଲେ ଆନ୍ଦୋଳନ ଚେତାବନୀ



ବାରିପଦା, ୧୫/୫ (ନି.ପ୍ର): ଶାନ୍ତିପ୍ରିୟ ମୟୁରଭଞ୍ଜ ଜିଲ୍ଲା ବର୍ତ୍ତମାନ ଅପରାଧୀ ମାନଙ୍କ ପାଇଁ ଭୂସ୍ୱର୍ଗ ପାଲଟିଛି। ଆଇନଶୃଙ୍ଖଳା ପରିସ୍ଥିତି ଭୁଶୁଡି ପଡିଥିବା ବେଳେ ଅପରାଧୀ ମାନେ ଖୁଲମଖୁଲା ଭାବେ ଅପରାଧ ଭିଆଉଛନ୍ତି। ଯାହାକୁ ନିୟନ୍ତ୍ରଣ କରିବାରେ ରାଜ୍ୟ ସରକାର ଓ ପୁଲିସ ପ୍ରଶାସନ ସମ୍ପୂର୍ଣ୍ଣ ଭାବେ ବିଫଳ ହୋଇଛନ୍ତି। ଏନେଇ ବିଜେଡି ପକ୍ଷରୁ ଏକ ପ୍ରତିନିଧି ଦଳ ମୟୂରଭଞ୍ଜ ଏସପି ବରୁଣ ଗୁଣ୍ଟୁପାଲିଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି। ବାରିପଦା ସହରରେ ଲୁଟ ଛିନତାଇର ମାତ୍ରା ଦିନକୁ ଦିନ ବୃଦ୍ଧି ପାଉଥିବା ବେଳେ ଅସାମାଜିକ ଲୋକଙ୍କ ଆଡ୍ଡା ସ୍ଥଳୀ ପାଲଟଛି। ବୁଧବାର ସନ୍ଧ୍ୟାରେ ବାରିପଦା ପୌରପାଳିକାର ୱାର୍ଡ ନମ୍ବର ୨୨ କାଉନସିଲର ସୁଧୀର ବାରିକଙ୍କ ସମେତ ତାଙ୍କ କିଛି ସହଯୋଗୀ ମାନଙ୍କୁ ମରଣାନ୍ତକ ଆକ୍ରମଣ କରିଛନ୍ତି। ୨୦ରୁ ଉର୍ଦ୍ଧ୍ୱ ଦୁର୍ବୃତ୍ତ ମାନେ ସଙ୍ଗବଦ୍ଧ ଭାବେ ବିଭିନ୍ନ ମାରଣାସ୍ତ୍ରରେ ଆକ୍ରମଣ କରିଥିଲେ। କାଉନସିଲର ସମେତ ୪ଜଣ ଆକ୍ରମଣର ଶିକାର ହୋଇଥିବା ବେଳେ ୨ଜଣ ଗଭୀର ଆଘାତରେ ଗୁରୁତ୍ୱର ହୋଇ ପିଆରଏମ ମେଡ଼ିକାଲ କଲେଜ ଏବଂ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। ଘଟଣା ବାବଦରେ ଭଞ୍ଜପୁର ଥାନାରେ ଲିଖିତ ଅଭିଯୋଗ କରାଯାଇଛି। କିନ୍ତୁ ପୁଲିସ କୌଣସି ପଦକ୍ଷେପ ଗ୍ରହଣ କରୁନାହିଁ। ଦୁର୍ବୃତ୍ତ ମାନେ ଅପରାଧ ଭିଆଇ ଖୁଲମଖୁଲା ଭାବେ ବୁଲୁଛନ୍ତି। କିନ୍ତୁ ପୁଲିସର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାରେ ପଛଘୁଞ୍ଚା ଦେଉଛି। ଯାହାକି ଅତି ଦୁର୍ଭାଗ୍ୟଜନକ ଅଟେ ବୋଲି ବିଜେଡି ଜିଲ୍ଲା ସଭାପତି ତଥା ପୂର୍ବତନ ମନ୍ତ୍ରୀ ସୁଦାମ ମାର୍ଣ୍ଡି କହିଛନ୍ତି। ତେଣୁକରି ଘଟଣା ବାବଦରେ ବିଜେଡି ପ୍ରତିନିଧି ଦଳ ଏସପିଙ୍କୁ ଅବଗତ କରିଛନ୍ତି। ଘଟଣାରେ ସମ୍ପୃକ୍ତ ଦୁର୍ବୃତ୍ତ ମାନଙ୍କ ବିରୋଧରେ ତୁରନ୍ତ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଛନ୍ତି। ତେବେ ପୁଲିସ ପ୍ରଶାସନ ପକ୍ଷରୁ ଯଥାଶୀଘ୍ର କାର୍ଯ୍ୟାନୁଷ୍ଠାନ ଗ୍ରହଣ ନକରିଲେ ବିଜେଡି ପକ୍ଷରୁ ଆଇନଗତ ଭାବେ ପ୍ରତିବାଦ କରାଯିବ ବୋଲି କହିଛନ୍ତି। ଉକ୍ତ ପ୍ରତିନିଧି ଦଳରେ ବିଜେଡି ଜିଲ୍ଲା ସଭାପତି ତଥା ପୂର୍ବତନ ମନ୍ତ୍ରୀ ଶ୍ରୀ ମାର୍ଣ୍ଡି, ବାରିପଦା ପୋ ?ରପାଳିକା ନଗରପାଳ କୃଷ୍ଣାନନ୍ଦ ମହାନ୍ତି, ପୂର୍ବତନ ଉପ ବାଚସ୍ପତି ସାନନ୍ଦ ମାର୍ଣ୍ଡି, ବାରିପଦା ପୌରପାଳିକାର ସମସ୍ତ କାଉନସିଲର ଓ ବିଜେଡି କର୍ମକର୍ତ୍ତା ମାନେ ଉପସ୍ଥିତ ଥିଲେ।

# ଗଣ୍ଡିବେଡ-ଔପଦା ରାସ୍ତା ପାଚେରୀ ନିର୍ମାଣରେ ଅନିୟମିତତା: ଭିଜିଲାନ୍ସ ତଦନ୍ତ ଦାବି କଲେ ଗ୍ରାମବାସୀ



ଖଇରା, ୧୫/୫ (ନି.ପ୍ର): ବାଲେଶ୍ୱର ଜିଲା ର ଖଇରା ଓ ଔପଦା ୨ ବ୍ଲକକୁ ସଂଯୋଗ କରୁଥିବା ଗଣ୍ଡିବେଡ-ଔପଦା ରାସ୍ତାର ପାଣିସାଉଁଳି ନିକଟରେ ପୂର୍ତ୍ତ ବିଭାଗ ଅଧିନରେ ଚାଲିଥିବା ପାଚେରୀ ନିର୍ମାଣ କାର୍ଯ୍ୟ ଅତ୍ୟନ୍ତ ନିମ୍ନମାନର ହେଉଥିବା ସ୍ଥାନୀୟ ଗ୍ରାମାବସୀ ମାନେ ଅଭିଯୋଗ କରିଛନ୍ତି । ଯାହା ଫଳରେ ଏହି ପାଚେରୀର ସ୍ଥାୟିତ୍ୱ ନେଇ ଗ୍ରାମବାସୀ ମାନେ ପ୍ରଶ୍ନ ଉଠାଇଛନ୍ତି । ବର୍ଷା ସମୟରେ ରାସ୍ତା ସଂଲଗ୍ନ ପୋଲରୁ ପାଣି ସୁଅରେ କିଛି ଚାଷିଙ୍କ ଚାଷଜମି ନଷ୍ଟ ହେବା ପରେ ଚାଷ ଜମି ର ସୁରକ୍ଷା ପାଇଁ ଗ୍ରାମବାସୀଙ୍କ ତରଫରୁ ଦାବି ହୋଇଥିଲା । ପରେ ରାସ୍ତା କଡରେ ଏକ ସୁରକ୍ଷା ପାଚେରୀ ନିର୍ମାଣ ପାଇଁ ବିଭାଗ ତରଫରୁ ପାଖାପାଖି ୧୦ଲକ୍ଷ ଟଙ୍କା ପ୍ରଦାନ କରାଯାଇଥିଲା । ରାସ୍ତା ନିର୍ମାଣ ଦାୟିତ୍ୱ ନିଳଗିରିର ଜଣେ ଠିକାଦାରଙ୍କୁ ପ୍ରଦାନ କରାଯାଇଥିଲା । ହେଲେ ସୁରକ୍ଷା ପାଚେରୀରେ ବ୍ୟବହୃତ କଞ୍ଚାମାଲ ଏଷ୍ଟିମେଟ ଅନୁଯାୟୀ ହେଉନଥିବା ଗ୍ରାମବାସୀ ମାନେ ଅଭିଯୋଗ କରିଛନ୍ତି । ବିଶେଷ କରି କନିଷ୍ଠ ଯନ୍ତ୍ରୀ ବାଲେଶ୍ୱର ଓ ଖଇରା ୨ଟି ସ୍ଥାନରେ ଦାୟିତ୍ୱରେ ରହି ଠିକଭାବେ ତଦାରଖ କରିପାରୁନଥିବା କାରଣରୁ ଠିକାଦାରଙ୍କୁ ଏଭଳି ନିମ୍ନମାନର କାର୍ଯ୍ୟପାଇଁ ପ୍ରୋତ୍ସାହିତ କରୁଥିବା ଅଭିଯୋଗ ହୋଇଛି । ଉକ୍ତ କାର୍ଯ୍ୟର ଭିଜିଲାନ୍ସ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନେବାକୁ ଗ୍ରାମବାସୀ ମାନେ ଦାବୀ କରିଛନ୍ତି । ଏ ସମ୍ପର୍କରେ ଗ୍ରାମ୍ୟ ଉନ୍ନୟନ ବିଭାଗର ସହକାରୀ ଯନ୍ତ୍ରୀ ସଙ୍ଗିତା ସାହୁଙ୍କୁ ଯୋଗାଯୋଗ କରିବାରେ କନିଷ୍ଠ ଯନ୍ତ୍ରୀ ୨ଯାଗା ଦାୟିତ୍ୱରେ ଥିବାରୁ ସବୁ ସମୟରେ ଜଗି ରହିବା ସମ୍ଭବ ନୁହେଁ । ତଥାପି ସେ ବିଭିନ୍ନ ସମୟରେ ସେଠାକୁ ଯାଇ କାର୍ଯ୍ୟ ତଦାରଖ କରିଥିବା କହିଛନ୍ତି ।

# ଛାତ୍ର କଂଗ୍ରେସର କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ

ଭୁବନେଶ୍ୱର, ୧୫/୫ (ନି.ପ୍ର): କଂଗ୍ରେସ ଭବନ ରେ ରାଜ୍ୟ ଛାତ୍ର କଂଗ୍ରେସ ସଭାପତି ଉଦିତ୍ ପ୍ରଧାନଙ୍କ ସଭାପତିତ୍ୱରେ ଛାତ୍ର କଂଗ୍ରେସର ରାଜ୍ୟ କାର୍ଯ୍ୟକାରିଣୀ ବୈଠକ ''ମନ୍ଥନ'' ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ରାଜ୍ୟର ବିଭିନ୍ନ ଜିଲ୍ଲାରୁ ଛାତ୍ର ନେତା ମାନେ ଯୋଗଦାନ କରିଥିଲେ। ଆଗାମୀ ଦିନରେ ରାଜ୍ୟ ଛାତ୍ର କଂଗ୍ରେସ ବ୍ୟାପକ କାର୍ଯ୍ୟକ୍ରମ ହାତକୁ ନେଇ ରାଜ୍ୟ ବ୍ୟାପୀ ପ୍ରତ୍ୟେକ ଜିଲ୍ଲା ରେ ଛାତ୍ର କଂଗ୍ରେସ ର ଜୋରଦାର କାର୍ଯ୍ୟକ୍ରମ ଅନୁଷ୍ଠିତ କରିବାକୁ ଶ୍ରୀ ପ୍ରଧାନ ଖସଡା ପ୍ରସ୍ତୁତ କରିଥିଲେ। ଏହି କାର୍ଯ୍ୟକ୍ରମରେ ପୂର୍ବତନ ବିଧାୟକ ଦେବାଶିଷ ପଟ୍ଟନାୟକ , ପୂର୍ବତନ ପିସିସି ସମ୍ପାଦକ ଅଭିଳାଷ ମାଣିଆ , ପୂର୍ବତନ ରାଜ୍ୟ ଛାତ୍ର କଂଗ୍ରେସ ସଭାପତି ଜିନେଶ ଦାଶ ଓ ସୁଧାଂଶୁ ସେଖର ଦେଓ ଙ୍କ ସମେତ ବିଭିନ୍ନ ଜିଲ୍ଲାର ସଭାପତି ଓ ରାଜ୍ୟ ଛାତ୍ର କଂଗ୍ରେସ କମିଟି ର ବିଭିନ୍ନ ପଦାଧିକାରୀ ଯୋଗଦେଇଥିଲେ।

# ପଞ୍ଚଲିଙ୍ଗେଶ୍ୱର ଶୈବପୀଠରେ ଦୋକାନୀଙ୍କ ଦବଙ୍ଗଗିରି : ପର୍ଯ୍ୟଟକଙ୍କୁ ମାଡ଼ମାରି କଲେ ଲହୁଲୁହାଣ, ଥାନାରେ ମାମଲା

ନୀଳଗିରି , ୧୫/୫ (ନି.ପ୍ର): ଉତ୍ତର ଓଡ଼ିଶାର ପ୍ରସିଦ୍ଧ ଶୈବପୀଠ ବାବା ପଞ୍ଚଲିଙ୍ଗେଶ୍ୱର ବୁଲିବାକୁ ଆସି ମାଡ଼ର ଶିକାର ହୋଇଛନ୍ତି ପର୍ଯ୍ୟଟକ। ଏନେଇ ନୀଳଗିରି ଥାନାରେ ଅଭିଯୋଗ ହୋଇଥିବା ସୂଚନା ମିଳିଛି। ସୂଚନା ଅନୁଯାୟୀ ଯାଜପୁର ଟାଉନ ବଉଳମୂଳ ଅଞ୍ଚଳର ପଞ୍ଚାନନ ବେହେରା (୬୦) ମଙ୍ଗଳବାର ନିଜ ପରିବାର ସହିତ ପଞ୍ଚଲିଙ୍ଗେଶ୍ୱର ବୁଲିବାକୁ ଆସିଥିଲେ। ବାବାଙ୍କ ଦର୍ଶନ ସାରି ତଳକୁ ଆସି ଈଶ୍ୱରପୁର ଫାଣ୍ଡି ଶ୍ୟାମସୁନ୍ଦରପୁର ପଞ୍ଚାୟତ ଗୋପ ଗ୍ରାମର ପଞ୍ଚଲିଙ୍ଗେଶ୍ୱର ପୀଠରେ ଦୋକାନ କରିଥିବା ବୁଲବୁଲ ସେଠୀ ନାମକ ଦୋକାନୀଙ୍କ ଦୋକାନରେ ଥଣ୍ଡା ପିଇଥିଲେ। ଥଣ୍ଡା ପିଇ ସରିବାପରେ ପଇସା ଦେବାରୁ ଥଣ୍ଡା ପିଛା ୧୫ଟଙ୍କା ଦୋକାନୀ ଦାବୀ କରିବାରୁ ଥଣ୍ଡାର ମୂଲ୍ୟ ୧୦ଟଙ୍କା ଥିବାରୁ ୧୫ଟଙ୍କା କାହିଁକି ନେବ ବୋଲି ଉଭୟ ଦୋକାନୀ ଓ ପର୍ଯ୍ୟଟକଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା। ପରେ ପର୍ଯ୍ୟଟକଙ୍କ ତରଫରୁ ୧୪୫ଟଙ୍କା ଅର୍ଥାତ୍ ଦୋକାନୀ ଦାବୀ କରିଥିବା ସମସ୍ତ ଟଙ୍କା ପୈଠ କରିଥିଲେ ହେଁ ଉଭୟଙ୍କ ବଚସା ମଧ୍ୟରେ ଦୋକାନୀ ଓ ପାଖରେ ଦୋକାନ କରିଥିବା ଅନ୍ୟକିଛି ଦୋକାନୀ ସଂଘବଦ୍ଧ ଭାବରେ ଠେଙ୍ଗା ଓ ବିଧାରେ ଆକ୍ରମଣ କରିଥିବା ନେଇ ପଞ୍ଚାନନ ବେହେରାଙ୍କ ପୁଅର ବୋହୂ ସଂଘମିତ୍ରା ନୀଳଗିରି ଥାନାରେ ଅଭିଯୋଗ କରିଛନ୍ତି। ଦୀର୍ଘସମୟ ଧରି ଦୋକାନୀମାନେ ପର୍ଯ୍ୟଟକଙ୍କୁ ଅଟକାଇ ଧମକଦେବା ସହିତ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିଲେ। ଏହି ଆକ୍ରମଣରେ ପଞ୍ଚାନନ ବେହେରାଙ୍କ ସମେତ ସ୍ତ୍ରୀ କବିତା, ବଡ଼ପୁଅ ଶଙ୍କର୍ଷଣ , ସ୍ତ୍ରୀ ରଞ୍ଜିତା, ସାନପୁଅ ଶିବପ୍ରସାଦ, ସ୍ତ୍ରୀ ସଂଘମିତ୍ରା, ମାଉସୀ ସବିତା, ଶିବପ୍ରସାଦ ଙ୍କ ପୁଅ ଅତୁଲ୍ୟ, ୨ବର୍ଷରଝିଅ ସୌମଶ୍ରୀ ଏହି ଆକ୍ରମଣରେ ଶିକାର ହୋଇଛନ୍ତି। ଖବରପାଇ ନୀଳଗିରି ପୋଲିସ ଘଟଣାସ୍ଥଳରେ ପହଞ୍ଚି ପର୍ଯ୍ୟଟକଙ୍କୁ ଉଦ୍ଧାରକରି ନୀଳଗିରି ମେଡିକାଲରେ ଚିକିତ୍ସା କରାଇବା ପରେ ପରିବାର ପକ୍ଷରୁ ଥାନାରେ ଏକ ଲିଖିତ ଅଭିଯୋଗ କରିଛନ୍ତି ।ବାରମ୍ବାର ପୀଠରେ ଏଭଳି ଘଟୁଥିବା ନେଇ ଅଭିଯୋଗ ହୋଇଥିଲେ ହେଁ କୌଣସି ଠୋସ ପଦକ୍ଷେପ ଗ୍ରହଣ କରାଯାଇ ନଥିବାରୁ ଦୋକାନୀଙ୍କ ପ୍ରାର୍ଦ୍ଦୁଭବ ବଢ଼ିଚାଲିଥିବାରୁ ନୀଳଗିରି ଅଞ୍ଚଳର ବୁଦ୍ଧିଜୀବୀ ଓ ଜନସାଧାରଣ ନିନ୍ଦା କରିଛନ୍ତି। ଆଗାମୀ ଦିନରେ ପର୍ଯ୍ୟଟକଙ୍କ ଉପରେ ଏଭଳି ଆକ୍ରମଣ ଏବଂ ଦବଙ୍ଗଗିରି ବୃଦ୍ଧିପାଇଲେ ପଞ୍ଚଲିଙ୍ଗେଶ୍ୱର ପୀଠକୁ ଦର୍ଶନାର୍ଥୀଙ୍କ ସଂଖ୍ୟା କମିବ,ଫଳରେ ରାଜସ୍ୱହାନୀ ହେବାର ସମ୍ଭାବନାକୁ ଏଡାଇ ଦିଆଯାଇନପାରେ। ଏନେଇ ସ୍ଥାନୀୟ ପ୍ରଶାସନ ଏବଂ ଜିଲ୍ଲାପାଳ ଦୃଷ୍ଟିଦେବାକୁ ଦାବୀ ହୋଇଛି। ଏନେଇ ନୀଳଗିରି ଥାନାରେ ୧୭୦/୨୫ରେ ମାମଲା ରୁଜୁ କରାଯାଇ ତଦନ୍ତ ଜାରି ରହିଥିବା ପୋଲିସ ସୂତ୍ରରୁ ପ୍ରକାଶ।

# ୧୭ ବର୍ଷରୁ ହିଁ ପାଚିଗଲାଣି କି ଚୁଟି ? ନଡ଼ିଆତେଲରେ ମିଶାଇ ଲଗାନ୍ତୁ ଏହି ଗୋଟିଏ ପାଉଡର୍ , କିଛି ଦିନ ଭିତରେ ଧଳାରୁ ହେବ କଳା



ବର୍ତ୍ତମାନର ଖରାପ ଜୀବନଚର୍ଯ୍ୟା ସୁସ୍ଥ ସ୍ୱାସ୍ଥ୍ୟ ପାଇଁ ଜହର ସଦୃଶ । ଫାଷ୍ଟଫୁଡ୍ , ଠିକ୍ ସମୟରେ ନ ଖାଇବା , ବ୍ରେକଫାଷ୍ଟରେ ବିଳମ୍ବ , ରାତିରେ ପେଟ ଫାଟିଲା ପର୍ଯ୍ୟନ୍ତ ଖାଇବା ଏବଂ ନନଭେଜ୍ ହେଲେ ଜମେଇକି ଖାଇବା ଅଭ୍ୟାସ ଆମ ସ୍ୱାସ୍ଥ୍ୟକୁ ଆହୁରି ଖରାପରୁ ଖରାପ ଆଡକୁ ନେଉଛି । ବୟସ ନ ହୋଇ ବି ଚୁଟି ପାଚିବା , ଚୁଟି ଝଡ଼ିବା , ଗ୍ୟାସ୍ ସମସ୍ୟା ଉପୁଜିବା ଏବଂ ଅନେକ ସମୟରେ ଦେହ ଖରାପ ରହିବା ଏସବୁ ଆମର ଖାଦ୍ୟପେୟ ସହ ହିଁ ଜଡ଼ିତ । ୧୭ ବର୍ଷରୁ ହିଁ ପାଚିଗଲାଣି କି ଚୁଟି ? ନଡ଼ିଆତେଲରେ ମିଶାଇ ଲଗାନ୍ତୁ ଏହି ଗୋଟିଏ ପାଉଡର୍ , କିଛି ଦିନ ଭିତରେ ଧଳାରୁ ହେବ କଳା ବର୍ତ୍ତମାନର ଖରାପ ଜୀବନଚର୍ଯ୍ୟା ସୁସ୍ଥ ସ୍ୱାସ୍ଥ୍ୟ ପାଇଁ ଜହର ସଦୃଶ । ଫାଷ୍ଟଫୁଡ୍ , ଠିକ୍ ସମୟରେ ନ ଖାଇବା , ବ୍ରେକଫାଷ୍ଟରେ ବିଳମ୍ବ , ରାତିରେ ପେଟ ଫାଟିଲା ପର୍ଯ୍ୟନ୍ତ ଖାଇବା ଏବଂ ନନଭେଜ୍ ହେଲେ ଜମେଇକି ଖାଇବା ଅଭ୍ୟାସ ଆମ ସ୍ୱାସ୍ଥ୍ୟକୁ ଆହୁରି ଖରାପରୁ ଖରାପ ଆଡକୁ ନେଉଛି । ବୟସ ନ ହୋଇ ବି ଚୁଟି ପାଚିବା , ଚୁଟି ଝଡ଼ିବା , ଗ୍ୟାସ୍ ସମସ୍ୟା ଉପୁଜିବା ଏବଂ ଅନେକ ସମୟରେ ଦେହ ଖରାପ ରହିବା ଏସବୁ ଆମର ଖାଦ୍ୟପେୟ ସହ ହିଁ ଜଡ଼ିତ । ଆଜିର ସମୟରେ ୧୭ , ୧୮ ବର୍ଷର ପିଲାଙ୍କ ଚୁଟି ବି ପାଚି ଧଳା ହୋଇଯାଉଛି । ଏଭଳି ସ୍ଥିତିରେ କିଶୋରବସ୍ଥାରୁ ହିଁ ପିଲା ହେୟାର୍ ଡାଏ କରିବାରେ ଲାଗିପଡୁଛନ୍ତି । କିଏ କଲର୍ କରିବାକୁ ପସନ୍ଦ କରୁଛନ୍ତି ତ ଆଉ କିଏ କଳା । କିନ୍ତୁ ଏହାର ପରିଣତି କ'ଣ ହେଉଛି ଚୁଟିର ପ୍ରାକୃତିକ ଚମକ ମଧ ହ୍ରାସ ପାଉଛି ଏବଂ ଚୁଟି ଡ୍ରାଏ ହୋଇ ଝଡୁଛି । ତେବେ ଏମିତି ସ୍ଥିତିରେ ଆଜି ଆମେ ଆପଣଙ୍କୁ ଏହି ସମସ୍ୟାରୁ ଉପସମ ଦେବା ପାଇଁ ଏକ ଉପାୟ ବିଷୟରେ



ଅବଗତ କରାଇବୁ । ଚୁଟିରେ ଏହି ପେଷ୍ଟ୍ ଲଗାଇଲେ ପ୍ରାକୃତିକ କଳା ପାଇବା ସଙ୍ଗେ ସଙ୍ଗେ ଆପଣ ଡ୍ୟାମେଜ୍ ହେୟାରର ଜାଲରୁ ମଧ ବାହାରି ପାରିବେ । ଏହି ପେଷ୍ଟକୁ ପ୍ରସ୍ତୁତ କରିବା ପାଇଁ ନଡ଼ିଆ ତେଲରେ ଅଁଳା ପାଉଡର୍ ପକାଇ ଗ୍ୟାସ୍ ରେ କଳା ହେବା ପର୍ଯ୍ୟନ୍ତ ଘାଣ୍ଟନ୍ତୁ । ପେଷ୍ଟ୍ କଳା ହୋଇଗଲେ କିଛି ସମୟ ଥଣ୍ଡା ହେବା ପାଇଁ ଛାଡ଼ିଦିଅନ୍ତୁ ଏବଂ ରାତିରେ ଶୋଇବା ପୂର୍ବରୁ ଚୁଟିରେ ଲଗାଇ ପରଦିନ ଶାମ୍ପୁରେ ଚୁଟି ଧୋଇନିଅନ୍ତୁ । ଏହି ପେଷ୍ଟ୍ ଚୁଟିକୁ ପ୍ରାକୃତିକ କଳା କରିବା ସହ ଚମକ ମଧ ଦେଇଥାଏ । ଏହି ପେଷ୍ଟକୁ ଲଗାତାର ଲଗାନ୍ତୁ ଫରକ୍ ଜାଣିପାରିବେ ।

# ଗର୍ଭାଶୟରେ କ୍ୟାନସର ହୋଇଥିଲେ ଆରମ୍ଭରୁ ଦେଖାଦିଏ ଏହି ଲକ୍ଷଣ, ଜାଣି ରଖନ୍ତୁ ଥାର୍ଡ ଷ୍ଟେଜ୍ ପର୍ଯ୍ୟନ୍ତ ଚିକିତ୍ସା ସମ୍ଭବ

ଆଜିକାଲି ମହିଳାମାନଙ୍କ ମଧରେ ଗର୍ଭାଶୟ କ୍ୟାନସର ଦ୍ରୁତଗତିରେ ବୃଦ୍ଧି ପାଉଛି। ଏଥିରୁ ସୁରକ୍ଷା ପାଇଁ ସରକାରୀସ୍ତରରେ କିଶୋରୀ ଝିଅମାନଙ୍କୁ ମଧ ଟିକା ଦିଆଯାଉଛି। ଗର୍ଭାଶୟ କ୍ୟାନସର କାହିଁକି ହୁଏ ସେ ବିଷୟରେ ବର୍ତ୍ତମାନ ଗବେଷଣା ଚାଲିଛି। ତଥାପି ଏହା ନିଶ୍ଚିତ ଭାବରେ କିଛି ତଥ୍ୟ ପ୍ରକାଶ କରିଛି। ଏଥିରେ ୧୨ ବର୍ଷ ବୟସ ପୂର୍ବରୁ ଋତୁସ୍ରାବ, ୫୦ ବର୍ଷ ବୟସ ପରେ ଋତୁସ୍ରାବ ଏବଂ ଗର୍ଭଧାରଣ ନ ହେବା ଅନ୍ତର୍ଭୁକ୍ତ ହୋଇପାରେ। ଏହା ବ୍ୟତୀତ ସଂକ୍ରମଣ ଏବଂ କିଛି ଚିକିତ୍ସା ମଧ ଏହି ରୋଗ ସୃଷ୍ଟି କରିପାରେ।

ଗର୍ଭାଶୟ କ୍ୟାନସର ଯେତେବେଳେ ସମସ୍ୟା ଅଧିକ ଗମ୍ଭୀର ହୁଏ ସେତେବେଳେ ଏହା ସ୍ପଷ୍ଟ ହୋଇଯାଏ। କେତେବେଳେ ଏହା ଗର୍ଭାଶୟ ବାହାରେ ବ୍ୟାପିଯାଏ, ଯାହା ପରେ ଏହାର ଚିକିତ୍ସା କଷ୍ଟକର ହୋଇଯାଏ। ଗର୍ଭାଶୟ କ୍ୟାନସରର କିଛି ଲକ୍ଷଣ ଦେଖାଯାଏ। ସେହି ଲକ୍ଷଣଗୁଡ଼ିକୁ ଚିହ୍ନଟ କରାଯାଇ ପରୀକ୍ଷା



କରାଯିବା ଉଚିତ୍। ଯାହା ଦ୍ୱାରା ଏହାର ସମୟ ମଧରେ ଚିକିତ୍ସା ହୋଇପାରିବ ଏବଂ ଜୀବନ ପ୍ରତି କୌଣସି ବିପଦ ରହିବ ନାହିଁ। ଗର୍ଭାଶୟ କ୍ୟାନସରର ଆରମ୍ଭରେ କିଛି ଲକ୍ଷଣ ଦେଖାଯାଏ। ସେହି ଲକ୍ଷଣଗୁଡ଼ିକ ମଧ୍ୟରେ ଅସ୍ୱାଭାବିକ ରକ୍ତସ୍ରାବ, ଋତୁସ୍ରାବ ପୂର୍ବରୁ କିମ୍ବା ପରେ ରକ୍ତସ୍ରାବ, ତଳି ପେଟରେ ଯନ୍ତ୍ରଣା ଏବଂ ଯୌନ ସମ୍ଭୋଗ ସମୟରେ ଯନ୍ତ୍ରଣା ଆଦି ଅନ୍ତର୍ଭୁକ୍ତ। ଏହା ବ୍ୟତୀତ ଥକ୍କାପଣ, ଓଜନ ହ୍ରାସ, ଭୋକ ନ ଲାଗିବା ମଧ ଏହାର ଲକ୍ଷଣ ହୋଇପାରେ। ଯଦି ଆପଣ ଗର୍ଭାଶୟ କ୍ୟାନସରର ଉପରୋକ୍ତ କାରଣଗୁଡ଼ିକ ସହିତ ଏହି ଲକ୍ଷଣଗୁଡ଼ିକ ଅନୁଭବ କରୁଛନ୍ତି, ତେବେ ସେଗୁଡ଼ିକୁ ଅଣଦେଖା ନ କରି ଡାକ୍ତରଙ୍କ ସହିତ ପରାମର୍ଶ କରନ୍ତୁ।

ଗର୍ଭାଶୟ କ୍ୟାନସର ରୋକିବା ପାଇଁ, କିଶୋର ଅବସ୍ଥାରେ ଟିକା ନିଅନ୍ତୁ। ଯଦି ଆପଣଙ୍କର ଡାଇବେଟିସ୍ ଅଛି, ତେବେ ଆପଣଙ୍କର ବ୍ଲଡ୍ ସୁଗାର ନିୟନ୍ତ୍ରଣରେ ରଖନ୍ତୁ। ଯୌନାଙ୍ଗର ପରିଷ୍କାର ପରିଚ୍ଛନ୍ନତା ପ୍ରତି ଯତ୍ନ ନିଅନ୍ତୁ। ଯଦି ଆପଣ କୌଣସି ପ୍ରକାରର ଅସୁବିଧା ଅନୁଭବ କରୁଛନ୍ତି, ତେବେ ଅସାବଧାନ ହୁଅନ୍ତୁ ନାହିଁ ଏବଂ ଡାକ୍ତରଙ୍କ ସହ ପରାମର୍ଶ କରନ୍ତୁ। ପ୍ରାଥମିକ ପର୍ଯ୍ୟାୟରେ ଗର୍ଭାଶୟ କ୍ୟାନସର ସମ୍ପୂର୍ଣ୍ଣ ସୁସ୍ଥ ହୋଇପାରିବ। ଗର୍ଭାଶୟ କ୍ୟାନସରର ପାଞ୍ଚଟି ପର୍ଯ୍ୟାୟ ଅଛି। ତୃତୀୟ ପର୍ଯ୍ୟାୟ ପର୍ଯ୍ୟନ୍ତ ଏହାର ଚିକିତ୍ସା ସମ୍ପୂର୍ଣ୍ଣ ସମ୍ଭବ।

# ଅଧିକ ବ୍ୟାୟାମ ବିପଦ



ବ୍ୟାୟାମ ଯୋଗୁ ଆମର ଅନେକ ଉପକାର ହୋଇଥାଏ। ହୃଦୟ ସ୍ଥିତିରେ ଉନ୍ନତି, ସୁନିଦ୍ରା, ଶାରୀରିକ ଶକ୍ତି ବୃଦ୍ଧି ଆତ୍ମବିଶ୍ୱାସରେ ବୃଦ୍ଧି ହେବା ଇତ୍ୟାଦିର ଲାଭ ଆମକୁ ବ୍ୟାୟାମରୁ ହିଁ ମିଳିଥାଏ। ଆଇବିଏଫ୍ ଏକ୍ସପର୍ଟ ଡ଼ ପାର୍ଥ ଜୋଶୀଙ୍କ ଅନୁସାରେ ବ୍ୟାୟାମ ଦ୍ୱାରା ମଧ୍ୟ କିଛି ନକରାତ୍ମକ ପରିସ୍ଥିତି ସୃଷ୍ଟି ହୁଏ, ଯାହା ପ୍ରତି କମ୍ ଲୋକଙ୍କ ଦୃଷ୍ଟି ଯାଇଥାଏ। ଯେପରି ଅଧିକ ବ୍ୟାୟାମ ବନ୍ଧ୍ୟାପଣର କାରଣ ମଧ୍ୟ ହୋଇପାରେ। ତେଣୁ ଏହି ଉର୍ବରାତ ବା ଫର୍ଟିଲିଟିର ହ୍ରାସ ପୁରୁଷ ବା ସ୍ତ୍ରୀମାନଙ୍କ ମଧ୍ୟରେ ଦେଖାଯାଇଥାଏ। ଏହାକୁ ଏମେନୋରିୟା ବା ରଜୋରୋଧ କୁହାଯାଏ। ଏହି ସ୍ଥିତିକୁ ସାମ୍ନା କରିବାକୁ ପଡ଼େ ଯେତେବେଳେ ମହିଳାମାନଙ୍କୁ ୩ ମାସ ପର୍ଯ୍ୟନ୍ତ ପିରିୟଡ୍ସ ଆସେନାହିଁ। ମହିଳାମାନଙ୍କର ଏପରି ସ୍ଥିତି ହେବାର କାରଣ ସେମାନେ ଶରୀରର ଆବଶ୍ୟକତା ଅନୁଯାୟୀ ଜରୁରୀ କ୍ୟାଲୋରୀ ଥିବା ଖାଦ୍ୟ ଖାଆନ୍ତି ନାହିଁ ଓ ନିୟମିତ ବ୍ୟାୟାମ କରନ୍ତି। ଶରୀରରେ କ୍ୟାଲୋରୀର ଅଭାବ ସିଧା ଉର୍ବରତା ଉପରେ ପଡ଼ିଥାଏ ତା ନୁହେଁ। ଯୌନ ଇଚ୍ଛା ଉପରେ ମଧ୍ୟ ଏହାର ପ୍ରଭାବ ପଡ଼େ। ଏହାବ୍ୟତି ଅତ୍ୟଧିକ ସ୍ୱାସ୍ଥ୍ୟ ଯୋଗୁଁ ଶରୀରରେ ଏଷ୍ଟ୍ରୋଜେନ୍ ହର୍ମୋନର ଉତ୍ପନ୍ନ ବୃଦ୍ଧି ପାଇଥାଏ, ଯାହାଦ୍ୱାରା ସ୍ତ୍ରୀର ପ୍ରଜନନ ପ୍ରଣାଳୀ ସହିତ ସଂଯୋଗ ଅଣ୍ଡା ଉତ୍ସର୍ଜନ ଓ ପିରିୟଡ୍ସ ଉପରେ ପ୍ରଭାବ ପଡ଼ିବା ଦ୍ୱାରା ବନ୍ଧ୍ୟାପଣର ବିପଦ ବଢ଼ିଯାଏ। ପୁରୁଷମାନଙ୍କ ମଧ୍ୟରେ ହେଭି ଟ୍ରେନିଂ ନେବା ସମୟରେ ଶରୀରରେ ଶୁକ୍ରାଣୁ ବା ସ୍ପର୍ମ ସଂଖ୍ୟାରେ ହ୍ରାସ ପାଇଥାଏ। ଅଧିକ ସମୟ ବ୍ୟାୟାମ କରିବା ଯୋଗୁ ନା କେବଳ ସ୍ପର୍ମର ସଂଖ୍ୟାରେ ହ୍ରାସ ପାଏ ତାହା ନୁହେଁ ରିପ୍ରଡକ୍ସନର କ୍ଷମତା ମଧ୍ୟ ହ୍ରାସ ପାଇଥାଏ।

# ଜଳପାନର ଆବଶ୍ୟକତା

- ନିୟମିତ ଭାବେ ଆବଶ୍ୟକ ପରିମାଣରେ ଜଳ ନପିଇଲେ, ଶରୀରରେ ବିଭିନ୍ନ ଅସୁବିଧା ଉପୁଜିଥାଏ।
- ବିଶେଷଜ୍ଞଙ୍କ ପରୀକ୍ଷାରୁ ପ୍ରକାଶିତ ଯେ ଶରୀରରେ ଜଳର ମାତ୍ରା କମ୍ ହେଲେ ରକ୍ତ ଗାଢ଼ ହୋଇଥାଏ। ରକ୍ତସଂଚାଳନ ଶରୀରରେ ଠିକ୍ ଭାବେ ହୁଏ ନାହିଁ। ପାଣି କମ୍ ପିଇଲେ ରକ୍ତଚାପ ବଢ଼େ।
- ଓଜନକୁ ନିୟନ୍ତ୍ରଣରେ ରଖିବାକୁ ଚାହୁଁଥିବା ବ୍ୟକ୍ତି ନିୟମିତ ୧୦ ଗିଲାସ ପାଣି ପିଇବା ଉଚିତ୍।
- ନିୟମିତ ଆବଶ୍ୟକ ପରିମାଣରେ ପାଣି ପିଇଲେ ତ୍ୱଚା ସମ୍ବନ୍ଧୀୟ ରୋଗ, ବୃକକ୍ ରୋଗରୁ ମଧ୍ୟ ମୁକ୍ତି ମିଳେ।

ଦୈନିକ ପ୍ରତ୍ୟେକ ବର୍ଗର ବ୍ୟକ୍ତି ଅତି କମରେ ୭ରୁ ୮ ଗିଲାସ ପାଣି ପିଇବା ଉଚିତ। ଜଳର ଆବଶ୍ୟକତା ଶରୀର ନିମନ୍ତେ ରହିଛି, ଏହା ସମସ୍ତେ ବୁଝିନେବା ଆବଶ୍ୟକ। କାନାଡାର ବିଶେଷଜ୍ଞଗଣ ଏହା ଉପରେ ତଥ୍ୟ ପ୍ରକାଶ କରିଛନ୍ତି।





# ହୋଟେଲ ରୁମରେ କାହିଁକି ବିଛାଯାଇଥାଏ ହ୍ୱାଇଟ୍ ବେଡସିଟ୍ ?

ହୋଟେଲମାନଙ୍କରେ ପ୍ରାୟତଃ ଧଳା ବେଡସିଟ୍ ବିଛାଯାଇଥିବା ଆପଣମାନେ ନିଶ୍ଚିତ ଦେଖିଥିବେ। ସମସ୍ତ ହୋଟେଲରେ ଧଳା ଚାଦର କାହିଁକି ବିଛାଯାଇଥାଏ ବୋଲି ଆପଣଙ୍କ ମନରେ କେବେ ନା କେବେ ପ୍ରଶ୍ନ ଉଠିଥିବ । ତେବେ ଆସନ୍ତୁ ଜାଣିବା ହୋଟେଲ ରୁମର ବେଡରେ କାହିଁକି ଧଳା ଚାଦର ବିଛାଯାଇଥାଏ ଓ ଅନ୍ୟ ରଙ୍ଗର ଚାଦର କାହିଁକି ବ୍ୟବହାର କରାଯାଇନଥାଏ ?

ସବୁବେଳେ ଆମ ମନକୁ ଆସେ ଯେ, ଧଳା ବେଡସିଟ୍ ଅଧିକ ମଇଳା ହୋଇଯାଏ । କିନ୍ତୁ ଆପଣ ଜାଣନ୍ତି କି, ହୋଟେଲରେ ଧଳା ବେଡସିଟ୍ ରଖିବାର ସବୁଠାରୁ ବଡ କାରଣ ହେଉଛି ଏହାକୁ ସଫା କରିବା ଅତି ସହଜ । ତେବେ ହୋଟେଲ ରୁମ୍ ଗୁଡିକ ବ୍ଲିଚ୍ ଏବଂ କ୍ଲୋରାଇନରେ ଧୁଆଁଯାଇଥାଏ । ଏହି କାରଣରୁ ବେଡସିଟ୍ ସହଜରେ ସଫା ହୋଇଯାଏ ଏବଂ ଗଭୀର ଦାଗ ମଧ ବାହାର କରାଯାଇଥାଏ। ଯଦି ଏକ ରଙ୍ଗୀନ ଚାଦର ପକାନ୍ତି, ତେବେ ଏହାକୁ ବ୍ଲିଚରେ ଧୋଇହେବ ନାହିଁ, କାରଣ ନୀଳ ରଙ୍ଗରେ ରଖାଯିବାବେଳେ ରଙ୍ଗୀନ ସିଟ୍ ମଳିନ ପଡ଼ିଯିବ । ଏହା ବ୍ୟତୀତ ବ୍ଲିଚ୍ ଏବଂ କ୍ଲୋରାଇନ୍ ସହିତ ସଫା କରିବା ହେତୁ ଧଳା ଚାଦରରୁ କୌଣସି ପ୍ରକାରର ଗନ୍ଧ ଆସିନଥାଏ ।

ଏହା ସହ ଧଳା ରଙ୍ଗ ସବୁବେଳେ ବିଳାସପୂର୍ଣ୍ଣ ଜୀବନଶୈଳୀ ସହିତ ଜଡିତ ବୋଲି ବିବେଚନା କରାଯାଏ, ତେଣୁ ହୋଟେଲ ରୁମରେ ଧଳା ଚାଦର ରଖାଯାଏ। ଯାହାଦ୍ୱାରା ରୁମକୁ ବିଳାସପୂର୍ଣ୍ଣ ଲୁକ୍ ଦିଆଯାଇପାରିବ । ଏହା ବ୍ୟତୀତ ରୁମଟି ଧଳା ରଙ୍ଗରେ ଅଧିକ ବଡ଼ ଦେଖାଯାଏ, ତେଣୁ ଖଟ ଉପରେ ଧଳା ବେଡସିଟ୍ ବିଛାଯାଏ । କମ୍ ମୂଲ୍ୟରେ ଚାଦର କିଣିବା ପାଇଁ ଧଳା ରଙ୍ଗ ହେଉଛି ସର୍ବୋତ୍ତମ ବିକଳ୍ପ ।

***ଧଳା ରଙ୍ଗ ହେଉଛି ଶାନ୍ତିର ପ୍ରତୀକ :-***

ଧଳା ରଙ୍ଗ ଶାନ୍ତିର ପ୍ରତୀକ ଭାବରେ ବିବେଚନା କରାଯାଏ ଏବଂ ସକରାତ୍ମକତା ଆଣିଥାଏ । ଏପରି ପରିସ୍ଥିତିରେ, ଧଳା ଚାଦର ଉପରେ ଶୋଇବା ମନକୁ ଶାନ୍ତ ରଖେ ଏବଂ ଲୋକମାନେ ଶାନ୍ତିରେ ଶୋଇଥାନ୍ତି । ମନକୁ ଶାନ୍ତ ରଖିବା ସହିତ ଧଳା ରଙ୍ଗ ହୃଦୟକୁ ଖୁସି ରଖିବାରେ ମଧ ସହାୟକ ହୋଇଥାଏ । ସେଥିପାଇଁ ଅଧିକାଂଶ ହୋଟେଲ ରୁମରେ କେବଳ ଧଳା ବେଡସିଟ୍ ବ୍ୟବହାର କରନ୍ତି । ହୋଟେଲ ରୁମର ବେଡ ଉପରେ ଧଳା ଚାଦର ବିଛାଇବାର ଅଭ୍ୟାସ ୯୦ ଦଶକ ପରେ ଆରମ୍ଭ ହୋଇଥିଲା ।



# କେଉଁ ସମୟରେ ଦରକାର ପଡିଥାଏ ଇନସୁଲିନ ?

ଅଗ୍ନାଶୟରେ ଉତ୍ପାଦିତ ଏକ ହରମୋନ ହେଉଛି ଇନସୁଲିନ । ଯାହା ବ୍ଲଡ ଗ୍ଲୁକୋଜକୁ ସନ୍ତୁଳିତ କରିବା ସହ ଶରୀରକୁ ଗ୍ଲୁକୋଜକୁ ଶକ୍ତି ଭାବେ ବ୍ୟବହାର କରିଥାଏ । ତେବେ ଏହା ପେଟର ତଳିଭାଗରେ ହେଉଥିବା ଏକ ଗ୍ଲାଣ୍ଡ । ଡାଇବେଟିସ ରୋଗୀମାନଙ୍କୁ ଅନେକ ସମୟରେ ଇନସୁଲିନର ଆବଶ୍ୟକତା ପଡିଥାଏ । ତେବେ ଆସନ୍ତୁ ଜାଣିବା ଶରୀରରେ ଇନସୁଲିନର ଆବଶ୍ୟକତା କ'ଣ ଏବଂ କେବେ ପଡିଥାଏ।

ଇନସୁଲିନ ମୁଖ୍ୟତଃ ବ୍ଲଡ ସୁଗାର ନିୟନ୍ତ୍ରଣ କରିଥାଏ । ଯେବେ ଆମ ଶରୀରରେ ରକ୍ତିରେ ଗ୍ଲୁକୋଜର ପରିମାଣ ଅଧିକ ହୁଏ, ତେବେ ଇନସୁଲିନ ଗ୍ଲୁକୋଜକୁ ଲିଭରରେ ଜମା କରିବା ଭଳି କାମ କରିଥାଏ । ତେବେ ବ୍ଲଡ ସୁଗାର କମ୍ ନ ହେବା ପର୍ଯ୍ୟନ୍ତ ଷ୍ଟୋର ହୋଇ ରହିଥିବା ଗ୍ଲୁକୋଜ ବାହାରି ନଥାଏ । ମଣିଷ ଶରୀରରେ ଇନସୁଲିନର ସଠିକ ଉପଯୋଗ ନ ହେବା କିମ୍ବା ଶରୀରରେ ଇନସୁଲିନ ନିର୍ମାଣ ନ ହେବା ଦ୍ୱାରା ଡାଇବେଟିସ ଭଳି ରୋଗ ଦେଖା ଦେଇଥାଏ । ଏହି ସମୟରେ ଅତିରିକ୍ତ ଇନସୁଲିନର ବ୍ୟବହାର ଆବଶ୍ୟକ ହୁଏ ।ଡାଇବେଟିସ ମୁଖ୍ୟତଃ ଟାଇପ-୧ ଏବଂ ଟାଇପ-୨ ପ୍ରକାରର ହୋଇଥାଏ । ଟାଇପ-୧ ଡାଇବେଟିସ ଏକ ଅଟୋମ୍ୟୁନ ରୋଗ ଅଟେ । ଏହି ରୋଗରେ ଶରୀର ନିଜେ ନିଜ ଉପରେ ଆକ୍ରମଣ କରିଥାଏ । ଏହି ରୋଗ ସମୟରେ ।ଣୀର ସଠିକ ଭାବରେ ଇନସୁଲିନ ପ୍ରସ୍ତୁତ କରିପାରିନଥାଏ । କାରଣ ରକ୍ଷା କରୁଥିବା ସେଲ୍ସ ଅଗ୍ନାଶୟରେ ଇନସୁଲିନ ପ୍ରସ୍ତୁତକାରୀ ସେଲ୍ସଗୁଡିକୁ କ୍ଷତି ପହଞ୍ଚାଇଥାନ୍ତି । ତେବେ ବିଶେଷ କରି ଯୁବବର୍ଗରେ ଏପରି ଡାଇବେଟିସ ଦେଖା ଦେଇଥାଏ । ସେହିପରି ଟାଇପ-୨ ଡାଇବେଟିସରେ ଶରୀରକୁ ସାଧାରଣଭବେ ରଖିବା ପାଇଁ ଅଧିକ ମାତ୍ରାରେ ଇନସୁଲିନର ଆବଶ୍ୟକତା ପଡିଥାଏ । ତେବେ ଅଧିକ ଉତ୍ପାଦନ ପରେ ଅଗ୍ନାଶୟରେ ଇନସୁଲିନ ପ୍ରସ୍ତୁତକାରୀ ସେଲଗୁଡିକ ଜଳିଯାଇଥାନ୍ତି । ତେବେ ଏହି ପ୍ରକାରର ଡାଇବେଟିସ କୌଣସି ବୟସର ବ୍ୟକ୍ତିଙ୍କୁ ହୋଇପାରେ।



## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ବାଣିଜ୍ୟ ଯୁଦ୍ଧରେ ବିରାମ...

ଯୁକ୍ତରାଷ୍ଟ୍ର ଆମେରିକା ଏବଂ ଚୀନ୍- ବିଶ୍ୱର ସର୍ବବୃହତ୍ ଏବଂ ଦ୍ୱିତୀୟ ସର୍ବବୃହତ୍ ଭାବରେ ଦୁଇ ପ୍ରମୁଖ ଅର୍ଥନୀତି । ଡୋନାଲ୍ଡ ଟ୍ରମ୍ପ ଆମେରିକାର ରାଷ୍ଟ୍ରପତି ପଦରେ ଦ୍ୱିତୀୟ ଥର ପାଇଁ ବସିବା ପରଠାରୁ ଏହାଙ୍କ ଦ୍ୱାରା ଲାଗୁ କରାଯାଇଥିବା ତାରିଫ୍ ବା ପ୍ରଶୁଳ୍କକୁ ନେଇ ଏହି ଦୁଇ ଦେଶଙ୍କ ଭିତରେ ବାଣିଜ୍ୟ ଯୁଦ୍ଧ ଚାଲୁ ରହିଥିଲା, ଯାହା ସମଗ୍ର ବିଶ୍ୱର ଅର୍ଥନୀତିକୁ ଗଭୀର ଭାବରେ ପ୍ରଭାବିତ କରିବାକୁ ଆରମ୍ଭ କରିଥିଲା । ତେବେ ଗତ ସୋମବାର ଦିନ ଏହି ବାଣିଜ୍ୟ ଯୁଦ୍ଧରେ ସାମୟିକ ବିରାମ ସାରା ବିଶ୍ୱ ପାଇଁ ଆଣି ଦେଇଛି ଆଶ୍ୱସ୍ତି, କାରଣ ଏହା ବୈଶ୍ୱିକ ମାନ୍ଦାବସ୍ଥାରେ ବିରାମ ଆଣିବା ଦିଗରେ ପଥ କଢ଼ାଇ ନେବ। ପରନ୍ତୁ, ଏହା ଭାରତ ଭଳି ଦେଶମାନଙ୍କର ଯୋଜନାଗୁଡ଼ିକ କ୍ଷେତ୍ରରେ ଅଦଳ ବଦଳ କରିବା ନିମନ୍ତେ ଚାପ ପକାଇବ, ଯାହା ବିଶ୍ୱର ସର୍ବାଧିକ ସାମଗ୍ରୀ ଉତ୍ପାଦନକାରୀ ରାଷ୍ଟ୍ର ଏବଂ ସର୍ବବୃହତ୍ ଖାଉଟି ରାଷ୍ଟ୍ର ମଧ୍ୟରେ ସୃଷ୍ଟି ହୋଇଥିବା ଫାଟର ଫାଇଦା ଉଠାଇବା ନିମନ୍ତେ ଯୋଜନା କରିବାକୁ ଆରମ୍ଭ କରିଥିଲା । ତେବେ ଏହି ରାଜିନାମା ଦ୍ରୁତ ଗତିରେ ବୃଦ୍ଧି ପାଇ ଚାଲିଥିବା ବାଣିଜ୍ୟିକ ନିଅଣ୍ଟକୁ ନେଇ ଆମେରିକୀୟ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କର ରହିଥିବା ଚିନ୍ତା ଏବଂ ଚୀନ୍ ଲୋକମାନଙ୍କ ସାମ୍ନାରେ ଆମେରିକୀୟମାନେ ସେମାନଙ୍କର ଚାକିରି ହରାଇ ଚାଲିଥିବା ଜନିତ ସମସ୍ୟାଗୁଡ଼ିକୁ ସମାଧାନ କରିବାରେ ବିଫଳ ହୋଇଛି। ଚୀନ୍ ସହିତ ୱାଶିଂଟନ୍‌ର ୨୯୫ ବିଲିଅନ୍ ଡଲାରର ବାଣିଜ୍ୟିକ ନିଅଣ୍ଟ ରହିଛି । ଏମିତି କିଛି ଜିନିଷ ନାହିଁ ଯାହାକୁ ଆମେରିକା ପ୍ରତିଯୋଗିତାମୂଳକ ମୂଲ୍ୟରେ ଉତ୍ପାଦନ କରି ପାରୁଛି, ଯାହା ଚୀନ୍ ମଧ୍ୟ ଉତ୍ପାଦନ କରିପାରୁ ନାହିଁ । ତେଣୁ ଯେ ପର୍ଯ୍ୟନ୍ତ ଚୀନ୍ ଆମେରିକୀୟ ନିର୍ମାଣ ସୁବିଧାଗୁଡ଼ିକୁ ସ୍ଥାପିତ କରି ବାଣିଜ୍ୟିକ ନିଅଣ୍ଟକୁ କମାଇବା ପାଇଁ ନିବେଶ କରିବା ନିମନ୍ତେ ରାଜି ନ ହୋଇଛି, ସେ ପର୍ଯ୍ୟନ୍ତ ଦୁଇ ଦେଶ ମଧ୍ୟରେ ଆମଦାନୀ ଏବଂ ରପ୍ତାନୀ କ୍ଷେତ୍ରରେ ରହିଥିବା ସମସ୍ୟାର ସମାଧାନ ହୋଇ ପାରିବ ନାହିଁ । କିଛି ସମୟ ପୂର୍ବରୁ ଭାରତର ଏକ ଧାରଣ ରହିଥିଲା ଯେ ଆମେରିକା ଏବଂ ଚୀନ୍ ତାରିଫ୍‌କୁ ନେଇ ଯେଉଁଭଳି ଭାବରେ ପରସ୍ପର ପ୍ରତି ଆକ୍ରୋଶମୂଳକ ମନୋଭାବ ଆପଣାଉଛନ୍ତି, ଏହା ତା'ର ଫାଇଦା ଉଠାଇ ପାରିବ। ପରନ୍ତୁ, ଦୁଇ ଦେଶଙ୍କ ଭିତରେ ସମ୍ପ୍ରତି ହୋଇଥିବା ରାଜିନାମା ଏବଂ ନୂଆ ଧରଣର ସହଯୋଗ, ସାମୟିକ ହେଲେ ସୁଦ୍ଧା ଭାରତର ଯୋଜନା ଉପରେ ପାଣି ପକାଇବା ଭଳି ହୋଇଛି ; ଏହା ଆମେରିକୀୟ ପୁଞ୍ଜିନିବେଶକୁ ଆକର୍ଷିତ କରିବାକୁ ଚାହୁଁଥିବା ଭାରତୀୟ ଉଦ୍ୟୋଗମାନଙ୍କ ଆଶାର ଆକାଶ ଉପରେ କଳା ବାଦଲଟିଏ ମଣ୍ଡି ଦେଇଛି । ଏହା ସହିତ ଭାରତ ଏବଂ ଆମେରିକା ମଧ୍ୟରେ ବିଳମ୍ବିତ ହୋଇ ଚାଲିଥିବା ବାଣିଜ୍ୟିକ ରାଜିନାମା ମଧ୍ୟ ଭାରତର ଅର୍ଥନୀତିକ ସ୍ୱାସ୍ଥ୍ୟ ପାଇଁ ହାନିକାରକ। ଆମେରିକୀୟ ଉତ୍ପାଦଗୁଡ଼ିକୁ ପ୍ରଦାନ କରାଯାଉଥିବା ରିହାତିଗୁଡ଼ିକୁ ପ୍ରତ୍ୟାହାର କରିନେବା ପାଇଁ ଭାରତର ରହିଥିବା ଉଦ୍ଦେଶ୍ୟକୁ ବିଶ୍ୱ ବାଣିଜ୍ୟ ସଂଗଠନ (ଡବ୍ଲ୍ୟୁଟିଓ)କୁ ସୂଚିତ କରିବା ନିମନ୍ତେ ଏହା ଯେଉଁ ନିଷ୍ପତ୍ତି ନେଇଛି, ତାହା ଭାରତ ସହିତ ଆମେରିକା ବିକଶିତ କରିବାକୁ ଚାହୁଁଥିବା ସମ୍ପର୍କକୁ କ୍ୱଚିତ୍ ଅନୁପ୍ରେରିତ କରିବ। ଉପରୋକ୍ତ ରାଜିନାମା ବାଦ୍ ଆମେରିକା ଏବଂ ଚୀନ୍ ଆଗାମୀ ଦିନମାନଙ୍କରେ ମଧ୍ୟ ପରସ୍ପର ସହିତ ଆଲୋଚନାକୁ ଜାରି ରଖିବାକୁ ସହମତ ହୋଇଛନ୍ତି, ଯାହା ସ୍ଥିର କରିବ ଯେ ବାଣିଜ୍ୟିକ କାରବାର ଏବଂ ତାରିଫ୍‌କୁ ନେଇ ରହିଥିବା ସମସ୍ୟାର ସମାଧାନ ସବୁଦିନ ପାଇଁ ହେବ ନା ପୁଣିଥରେ ସମସ୍ତଙ୍କ ପାଇଁ ଚିନ୍ତାର କାରଣ ହେବ। ଦୁଇ ଶକ୍ତିଶାଳୀ ଦେଶଙ୍କ ଭିତରେ ହୋଇଥିବା ବୁଝାମଣା ଭାରତ ପାଇଁ ଉଭୟ ଅନିଶ୍ଚିତତା ଏବଂ ନିଶ୍ଚିତତାକୁ ବହନ କରି ଆଣିବାକୁ ଯାଉଛି । କାରଣ, ଆମେରିକା ଏବଂ ଚୀନ୍ ମଧ୍ୟରେ ଆଗକୁ ହେବାକୁ ଥିବା ବାର୍ତ୍ତାଳାପ ଯଦି ସଫଳ ହୁଏ, ତା'ହେଲେ ଯେଉଁ ନିବେଶକମାନେ ଅନ୍ୟାନ୍ୟ ଦେଶକୁ ଚାଲି ଯାଇଛନ୍ତି, ସେମାନେ ପୁଣିଥରେ ଚୀନ୍‌କୁ ଅନୁକୂଳ ଦୃଷ୍ଟିରେ ଦେଖିବାକୁ ଆରମ୍ଭ କରିବେ । ଏହି ଦେଶରେ ସାମଗ୍ରୀଗୁଡ଼ିକର ନିର୍ମାଣ କରିବା- ପରିମାଣ ଏବଂ ମୂଲ୍ୟ ଦୃଷ୍ଟିରୁ- ଏବେ ସୁଦ୍ଧା ଉଲ୍ଲେଖନୀୟ ହୋଇ ରହିଛି । ଭାରତ ଯେଉଁ ଚୀନ୍ ଯୁକ୍ତ ୧ ମଡେଲ କଥା କହୁଛି, ଅଥଚ ଏ ପର୍ଯ୍ୟନ୍ତ ପର୍ଯ୍ୟାପ୍ତ ପରିମାଣରେ କାମରେ ପରିଣତ କରିପାରି ନାହିଁ, ତାହା ହୁଏତ ତା'ର ଚମକ ହରାଇବ। ଆମେରିକାକୁ ତାରିଫ୍ କମାଇବା ନିମନ୍ତେ ବୁଝାଇବାରେ ସକ୍ଷମ ହୋଇଥିବା ଚୀର ପ୍ରସ୍ତାବ ନିର୍ବିଶେଷରେ ବେଜିଂ ଏବେ ବି ଆମେରିକାର ପ୍ରକୃତ ପ୍ରତିପକ୍ଷ ହୋଇ ରହିଛି- ଉଭୟ ଅର୍ଥନୀତିକ ଦୃଷ୍ଟିକୋଣରୁ ଏବଂ ଆଦର୍ଶ ଦୃଷ୍ଟିରୁ । ଯେ ପର୍ଯ୍ୟନ୍ତ ଆମେରିକାକୁ ଏହାର ବିଶ୍ୱ ମହାଶକ୍ତିର ପରିଚିତିରୁ ହଟାଯାଇ ନାହିଁ, ସେ ପର୍ଯ୍ୟନ୍ତ ଚୀନ୍ ସମଗ୍ର ବିଶ୍ୱ ପାଇଁ କିମ୍ବଦନ୍ତୀର ସେହି ମଧ୍ୟବର୍ତ୍ତୀ ରାଜ୍ୟ ହେବାର ସ୍ଥାନ ଲାଭ କରି ପାରିବ ନାହିଁ । ଅତଏବ, ସମଗ୍ର ବିଶ୍ୱର ନେତୃତ୍ୱ ନେବାର ସ୍ଥାନକୁ ବଜାୟ ରଖିବା ପାଇଁ ଆମେରିକା ନିମନ୍ତେ ଭାରତ ଭଳି ଏକ ବନ୍ଧୁତ୍ୱପୂର୍ଣ୍ଣ ତଥା ବଳିଷ୍ଠ ଭାରତର ଅପରିହାର୍ଯ୍ୟତା ରହିଛି । ସମ୍ପ୍ରତି ଟ୍ରମ୍ପ ନିଜକୁ କିଛି ପାଦ ପଛକୁ ଫେରାଇ ନେବାର କାରଣ ହେଉଛି ଆର୍ଥିକ ବଜାରର ତରଳିବା, ଯାହା ଦର୍ଶାଉଛି ଯେ ୱାଲ୍ ଷ୍ଟ୍ରିଟ୍ ଆମେରିକାରେ ତା'ର କ୍ଷମତା ଏବେ ସୁଦ୍ଧା ହରାଇ ନାହିଁ ।

# ବିଶ୍ୱ ପ୍ରଦୂଷଣ ଓ ଜନ ଜୀବନରେ ତା'ର କୁପ୍ରଭାବ




ଡକ୍ଟର ଅମୂଲ୍ୟ କୁମାର ପଣ୍ଡା


ପ୍ରଦୂଷଣ ହେଉଛି ପ୍ରାକୃତିକ ପରିବେଶରେ ପ୍ରଦୂଷକ ପଦାର୍ଥର ପରିଚୟ, ଯାହା ସ୍ୱାଭାବିକ ପ୍ରକୃତିରେ ପ୍ରତିକୂଳ ପରିବର୍ତ୍ତନ ଆଣିଥାଏ । ପ୍ରଦୂଷଣ ରାସାୟନିକ ପଦାର୍ଥ ବା ଶକ୍ତିର ରୂପ ନେଇପାରେ, ଯେପରିକି ଶବ୍ଦ, ଉତ୍ତାପ କିମ୍ବା ଆଲୋକ । ପ୍ରଦୂଷଣ, ପ୍ରଦୂଷଣର ଉପାଦାନ, ବିଦେଶୀ ପଦାର୍ଥ/ଶକ୍ତି କିମ୍ବା ପ୍ରାକୃତିକ ଭାବରେ ଘଟୁଥିବା ପ୍ରଦୂଷକ ହୋଇପାରେ । ପ୍ରଦୂଷଣ ପ୍ରାୟତଃ ଏକ ନିର୍ଦ୍ଦିଷ୍ଟ ଉତ୍ସ କିମ୍ବା ବହୁ ଉତ୍ସଜନିତ ପ୍ରଦୂଷଣ ଭାବରେ ଶ୍ରେଣୀଭୁକ୍ତ ହୋଇଥାଏ । ୨୦୧୫ରେ, ପ୍ରଦୂଷଣରେ ବିଶ୍ୱରେ ୯ ନିୟୁତ ଲୋକ ପ୍ରାଣ ହରାଇଥିଲେ। ପ୍ରଦୂଷଣର ମୁଖ୍ୟ ରୂପଗୁଡ଼ିକ ହେଲା: ବାୟୁ ପ୍ରଦୂଷଣ, ଆଲୋକ ପ୍ରଦୂଷଣ, ଆବର୍ଜନାର ଦୁରୁପବ୍ୟବହାର, ଶବ୍ଦ ପ୍ରଦୂଷଣ, ପ୍ଲାଷ୍ଟିକ ପ୍ରଦୂଷଣ, ମୃତ୍ତିକା ପ୍ରଦୂଷଣ, ରେଡିଓଆକ୍ଟିଭ୍ ପ୍ରଦୂଷଣ, ତାପଜ ପ୍ରଦୂଷଣ, ଦୃଷ୍ଟି ପ୍ରଦୂଷଣ ଏବଂ ଜଳ ପ୍ରଦୂଷଣ । ବାୟୁ ପ୍ରଦୂଷଣ ସର୍ବଦା ସଭ୍ୟତା ସହିତ ଆସିଥାଏ । ପ୍ରଦୂଷଣ ପ୍ରାଚୀନ କାଳରୁ ଆରମ୍ଭ ହୋଇଥିଲା, ଯେତେବେଳେ ମଣିଷ ପ୍ରଥମ ଅଗ୍ନି ସୃଷ୍ଟି କଲା । ସାଇନ୍ସ ପତ୍ରିକାରେ ୧୯୮୩ର ଏକ ଲେଖା ଅନୁଯାୟୀ, ପ୍ରାଚୀନ ଗୁମ୍ଫାର ଛାତରୁ ମିଳିଥିବା କଳା ଦାଗ ଉଚ୍ଚ ପ୍ରଦୂଷଣର ଯଥେଷ୍ଟ ପ୍ରମାଣ ଦେଇଥାଏ ଯାହା ଖୋଲା ଅଗ୍ନିକାଣ୍ଡର ଅପର୍ଯ୍ୟାପ୍ତ ବାୟୁ ଚଳାଚଳ ସହିତ ଜଡ଼ିତ ଥିଲା। 'ଧାତୁକୁ ଆକାର ଦେବା ଘର ବାହାରେ ଗୁରୁତ୍ୱପୂର୍ଣ୍ଣ ବିମାନ ପ୍ରଦୂଷଣ ସ୍ତର ସୃଷ୍ଟିର ଏକ ପ୍ରମୁଖ କାରଣ ବୋଲି ଦେଖାଯାଇଥିଲା। ଗ୍ରୀନଲ୍ୟାଣ୍ଡରେ ଥିବା ଗ୍ଲେସିୟର ମୂଳ ନମୁନା ଗ୍ରୀକ୍, ରୋମାନ୍ ଏବଂ ଚାଇନାର ଧାତୁ ଉତ୍ପାଦନ ସହିତ ଜଡ଼ିତ ପ୍ରଦୂଷଣର ବୃଦ୍ଧି ସୂଚାଇଥାଏ ।

ସାଧାରଣତଃ ବାୟୁ ନାମରେ ପରିଚିତ, ଏକ ଗ୍ୟାସ୍‌ମାନଙ୍କ ସମାହାର ଯାହା ପୃଥିବୀ ଗ୍ରହକୁ ଘେରି ରହିଛି ଓ ପୃଥିବୀର ମାଧ୍ୟାକର୍ଷଣ ଶକ୍ତି ବଳରେ ଆକର୍ଷିତ ହୋଇ ରହିଛି । ଏହି ବାୟୁମଣ୍ଡଳ ପୃଥିବୀର ଜୀବମାନଙ୍କୁ ଅତିବାଇଗିଣୀ ରଶ୍ମୀ ସୌର ରାଡିଏସନକୁ ଅବଶୋଷଣ କରି ସୁରକ୍ଷା ଦିଏ, ଏହାର ବାହ୍ୟ ଭାଗକୁ ଉଷୁମ ରଖେ ଓ ଦିବାରାତ୍ରୀର ଚରମ ଉତ୍ତାପକୁ (ଦୈନନ୍ଦିନ ଉତ୍ତାପ ପରିବର୍ତ୍ତନ) କମେଇ ଦିଏ । ଶୁଷ୍କ ବାୟୁରେ ଏହାର ଆୟତନର ୭୮.୦୯% ଯବକ୍ଷାରଜାନ, ୨୦.୯୫% ଅମ୍ଳଜାନ, ଧ ୦.୯୩% ଆର୍ଗନ, ୦.୦୩୯% ଅଙ୍ଗାରକାମ୍ଳ ଓ ଅଳ୍ପ ପରିମାଣର ଅନ୍ୟାନ୍ୟ ଗ୍ୟାସ୍ ଥାଏ । ସମୁଦ୍ର ପତନରରେ ବାୟୁର ପରିବର୍ତ୍ତନଶୀଳ ଜଳୀୟ ବାଷ୍ପର ପରିମାଣ ୧% ଥାଏ ଓ ସମୁଦାୟ ବାୟୁମଣ୍ଡଳରେ ଏହାର ପରିମାଣ ୦.୪% ଥାଏ । ବାୟୁ ମଣ୍ଡଳର ବିଭିନ୍ନ ସ୍ତରରେ ବାୟୁର ସାମଗ୍ରୀ ଓ ଚାପରେ ଅନ୍ତର ଥାଏ ଓ ପାର୍ଥିବ ବୃକ୍ଷମାନଙ୍କ ଶ୍ୱାସକ୍ରିୟା ଓ ଆଲୋକ ସଂଶ୍ଲେଷଣ ନିମନ୍ତେ ଉପଯୁକ୍ତ ବାୟୁ କେବଳ ପୃଥିବୀର ଟ୍ରୋପୋସ୍ଫିଅରରେ ମିଳେ । ବାୟୁ ତଥା ପୃଥିବୀର ବାୟୁ ମଣ୍ଡଳର ତିନୋଟି ମୁଖ୍ୟ ଉପାଦାନ ଥାଏ ଯଥା:- ଯବକ୍ଷାରଜାନ, ଅମ୍ଳଜାନ ଓ ଆର୍ଗନ୍ । ବାୟୁ ମଣ୍ଡଳର ସମୁଦାୟ ବସ୍ତୁତ୍ୱର ମୋଟାମୋଟି ୦.୨୫% ଜଳୀୟ ବାଷ୍ପ ଅଧିକାର କରିଥାଏ । ଜଳୀୟ ବାଷ୍ପର (ଏକ ଗ୍ରୀନ୍ ହାଉସ୍ ଗ୍ୟାସ୍) ସାନ୍ଦ୍ରତା ସର୍ବାଧିକ ଥଣ୍ଡା ସ୍ଥାନରେ ଆୟତନର ପ୍ରାୟ ୧୦ପିପିଏମ ଥାଏ ଓ ଉତ୍ତପ୍ତ ତଥା ଆର୍ଦ୍ର ବାୟୁରେ ଆୟତନର ୫% ଥାଏ; ଅନ୍ୟ ଗ୍ୟାସ୍‌ଗୁଡ଼ିକୁ ଶୁଷ୍କ ବାୟୁ ହିସାବରେ ଗ୍ରହଣ କରାଯାଏ । ଅନ୍ୟ ଗ୍ୟାସମାନଙ୍କୁ ନାମମାତ୍ର ଗ୍ୟାସ୍ ଭାବରେ ନିଆଯାଏ, ଯେଉଁଥିରେ ଗ୍ରୀନ ହାଉସ୍ ଗ୍ୟାସ୍ ଯଥା ଅଙ୍ଗାରକାମ୍ଳ, ମିଥେନ୍, ନାଇଟ୍ରସ୍ ଅକ୍ସାଇଡ ଓ ଓଜୋନ ଥାଏ । ଫିଲ୍‌ଟର ହୋଇଥିବା ଗ୍ୟାସ୍‌ରେ ନାମମାତ୍ର ରାସାୟନିକ ଦ୍ରବ୍ୟ ଥାଏ । ଅନେକ ସ୍ଥାନୀୟ ତଥା ଋତୁ ଅନୁଯାୟୀ ପରିବର୍ତ୍ତିତ ପରିମାଣର ପଦାର୍ଥ ଏରୋସୋଲ୍ ଆକାରରେ ପ୍ରାକୃତିକ ବାୟୁରେ ଥାଏ ଯେପରିକି ଖଣିଜ ଜୈବିକ ପଦାର୍ଥର ଧୂଳି, ପରାଗ, ସ୍ପୋର/ ବୀଜାଣୁ, ସାମୁଦ୍ରିକ ସ୍ପ୍ରେ ଓ ଆଗ୍ନେୟ ଗିରି ପାଉଁଶ । ବିଭିନ୍ନ ପ୍ରଦୂଷଣକାରୀ ପଦାର୍ଥ ଯେପରିକି କ୍ଲୋରିନ୍, ଫ୍ଲୋରିନ୍ ଯୌଗିକ ପଦାର୍ଥ ଓ ମୌଳିକ ପାରଦ ବାଷ୍ପ ମଧ୍ୟ ବାୟୁରେ ଥାଏ । ହାଇଡ୍ରୋଜେନ ସଲ୍‌ଫାଇଡ ଓ ସଲ୍‌ଫର୍ ଡାଇଅକ୍ସାଇଡ ମଧ୍ୟ ପକୃତିରୁ ତଥା କଳ କାରଖାନାରୁ ଉତ୍ପନ୍ନ ହୋଇ ବାୟୁ ପ୍ରଦୂଷଣ କରେ ।

ପରିବେଶର ଅନ୍ୟତମ ଅଙ୍ଗ ବାୟୁମଣ୍ଡଳ ଏକ ନିର୍ଦ୍ଦିଷ୍ଟ ଉଚ୍ଚତା ମଧ୍ୟରେ ପୃଥିବୀକୁ ଘେରି ରହିଛି। ବିଭିନ୍ନ ବାଷ୍ପର ଆନୁପାତିକ ମିଶ୍ରଣର ପରିପ୍ରକାଶ ହେଉଛି ବାୟୁମଣ୍ଡଳ। ଜୀବର ବଞ୍ଚିବାରେ ସହାୟକ ବାୟୁମଣ୍ଡଳ କ୍ରମଶଃ ସଂହାରକ ସାଜୁଛି। ତା'ର କାରଣ ବାୟୁର ବିଶୁଦ୍ଧତା କମୁଛି ଓ ପ୍ରଦୂଷଣ ବଢ଼ୁଛି। ବାୟୁମଣ୍ଡଳରେ ବିଷାକ୍ତ ତଥା କ୍ଷତିକାରକ ଉପାଦାନର ମାତ୍ରା ବଢିଯିବା ଦ୍ୱାରା ଏହାର ମାନ କମୁଛି। ଫଳରେ ଏହା ବ୍ୟବହାର ଅନୁପଯୁକ୍ତ ହେବା ସହିତ ନାନା ରୋଗ ସୃଷ୍ଟି ଓ ସଂକ୍ରମଣର କାରକ ସାଜୁଛି। ମଣିଷ ସହିତ ଅନ୍ୟ ଜୀବଜନ୍ତୁ, ଗଛଲତା ଏଥିରେ ଆକ୍ରାନ୍ତ ହୋଇ ମୃତ୍ୟୁମୁଖରେ ପଡୁଛନ୍ତି। ବାୟୁ ପ୍ରଦୂଷଣ ଜଳବାୟୁ ପରିବର୍ତ୍ତନର କାରଣ। ପରିବେଶରେ ପ୍ରତିଟି ବାଷ୍ପର ପରିମାଣ ଓ ବିଶୁଦ୍ଧତା ବଜାୟ ରଖିବାରେ ଅନ୍ୟ ଜୀବଜନ୍ତୁ ଓ ଗଛଲତାଙ୍କର ଭୂମିକା ରହିଥିଲା ବେଳେ କେବଳ ମଣିଷ ଏହାକୁ ପ୍ରଦୂଷିତ କରିଚାଲିଛି।

ବାୟୁ ପ୍ରଦୂଷଣ ଯୋଗୁ ବିଶ୍ୱରେ ବାର୍ଷିକ ପ୍ରାୟ ୪.୨ ନିୟୁତ ଲୋକ ଅକାଳରେ ମୃତ୍ୟୁବରଣ କରୁଛନ୍ତି। ପ୍ରଦୂଷିତ ବାୟୁର ପରିବ୍ୟାପ୍ତି ଏତେ ଅଧିକ ଯେ ପ୍ରାୟ ୯୧ ପ୍ରତିଶତ ଲୋକ ବିଶ୍ୱ ସ୍ୱାସ୍ଥ୍ୟ ସଂସ୍ଥା ଦ୍ୱାରା ସ୍ଥିରୀକୃତ ବାୟୁର ମାନଠାରୁ ନିମ୍ନମାନର ସ୍ଥାନରେ ବସବାସ କରିବାକୁ ବାଧ ହେଉଛନ୍ତି। ବାୟୁ ପ୍ରଦୂଷଣ: ବାୟୁମଣ୍ଡଳରେ ରାସାୟନିକ ପଦାର୍ଥ ଏବଂ କଣିକା ନିର୍ଗତ ଯୋଗୁଁ ହୋଇଥାଏ । ସାଧାରଣ ଗ୍ୟାସୀୟ ପ୍ରଦୂଷଣରେ କାର୍ବନ ମନୋକ୍ସାଇଡ୍, ସଲଫର୍ ଡାଇଅକ୍ସାଇଡ୍, କ୍ଲୋରୋଫ୍ଲୋରୋକାର୍ବନ୍ (ସିଏଫସି) ଏବଂ ଶିଳ୍ପ ଏବଂ ମୋଟର ଯାନଦ୍ୱାରା ଉତ୍ପାଦିତ ନାଇଟ୍ରୋଜେନ୍ ଅକ୍ସାଇଡ୍ ଅନ୍ତର୍ଭୁକ୍ତ । ନାଇଟ୍ରୋଜେନ୍ ଅକ୍ସାଇଡ୍ ଏବଂ ହାଇଡ୍ରୋକାର୍ବନ୍ ସୂର୍ଯ୍ୟ କିରଣରେ ପ୍ରତିକ୍ରିୟାଶୀଳ ହୋଇଥିବାରୁ ଫୋଟୋ କେମିକାଲ୍ ଓଜୋନ୍ ଏବଂ ଧୂଆଁ ସୃଷ୍ଟି ହୁଏ। ବୈଦ୍ୟୁତିକ ଚୁମ୍ବକୀୟ ପ୍ରଦୂଷଣ: ରେଡିଓ ତରଙ୍ଗ ଇତ୍ୟାଦି ଇଲେକ୍ଟ୍ରୋ-ଚୁମ୍ବକୀୟ ବିକିରଣର ଅତ୍ୟଧିକତା, ଯାହା ରେଡିଓ ତରଙ୍ଗ ଇତ୍ୟାଦିରେ ଲୋକମାନେ କ୍ରମାଗତ ଭାବରେ ପ୍ରକାଶ ପାଇଥାନ୍ତି । ଯଦିଓ ସେହି ପ୍ରକାରର ବିକିରଣର ମାନବ ସ୍ୱାସ୍ଥ୍ୟ ଉପରେ କୌଣସି ପ୍ରଭାବ ଅଛି କି ନାହିଁ ତାହା ଏପର୍ଯ୍ୟନ୍ତ ଜଣା ପଡ଼ିନାହିଁ ।ଆଲୋକ ପ୍ରଦୂଷଣ : ଅଯଥା ଆଲୁଅ, ଅତ୍ୟଧିକ ଆଲୋକ ଏବଂ ଜ୍ୟୋର୍ତିମଣ୍ଡଳ ଦୁନିଆରେ ହସ୍ତକ୍ଷେପ ଅନ୍ତର୍ଭୁକ୍ତ କରେ । ଆବର୍ଜନାର ଦୁରୁପବ୍ୟବହାର: ଅନୁପଯୁକ୍ତ ମାନବ ନିର୍ମିତ ବସ୍ତୁକୁ, ସର୍ବସାଧାରଣ ଏବଂ ବ୍ୟକ୍ତିଗତ ସମ୍ପତ୍ତି ଉପରେ ଆଜେବାଜେ କରି ଫୋପାଡ଼ିବା । ଶବ୍ଦ ପ୍ରଦୂଷଣ : ଯାହା ସଡ଼କ ପଥ ଶବ୍ଦ, ବିମାନ ଶବ୍ଦ, ଶିଳ୍ପ ଶବ୍ଦ ଏବଂ ଉଚ୍ଚ-ତୀବ୍ରତାଯୁକ୍ତ ସୋନାରକୁ ଅନ୍ତର୍ଭୁକ୍ତ କରେ । ପ୍ଲାଷ୍ଟିକ୍ ପ୍ରଦୂଷଣ : ପରିବେଶରେ ପ୍ଲାଷ୍ଟିକ୍ ଉତ୍ପାଦ ଏବଂ ଛୋଟ ଛୋଟ ପ୍ଲାଷ୍ଟିକ ଟୁକୁଡ଼ା ଜମା ହେବା ସହିତ ବନ୍ୟଜନ୍ତୁ, ବନ୍ୟଜନ୍ତୁ ବାସସ୍ଥାନ କିମ୍ବା ମଣିଷ ଉପରେ ପ୍ରତିକୂଳ ପ୍ରଭାବ ପକାଇଥାଏ । ମୃତ୍ତିକା ପ୍ରଦୂଷଣ ହୁଏ ଯେତେବେଳେ ରାସାୟନିକ ପଦାର୍ଥ ଛିଞ୍ଚିବା କିମ୍ବା ଭୂତଳ ଲିକେଜ୍‌ଦ୍ୱାରା ମୁକ୍ତ ହୁଏ । ମୃତ୍ତିକାର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ପ୍ରଦୂଷକ ମଧ୍ୟରେ ହାଇଡ୍ରୋକାର୍ବନ୍, ଭାରୀ ଧାତୁ, କୀଟନାଶକ ଏବଂ କ୍ଲୋରାଇଟେଡ୍ ହାଇଡ୍ରୋକାର୍ବନ୍ ଅଛି । ପରମାଣୁ ପଦାର୍ଥ ବିଜ୍ଞାନରେ ବିଂଶ ଶତାବ୍ଦୀର କାର୍ଯ୍ୟକଳାପରୁ ରେଡିଓଆକ୍ଟିଭ୍ ପ୍ରଦୂଷଣ, ଯେପରିକି ଆଣବିକ ଶକ୍ତି ଉତ୍ପାଦନ ଏବଂ ଆଣବିକ ଅସ୍ତ୍ର ଅନୁସନ୍ଧାନ, ଉତ୍ପାଦନ ଏବଂ ନିୟୋଜନ । ତାପଜ ପ୍ରଦୂଷଣ, ପ୍ରାକୃତିକ ପ୍ରଭାବରେ ସୃଷ୍ଟି ହୋଇଥିବା ପ୍ରାକୃତିକ ଜଳ ଶରୀରରେ ତାପମାତ୍ରା ପରିବର୍ତ୍ତନ, ଯେପରିକି ବିଦ୍ୟୁତ୍ କେନ୍ଦ୍ରରେ ଜଳକୁ କୁଲାଣ୍ଟ ଭାବରେ ବ୍ୟବହାର କରିବା ।ଦୃଷ୍ଟି ପ୍ରଦୂଷଣ, ଯାହା ଓଭରହେଡ୍ ପାୱାର୍ ଲାଇନ୍, ମୋଟରୱେ ବିଲବୋର୍ଡ, ଛିନ୍ନ ବିଛିନ୍ନ ଲ୍ୟାଣ୍ଡଫର୍ମ , ଆବର୍ଜନା ଖୋଲା ସଂରକ୍ଷଣ, ମ୍ୟୁନିସିପାଲିଟି କଠିନ ବର୍ଜ୍ୟବସ୍ତୁ କିମ୍ବା ଶୂନ୍ୟ (ସ୍ପେସ୍) ଆବର୍ଜନାକୁ ଦର୍ଶାଇପାରେ । ଜଳ ପ୍ରଦୂଷଣ, କ୍ଷରଣକାରୀଦ୍ୱାରା ଆବର୍ଜନା ଜଳ ବ୍ୟବସାୟିକ ଏବଂରୁ ଶିଳ୍ପ ଶୂନ୍ୟ (ଜାଣିଶୁଣି କିମ୍ବା ଢାଳିହୋଇଯାଇ) ଭିତରକୁ ପୃଷ୍ଠ ଜଳ ; ବିଶୋଧିତ ଘରୋଇ ଜଳ ନିଷ୍କାସନ, ଏବଂ ରାସାୟନିକ ପ୍ରଦୂଷକ ଯେପରିକି କ୍ଲୋରାଇନ୍, ବିଶୋଧିତ ସ୍ୱେରେଜ୍ ରୁ; ଛାଡ଼ି ଶୂନ୍ୟ ଏବଂ ଭିତରକୁ କଣ୍ଟେନମେଣ୍ଟ ପୃଷ୍ଠ ବାହିତ ପୃଷ୍ଠ ଜଳ ପ୍ରବାହିତ (ଅନ୍ତର୍ଭୁକ୍ତ ସହରାଞ୍ଚଳ ବାହିତ ଏବଂ କୃଷି ବାହିତ, ଯାହା ରାସାୟନିକ ଧାରଣ କରିପାରେ ସାର ଏବଂ କୀଟନାଶକ ମଧ୍ୟ ଅନ୍ତର୍ଭୁକ୍ତ ମଣିଷର ଖୋଲା ଶୌଚରୁ - ତଥାପି ଅନେକରେ ଏକ ପ୍ରମୁଖ ସମସ୍ୟା ବିକାଶଶୀଳ ଦେଶମାନଙ୍କର ବର୍ଜ୍ୟବସ୍ତୁ ନିଷ୍କାସନରୁ ଭୂତଳ ଜଳ ପ୍ରଦୂଷଣ ଏବଂ ଭୂମିରେ ପ୍ରବେଶ କରିବା, ପିଟ୍ ଲାଟ୍ରିନ ଏବଂ ସେପ୍ଟିକ୍ ଟ୍ୟାଙ୍କରୁ ; ଇଉଟ୍ରୋଫିକେସନ୍ ଏବଂ ଆବର୍ଜନା ଦୁଃବ୍ୟବହାର ।

ଧୂଳି, ଧୂଆଁ, ଅତି ସୂକ୍ଷ୍ମକଣିକା ଏବଂ କିଛି ବିଷାକ୍ତ ବାଷ୍ପ ବାୟୁମଣ୍ଡଳକୁ ପ୍ରଦୂଷିତ କରିଥାନ୍ତି। ଏମାନଙ୍କ ଉତ୍ପତ୍ତିର ଉତ୍ସମାନ ହିଁ ବାୟୁ ପ୍ରଦୂଷଣକୁ ପ୍ରୋତ୍ସାହିତ କରିଥାନ୍ତି। ଶିଳ୍ପ, ଗାଡିମୋଟର, ଟ୍ରାଫିକ, ସଡକ ଧୂଳି, ଖଣିଖାଦାନ, ପରିବହନ ଇତ୍ୟାଦିରେ ବୃଦ୍ଧି ବାୟୁମଣ୍ଡଳର ମାନକୁ ନିମ୍ନକୁ ଟାଣିଚାଲିଛି। କଳକାରଖାନା, ଗାଡିମୋଟରରେ ଇନ୍ଧନ ଭାବେ ବ୍ୟବହୃତ କୋଇଲା, ପେଟ୍ରୋଲ, ଡିଜେଲ ଆଦି ଜୀବାଶ୍ମ ଜାଳେଣିରୁ ନିର୍ଗତ ସଲଫର ଡାଇଅକ୍ସାଇଡ, କାର୍ବନ ମନୋକ୍ସାଇଡ ତଥା ନାଇଟ୍ରୋଜେନ ଅକ୍ସାଇଡ ଦ୍ୱାରା ବାୟୁମଣ୍ଡଳ ବିଶେଷଭାବେ ପ୍ରଦୂଷିତ ହୋଇଥାଏ। ଆଧୁନିକ କୃଷି ପଦ୍ଧତିରେ ବ୍ୟବହୃତ ରାସାୟନିକ ସାର, ଔଷଧ, କୀଟନାଶକ ବହୁଳତା କାରଣରୁ ଆମୋନିଆ ଭଳି ବିପଦପୂର୍ଣ୍ଣ ଗ୍ୟାସ ପ୍ରଚୁରମାତ୍ରାରେ ବାୟୁମଣ୍ଡଳରେ ମିଶୁଛି। ଖଣି ଖନନ, ଖଣିଜ ପରିବହନ ସମୟରେ ପ୍ରଚୁରମାତ୍ରାରେ ଧୂଳି ଏବଂ ରାସାୟନିକ ପଦାର୍ଥ ବାୟୁରେ ମିଶି ଏହାକୁ ପ୍ରଦୂଷିତ କରୁଛି। ଜନସଂଖ୍ୟା ବୃଦ୍ଧିକୁ ତାଳଦେଇ ଗାଡିମୋଟର ସଂଖ୍ୟା ବଢିବାରେ ଲାଗିଛି। ସ୍ଥିତି ଏମିତି ହେଲାଣି ସହର ବଜାରରେ ସବୁବେଳେ ଲାଗିରହିଛି ଟ୍ରାଫିକ ଜାମ୍। ଅନେକ ସମୟ ଧରି ଷ୍ଟାର୍ଟରେ ଥାଇ ରାସ୍ତା ଉପରେ ଗାଡିମୋଟର ଛିଡା ହୋଇ ରହୁଛି କିମ୍ବା ଅତି ନିମ୍ନ ବେଗରେ ଗତି କରୁଛି, ଯାହା ଅଧିକ ବିଷାକ୍ତ ବାଷ୍ପ ଛାଡି ବାୟୁ ପ୍ରଦୂଷଣ କରୁଛି। ସେହିପରି କଚ୍ଚା ରାସ୍ତାରେ ପରିବହନ ପାଇଁ ଅଧିକ ମାତ୍ରାରେ ଧୂଳି ଉଡି ବାୟୁରେ ମିଶୁଛି। ଶସ୍ୟ ଅମଳ ପରେ କ୍ଷେତରେ ନଡା କିମ୍ବା ଡମ୍ପିଂୟାର୍ଡ ବା ଘରୋଇ ବର୍ଜ୍ୟବସ୍ତୁ ଜଳାଇବା ଦ୍ୱାରା ପ୍ରଚୁର ଧୂଆଁ ସହିତ ସୂକ୍ଷ୍ମକଣିକା ବାୟୁରେ ମିଶୁଛି। ଫଳରେ ବାୟୁମଣ୍ଡଳରେ ଭାସମାନ ସୂକ୍ଷ୍ମ କଣିକା (ଏସ୍‌ପିଏମ୍)ର ମାତ୍ରା ବଢି ବାୟୁ ପ୍ରଦୂଷିତ ହେଉଛି। ବାୟୁ ପ୍ରଦୂଷଣକାରୀ ଏ ଯେଉଁ କେତୋଟି ପ୍ରମୁଖ ଉତ୍ସ ଓ ଉପାଦାନ କଥା କୁହାଗଲା ତାହା ମୁଖ୍ୟତଃ ମଣିଷର କାର୍ଯ୍ୟକଳାପ ସହିତ ସଂଯୋଜିତ। ଯେଉଁଠି ମଣିଷର ଏସବୁ କାର୍ଯ୍ୟକଳାପକୁ ଉନ୍ନତି ଓ ଆଧୁନିକତାର ମାପକାଠି ବୋଲି ଧରି ନିଆଯାଉଛି ସେପରି ସ୍ଥଳେ ବାୟୁ ପ୍ରଦୂଷଣ କମିବ କେମିତି ବାୟୁ ପ୍ରଦୂଷଣ ନିଃଶ୍ୱାସପ୍ରଶ୍ୱାସ, ହୃତ୍‌ପିଣ୍ଡ ସମ୍ବନ୍ଧୀୟ ରୋଗ ସାଙ୍ଗକୁ କର୍କଟ ରୋଗ ଭଳି ଅନେକ ପ୍ରକାରର ଶାରୀରିକ ଜଟିଳତା ବୃଦ୍ଧି କରିବାରେ ଲାଗିଛି। ଜଳବାୟୁ ପରିବର୍ତ୍ତନ, ବିଶ୍ୱତାପନ, ଅମ୍ଳବୃଷ୍ଟି, ଓଜୋନ ସ୍ତର ଅବକ୍ଷୟ ଆଦି ପରିବେଶୀୟ ପ୍ରତିକୂଳ ପ୍ରଭାବ ସୃଷ୍ଟିରେ ମୁଖ୍ୟ ଭୂମିକା ଗ୍ରହଣ କରିଛି ବାୟୁ ପ୍ରଦୂଷଣ। ଏହାଦ୍ୱାରା ମଣିଷ ଯେ ଖାଲି ଭୋଗୁଛି ତାହା ନୁହେଁ, ପଶୁପକ୍ଷୀ, ଗଛଲତା କ୍ରମଶଃ ବିଲୁପ୍ତି ପଥରେ ଅଗ୍ରସର ହେଉଛନ୍ତି।

ବାୟୁ ପ୍ରଦୂଷଣ ପରି ସମସ୍ୟାର ସମାଧାନ ପନ୍ଥା ମଣିଷ ପାଖରେ ଅଛି ଏବଂ ଏହା ସମ୍ଭବ ମଧ୍ୟ। ଆମେ ଆମର ଚିନ୍ତାଧାରା, କାର୍ଯ୍ୟକଳାପ ଏବଂ ଜୀବନଶୈଳୀରେ ବଡ଼ଧରଣର ପରିବର୍ତ୍ତନ ଆଣିବାର ବେଳ ଆସିଛି। ବିଳାସମୟ ଜୀବନରେ ଶକ୍ତି, ଇନ୍ଧନ, ବୈଦ୍ୟୁତିକ ଉପକରଣର ବ୍ୟବହାରକୁ କମ୍ କରିବାକୁ ପଡିବ। ବ୍ୟକ୍ତିଗତ ଗାଡିମୋଟର ସଂଖ୍ୟା କମାଇ ସର୍ବସାଧାରଣ ପରିବହନ ବ୍ୟବସ୍ଥା ଆପଣେଇବାର ମାନସିକତା ଉଦ୍ରେକ କରିବାକୁ ପଡିବ। ତା'ହେଲେ ଜୀବାଶ୍ମ ଜାଳେଣି ଖର୍ଚ୍ଚ କମିବ, ଟ୍ରାଫିକ ସମସ୍ୟା ସମାଧାନ ହୋଇ ଧୂଳିଧୂଆଁରୁ ମୁକ୍ତି ମିଳିବ। ବିଜୁଳି ଶକ୍ତିର ସଂରକ୍ଷଣ ତଥା ଶୃଙ୍ଖଳିତ ବ୍ୟବହାର କରିପାରିଲେ ତାପଜ ବିଦ୍ୟୁତ୍ ଉତ୍ପାଦନ ପାଇଁ ପ୍ରଚୁର କୋଇଲା ଜଳି ଯେଉଁ ବାୟୁ ପ୍ରଦୂଷଣ ହେଉଛି ତାହା କମିପାରିବ। ଏହା ସହିତ କମ୍ ବିଜୁଳି ଖର୍ଚ୍ଚ କରୁଥିବା ବୈଦ୍ୟୁତିକ ଉପକରଣ ଏବଂ ବଲ୍‌ବ ବ୍ୟବହାରକୁ ଅଗ୍ରାଧିକାର ଦିଆଯିବା ଦରକାର। ତେବେ ଶକ୍ତି ସଞ୍ଚୟକାରୀ ରେଫ୍ରିଜରେଟର, ଏୟାରକଣ୍ଡିଶନର ମିଳୁଛି ବୋଲି ଗୋଟିଏ ଜାଗାରେ ଦୁଇ-ତିନୋଟି ବ୍ୟବହାର କରିବା କେତେ ଯୁକ୍ତିଯୁକ୍ତ ଯଥାସାଧ ଖୋଲା ଡ୍ରେନକୁ ଆବରଣଯୁକ୍ତ କରାଯିବା ଦରକାର, ଯେଉଁଥିରୁ ବାହାରୁଥିବା କଠିନ ଆବର୍ଜନା ସମୟକ୍ରମେ ଶୁଖି ଧୂଳି ଉଡାଇଥାଏ। ଘରୋଇ, ମ୍ୟୁନିସିପାଲ ଆବର୍ଜନା ସହିତ କୃଷିକ୍ଷେତ୍ରର ଶସ୍ୟ, ନଡାକାଠି ସବୁକୁ ନ ଜାଳି ଉପଯୁକ୍ତ ପ୍ରଣାଳୀରେ ଲ୍ୟାଣ୍ଡଫିଲ କରାଯାଇପାରେ। ଶୁଷ୍କ ଆବର୍ଜନା, ବାଲି, ଖଣିଜ ପଦାର୍ଥ ପରିବହନକୁ ଆବରଣଯୁକ୍ତ କଲେ ତଦ୍ୱାରା ହେଉଥିବା ବାୟୁ ପ୍ରଦୂଷଣ କମିଯିବ।


(ଅବଶିଷ୍ଟାଂଶ ପୃଷ୍ଠା-୭ରେ)


# ଆମ ମାନସିକ ଚେତନାରେ ଶ୍ରୀମନ୍ଦିରର ବାଇଶି ପାହାଚ




ପ୍ରଫେସର ଡାକ୍ତର ସମ୍ରାଟ କର


ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ସଂସ୍କୃତିରେ ଶ୍ରୀମନ୍ଦିରର ବାଇଶି ପାହାଚରେ ଭରି ରହିଛି ଅନେକ ଦିବ୍ୟମହତ୍ତ୍ୱ ଯାହା ଆମ ସମସ୍ତଙ୍କୁ ଆକୃଷ୍ଟ କରିଥାଏ। ଭାବ ନଟେଇରେ ତେଲ ଲୁଣର ଟଣାଟଣି ଅଭାବୀ ସଂସାରକୁ ନେଇ ଯେତେବେଳେ ଜଣେ ହା ହୁତାଶ ହୋଇପଡ଼େ ସେ ଖୋଜିଥାଏ ମହାପ୍ରଭୁଙ୍କ କରୁଣା ବାରିଟିକିଏ ଆଉ ସେଇଥିପାଇଁ ଛୁଟି ଯାଏ ଶ୍ରୀକ୍ଷେତ୍ର ପୁରୀ। ଅନେକଙ୍କ ଭିତରେ ଏହି ଆତ୍ମ ପ୍ରତ୍ୟୟ ସୃଷ୍ଟି ହୋଇଥାଏ ଯେ ବାଇଶି ପାହାଚ ଅତିକ୍ରମ କରିବା ସହ ଭଗବାନ ଭକ୍ତଜନଙ୍କ ବାଇଶିଟି ଦୁଃଖକୁ ଯେପରି ଲାଘବ କରିଦିଅନ୍ତି। କେବଳ ମହାପ୍ରଭୁଙ୍କୁ ଦର୍ଶନ ନିମିତ୍ତ ଏହି ବାଇଶି ପାହାଚଟି ଗନ୍ତବ୍ୟର ବାଧବାଧକତା ତାହା ନୁହେଁ ବରଂ ଏହି ବାଇଶି ପାହାଚରେ ଟିକିଏ ବସିପଡ଼ିଲେ ଦେହ ଓ ମନ ଭିତରେ ଭରିଯାଏ ଅଫୁରନ୍ତ ଧୈର୍ଯ୍ୟ ଓ ଆନନ୍ଦର ଫଲଗୁ। ବାଇଶି ପାହାଚର ନାମକରଣକୁ ନେଇ ଅନେକ ପ୍ରସଙ୍ଗ, ଆଲେଖ୍ୟ ଓ କଥନିକା ପୁରାଣ ଓ ପୁସ୍ତକରେ ଲିପିବଦ୍ଧ ରହିଛି। କେହି କେହି ଏହାକୁ ଭୂଃ, ଭୂବଃ, ସ୍ୱଃ, ମହ, ଜନ, ତପଃ ଓ ସତ୍ୟ ଏହି ସପ୍ତଲୋକ ଅତଳ, ସୁତଳ, ବିତଳ, ତଳାତଳ, ମହୀତଳ, ରସାତଳ ଓ ପାତାଳ ସପ୍ତତଳ ଓ କୈବଲ୍ୟ ବୈକୁଣ୍ଠ ଶ୍ରୀବୈକୁଣ୍ଠ ପରମ ବ୍ୟୋମ ବୈକୁଣ୍ଠ, ବିଶ୍ୱବେଶ ବୈକୁଣ୍ଠ, ଶେଷ ଗାୟତ୍ରୀ ବୈକୁଣ୍ଠ, କରୁଣାର୍ଣ୍ଣବ ବୈକୁଣ୍ଠ, ଗର୍ଭୋଦୟକ ଶାୟୀ ବୈକୁଣ୍ଠ, କୈଳାସ ବୈକୁଣ୍ଠ ଏହି ଅଷ୍ଟ ବୈକୁଣ୍ଠର ପ୍ରତୀକ ବୋଲି କହିଥାନ୍ତି। ସେହିପରି ପୁରାଣ ଶାସ୍ତ୍ରରେ ମଧ୍ୟ ଉଲ୍ଲେଖ ରହିଛି ଯେ ପଞ୍ଚଭୂତ, ପଞ୍ଚଜ୍ଞାନେନ୍ଦ୍ରିୟ, ପଞ୍ଚ କର୍ମଇନ୍ଦ୍ରିୟ, ପଞ୍ଚତନ୍ମାତ୍ର, ମନ ତଥା ବୁଦ୍ଧିର ସମଷ୍ଟି ହେଉଛି ଏହି ବାଇଶି ପାହାଚ। ଅନେକ ଭକ୍ତଜନ ଏହାକୁ ବାଇଶିଟି ତୀର୍ଥଭୂମିର ସ୍ୱରୂପ ବୁଝିଥିବାବେଳେ ଆଉ କେହି କେହି ବାଇଶିଟି ଭାବ ଓ ବାଇଶିଟି ତତ୍ତ୍ୱ ସମ୍ପର୍କରେ ମଧ୍ୟ ନିଜ ବିଶ୍ୱାସ ରଖନ୍ତି। ତେବେ ସବୁଠାରୁ ବଡ଼ କଥା ହେଉଛି ଏହା କେବଳ ମହାପ୍ରଭୁଙ୍କ ଶ୍ରଦ୍ଧାଳୁଙ୍କ ପାଇଁ ନୁହଁ ସମସ୍ତ ମାନବ ସମାଜ ପାଇଁ ନିଜ ଭିତରୁ ପଞ୍ଚରସ, ଅଷ୍ଟ ତାତ୍ତ୍ୱିକ ଭାବ ତ୍ରିବୀଜ, ତ୍ରିଶକ୍ତି ଓ ତ୍ରିଗୁଣ ମିଶାଇଲେ ଯାହାର ସଂଖ୍ୟା ହେଉଛି ବାଇଶି, ଏହି ପଞ୍ଚମନ ଓ ସପ୍ତବିକାର ଭଳି ଖରାପ ଗୁଣକୁ ତ୍ୟାଗ କରି ମହାପ୍ରଭୁଙ୍କ କୃପା ପ୍ରାର୍ଥୀ ହେବା ପାଇଁ ଏହି ବାଇଶି ପାହାଚ ହିଁ ସମଗ୍ର ମଣିଷ ସମାଜକୁ ଶିକ୍ଷା ଦେଇଥାଏ।

ବାଇଶି ପାହାଚର ଅଧିଷ୍ଠାତ୍ରୀ ଦେବୀଗଣ ହେଲେ ମାୟା, ଚେତନା, ବୁଦ୍ଧି, ନିଦ୍ରା, କ୍ଷୁଧା, ଛାୟା, ଶକ୍ତି, ତୃଷ୍ଣା, କ୍ଷାନ୍ତି, ଜାତି, ଲଜ୍ଜା, ଶାନ୍ତି, ଶ୍ରଦ୍ଧା, କାନ୍ତି, ବୃତ୍ତି, ସ୍ମୃତି, ଦୟା, ତିଷ୍ଟି, ଚିନ୍ତା, ମାତୃ, ଭ୍ରାନ୍ତି ଓ ପ୍ରଜ୍ଞା। ଭକ୍ତ ବଳରାମ ଦାସ ତାଙ୍କର ଗୁପ୍ତ ଗୀତାରେ ରଚନା କରିଛନ୍ତି ବାଇଶି ପାହାଚରେ ରହିଛି ଅନେକ ପବିତ୍ରତା ଓ ତତ୍ତ୍ୱ। ଶ୍ରୀଜଗନ୍ନାଥଙ୍କ କରୁଣା ଲାଭ ନକଲେ ଭକ୍ତ ବାଇଶି ପାହାଚକୁ ଅତିକ୍ରମ କରି ଶ୍ରୀଜଗନ୍ନାଥଙ୍କ ଦର୍ଶନ କରିପାରିବ ନାହିଁ। ଓଡ଼ିଆ ଆଧ୍ୟାତ୍ମିକ ବିଶ୍ୱାସ ସହିତ ମାନସିକତାରେ ଏହି ବାଇଶି ପାହାଚର ଚେତନା ଅତିବ ଗୁରୁତ୍ୱପୂର୍ଣ୍ଣ। ବାଇଶି ପାହାଚରେ ଛୋଟ ପିଲାଙ୍କୁ ବିଶ୍ୱାସର ସହିତ ଗଡ଼ାଇ ଦେଲେ ସେମାନଙ୍କର ଆୟୁ ବୃଦ୍ଧି ହୋଇଥାଏ ଏବଂ ଏହି ବାଇଶି ପାହାଚରେ ରହିଥିବା ଯମଶୀଳାକୁ ଭକ୍ତଜନ ସ୍ପର୍ଶ କରି ମହାପ୍ରଭୁଙ୍କୁ ଦର୍ଶନ କଲେ କୌଣସି ପରିସ୍ଥିତିରେ ସେମାନଙ୍କୁ ଅକାଳ ମୃତ୍ୟୁ ହୋଇନଥାଏ। ଏହି ପାହାଚରେ ଆତଯାତ ହେଉଥିବା ଭକ୍ତଜନଙ୍କ ପବିତ୍ର ପାଦଧୂଳିକୁ ମୁଣ୍ଡରେ ସ୍ପର୍ଶ କରି ଶ୍ରୀଜୀଉଙ୍କୁ ଦର୍ଶନ ଲାଭ ପରେ ସେହି ବ୍ୟକ୍ତିମାନଙ୍କର ଜୀବନରେ ପରଲୋକ ପରେ ବୈକୁଣ୍ଠ ପ୍ରାପ୍ତ ହୋଇଥାଏ। ସୁତରୀ ଫୁଟ ଲମ୍ବ ଛଅଫୁଟ ଓସାର ଓ ଛଅ ଇଞ୍ଚ ଉଚ୍ଚତାର ଏହି ପାହାଚ ବଉଳମାଳ ପଥରରେ ତିଆରି। ପିତୃପକ୍ଷ ଓ ଅମାବାସ୍ୟା ଦିନ ଏହି ବାଇଶି ପାହାଚରେ ଶ୍ରାଦ୍ଧ ଦିଆଯାଇଥାଏ। ଶ୍ରୀଜୀଉଙ୍କର ବିଶ୍ୱ ପ୍ରସିଦ୍ଧ ପତିତପାବନ ଯାତ୍ରାକୁ ଯିବା ପୂର୍ବରୁ ଏହି ବାଇଶି ପାହାଚରେ ଯେଉଁ ପହଣ୍ଡି ବିଜେ ହୋଇଥାଏ ତାହା ବାସ୍ତବିକ ଅବର୍ଣ୍ଣନୀୟ। ଭକ୍ତଙ୍କ ସହିତ ଟିକିଏ ମିଶି ସେମାନଙ୍କୁ କୃପା ଦର୍ଶନ ଦେବା ନିମିତ୍ତ ଶ୍ରୀଜୀଉ ଆସିଥାନ୍ତି ବଡ଼ଦାଣ୍ଡ। ସର୍ବୋପରି ଓଡ଼ିଆ ବିଶ୍ୱାସ ଓ ଭାବ ଚେତନାରେ ବାଇଶି ପାହାଚର ମାହାତ୍ମ୍ୟ ଓ ଅନୁଭବର ପୁଲକ ସ୍ୱତନ୍ତ୍ର ଓ ଦିବ୍ୟ।

ଶ୍ରୀଜଗନ୍ନାଥ ସଂସ୍କୃତିରେ ଜୀବନ ପ୍ରତି ଅମୃତ ଦୃଷ୍ଟିକୋଣ ସଂପ୍ରସାରିତ ହୋଇଅଛି। ସେଇଠି ନାହିଁ ମୃତ୍ୟୁର ଭାବନା, ଆଉ ଶୋଚନା, ନିରାଶା ଆଉ ମୁହ୍ୟମାନତା। ସେଇଠି ଏକ ଅନନ୍ତ ଜାଗରଣ ଓ ଜ୍ୟୋତି ଜୀବନକୁ ଚିରସଞ୍ଜୀବିତ ଓ ଉର୍ଜ୍ଜସ୍ୱଳ କରି ରଖେ। ଓଡ଼ିଶାବାସୀ ଶ୍ରୀଜଗନ୍ନାଥଙ୍କ ଭିତରେ ଏହି ଅମୃତ ତତ୍ତ୍ୱର ସନ୍ଧାନ ପାଇଥିଲେ ବୋଲି ତାହାଙ୍କୁ ସର୍ବବିଶ୍ୱରେ ପରିବ୍ୟାପ୍ତ ପରଂବ୍ରହ୍ମରୂପୀ ପୁରୁଷୋତ୍ତମ ବୋଲି ବନ୍ଦନା କରିଛନ୍ତି। ଶ୍ରୀଜଗନ୍ନାଥଙ୍କର ଏହି ସ୍ୱରୂପ ଉପନିଷଦମାନଙ୍କରେ ବର୍ଣ୍ଣିତ ଅପାଣିପାଦ, ଅଚକ୍ଷୁ, ଅକର୍ଣ୍ଣ, ଅଥଚ ସର୍ବଗମ, ସର୍ବଦ୍ରଷ୍ଟା ଓ ସର୍ବଶ୍ରୋତା ପୁରୁଷୋତ୍ତମଙ୍କ ସ୍ୱରୂପ ସହିତ ସମାନ। ନିଖିଳ ବିଶ୍ୱ ପାଇଁ ଆତ୍ମ ପୁରୁଷର ପୂର୍ଣ୍ଣତ୍ୱ ପ୍ରାପ୍ତି ଓ ଏହି ଲକ୍ଷରେ ତ୍ୟାଗ ତଥା ଆତ୍ମୋତ୍ସର୍ଗ ହିଁ ହେଉଛି ଉତ୍ତମ ପୁରୁଷ ବା ପୁରୁଷୋତ୍ତମର ଲକ୍ଷଣ। ଏହି ବିଶ୍ୱଚେତନା ଶିଖାଇଛି ଶ୍ରୀଜଗନ୍ନାଥ ସଂସ୍କୃତି।


ମାନସିକ ରୋଗ ବିଶେଷଜ୍ଞ,
ଦି'ବ୍ରେନ୍,
ପୁରୀଘାଟ ରୋଡ଼, କଟକ,
ମୋ: ୯୧୩୨୪୩୩୩୩୩





## ତୁମେ

### ରମାକାନ୍ତ ଦାସ

ତୁମେ କେବେ ବାଦଲଟେ
ସାଜି ବରଷି ଯାଅ
ମୋ ପ୍ରେମର ସହରେ
ତୁମେ କେବେ ପବନ
ପରିକା ମିଶିଯାଅ
ମୋ ପ୍ରତିଟି ନିଶ୍ୱାସରେ ।।
ତୁମେ କେବେ ଅଜଣାତେ
ମତେ ଛନ୍ଦିଦିଅ
ତୁମ ପ୍ରେମର ମାୟା ଜାଲରେ
ତୁମେ କେବେ ଆସ
ନିର୍ଜନ ଅନ୍ଧାରେ
ମୋ ଚେନା ଚେନା ସପନରେ ।।
ତୁମେ କେବେ ଆସ
ମେଘ ସବାରୀରେ
ସୁନା କନିଆଁଟେ ହୋଇ
ତୁମେ କେବେ ଆସ
ଗୋଧୂଳି ଲଗନେ
ଗଭାରେ ଗଜରା ନାଇ ।।
ତୁମେ କେବେ ତୁମ
ପ୍ରତିଛବି ଆଙ୍କ
ଯାଯବର ମୋ ହୃଦୟ କାନ୍ଥରେ
ତୁମେ କେବେ ଆସି
ମୋ ତନୁ ମନ ଛୁଅଁ
ପଳାଶ ଫୁଟାଅ ପଥର ଦେହରେ ।।
ତୁମେ କେବେ ବକ୍ଷେ
କର ଆଲିଙ୍ଗନ
ଆସି ସପନରେ ଗୋପନରେ
ତୁମେ କେବେ ମୋ
ପ୍ରାଣକୁ କୁହୁଳାଅ
ତୁମ ଯଉବନ ତୀରେ ।।
ତୁମେ କେବେ ମତେ
ଅଧିର କର
ତୁମ ପ୍ରୀତିର ଛୁଆଁରେ
ଯଉବନ ମୋର
ଯାଯାବର ତୁମପାଇଁ
ଧରା ଦିଅନାହିଁ ଥରେ ।।


ନନ୍ଦିଗ୍ରାମ, ନାଉଗାଁ, ଜଗତସିଂହପୁର
ମୋ :୯୬୬୮୮୧୫୩୬୯


## ଯେଣୁ ଗ୍ରୀଷ୍ମ ଆସିଛି

### ସୁନନ୍ଦା ମହାନ୍ତି

ନଈ ବିଲ ବଣ ପାହାଡ଼ ପର୍ବତ
ସବୁ ଯାଇଛି ଶୁଖି
ଗ୍ରୀଷ୍ମ ଉତ୍ତାପ ଚାଖି
ଜହ୍ନ ଅଛି ହେଲେ ମନ ହଜିଛି
ଶୁଖିଲା ଡ଼ାଳ ବକଳ
ଆମ୍ବ ବଉଳର ଶୀତଳ
ଗ୍ରୀଷ୍ମ ବୋଧେ ଚୋରାଇ ନେଇଛି
ସବୁଆଡେ ଡହଳ ବିକଳ
ମିଳୁନି ଛାୟା ସୁଶୀତଳ
ଉଷ୍ମ ଖରା ରୌଦ୍ରତାପ ଝରୁଛି
ଗ୍ରୀଷ୍ମ ଜଳୁଛି ପ୍ରଚଣ୍ଡ
ଝାଳ ଗମଗମ ପରାଣପିଣ୍ଡ
ନିଆଁ ବରଷି ଅଂଶୁଘାତ ଆଣିଛି
କାଳବୈଶାଖୀ ରୁଦ୍ରାଣୀ
ଧାନ ଉଜୁଡି ଗଉଣୀ
ଚାଷୀ ଚାତକେ ଆକାଶେ ଚାହିଁଛି
ଗ୍ରୀଷମ କାଳ ଦାରୁଣ ଅତି
ମୁଣ୍ଡଫଟା ଖରା ତାତିରେ ଭୀତି
ମରୁଭୂମି ପ୍ରାୟ ଧରା ଧୂସର ସାଜିଛି
ଯେଣୁ ଗ୍ରୀଷ୍ମ ଆସିଛି ।


ସାକ୍ଷୀଗୋପାଳ
ପୁରୀ
ମୋ: ୯୦୪୦୯୭୭୩୨୭


## ଅଜବ ଏ ସହର

### ପ୍ରଶାନ୍ତ ବ୍ରହ୍ମା

ଅଜବ ଏ ସହର ଅଜବ ରୂପ
ନିଆରା ଏକ ପ୍ରକୃତି
ଭିଜେ ଯାଇ ଯେବେ ତାର
ବାହୁତଳେ
ରହିଯାଏ ମୁଁ ନିବୃତ୍ତି।

ବୈଶାଖ ମାସ ଝାଞ୍ଜି ତଥାପି ଥଣ୍ଡା
ଲାଗେ ମାଘ ମାସ ପରି
ଇଛାଶକ୍ତି କହିବୁଲେ ଏ ସହର
ରହନ୍ତି ତୋତେ ମୁଁ ଧରି।

ଅର୍ଦ୍ଧ ରାତ୍ରି ନିସ୍ତବ୍ଧ ରେ ଏ ସହର
କୋଳାହଳ ନାହିଁ ପକ୍ଷୀ
ସକାଳର ଜୀବନ୍ତରେ ଗଛ ଲତା
ମନ ରହିଯାଏ ଲାଖି।

ନାଲି ସୂରୁଜ ପର୍ବତ ର ଶିର୍ଷରେ
ଆହାଃ କି ଅପୂର୍ବ ଦୃଶ୍ୟ
ଅଙ୍କା ବଙ୍କା ରାସ୍ତା ଘଞ୍ଚ ଜଙ୍ଗଲରେ
ଶୁଭେ ଜୀବଙ୍କର ହାସ୍ୟ

ଅଜବ ସହର ଅଜବ ମଣିଷ
ନିଷ୍କପଟ ତାଙ୍କ ମନ
ସତରେ ଲାଗେ ଏ ସହର ମୋ ପାଇଁ
ରହନ୍ତି ସାରା ଜୀବନ।

ଝରଣା ଜଳ ମନ ହୁଏ ବ୍ୟାକୁଳ
ଭିଜନ୍ତି ତା ପାଖେ ମୁହିଁ
ଜୀବ ଜନ୍ତୁ ମାନଙ୍କର କୋଳାହଳ
କିଣି ନେଲା ମନ ସେହି।

ଅଜବ ଏ ସହର ଅଜବ ରୂପ
ନାମ ତାର ଏକ ଭିନ୍ନ
ତଥାପି ସରେନା ଭ୍ରମଣ ଯେ ମୋର
ଲାଖି ଯାଏ କାହିଁ ମନ।

ପାରିଜାତ ପୁଷ୍ପ ସତେ ଫୁଟିଅଛି
ଲାଗେ ସତେ ଚର୍ତୁପାର୍ଶ୍ୱ
ସତେ ସ୍ୱର୍ଗ ଠାରୁ ବୋଲି ଏ ସହର
ଲାଗେ ସବୁ ଅପୁର୍ବ ଦୃଶ୍ୟ।


ପଳାଶପୁର, ଖୋର୍ଦ୍ଧା

# ମୁଁ ଗଲେ ଫେରିପାରିବି ତ ? ପାକ୍ ସାମ୍ବାଦିକଙ୍କ ନିମନ୍ତ୍ରଣ ପରେ ଏଭଳି କହିଥିଲେ ଇରଫାନ୍



ବଲିଉଡ ଅଭିନେତା ଇରଫାନ ଖାନ ଆଉ ଏହି ଦୁନିଆରେ ନାହାଁନ୍ତି ସତ, କିନ୍ତୁ ସେ ତାଙ୍କ କାମ ଦ୍ୱାରା ଲୋକଙ୍କ ହୃଦୟରେ ଏକ ସ୍ୱତନ୍ତ୍ର ଛାପ ଛାଡ଼ିଯାଇଛନ୍ତି। ଇରଫାନ ଖାନଙ୍କ ଚଳଚ୍ଚିତ୍ରଗୁଡ଼ିକ ଏବେ ବି ତାଙ୍କ ପ୍ରଶଂସକମାନଙ୍କୁ ଉତ୍ସାହିତ କରେ। ତାଙ୍କର ଅଭିନୟକୁ ବହୁତ ପ୍ରଶଂସା କରାଯାଏ। ଇରଫାନ ଖାନ ତାଙ୍କର ସ୍ପଷ୍ଟବାଦୀ ଶୈଳୀ ଏବଂ ମଜାଦାର ଜବାବ ପାଇଁ ଜଣାଶୁଣା ଥିଲେ। ତାଙ୍କର ପ୍ରଶଂସକ ସଂଖ୍ୟା କେବଳ ଭାରତରେ ସୀମିତ ନଥିଲା। ତାଙ୍କୁ ବିଦେଶରେ ମଧ୍ୟ ବହୁତ ପସନ୍ଦ କରାଯାଉଥିଲା। ଶତ୍ରୁ ଦେଶ ପାକିସ୍ତାନରେ ମଧ୍ୟ ଇରଫାନ ଖାନଙ୍କର ଅଧିକ ପ୍ରଶଂସକ ଥିଲେ। ଥରେ ଇରଫାନ ଖାନଙ୍କୁ ପାକିସ୍ତାନ ଆସିବା ପାଇଁ ନିମନ୍ତ୍ରଣ ମିଳିଥିଲା। କିନ୍ତୁ ଇରଫାନ ଖାନ ଏହି ନିମନ୍ତ୍ରଣର ଏପରି ଜବାବ ଦେଇଥିଲେ, ଯାହା ସମସ୍ତଙ୍କୁ ହସାଇ ଦେଇଥିଲା। ସେ ଅଳ୍ପ ଶବ୍ଦରେ ପାକିସ୍ତାନକୁ ଆଇନା ଦେଖାଇ ଦେଇଥିଲେ। ଏକ କାର୍ଯ୍ୟକ୍ରମରେ ଜଣେ ପାକିସ୍ତାନୀ ସାମ୍ବାଦିକ ଇରଫାନ ଖାନଙ୍କୁ କହିଥିଲେ ଯେ, ଆମେ ଆପଣଙ୍କୁ ବହୁତ ପସନ୍ଦ କରୁ ଏବଂ ଆଶା କରୁଛୁ ଯେ ଆପଣ ପାକିସ୍ତାନ ଆସିବେ। ଏହା ଆମ ପାଇଁ ଏକ ବଡ଼ ସୌଭାଗ୍ୟର କଥା ହେବ। ଏହା ଶୁଣି ଇରଫାନ ଖାନ କହିଥିଲେ, 'ମୁଁ ପାକିସ୍ତାନ ଯିବି ସତ। କିନ୍ତୁ ମୁଁ ଫେରିପାରିବି ତ ?' ଏହା ଶୁଣି ସେଠାରେ ବସିଥିବା ଦର୍ଶକମାନେ ହସିବାକୁ ଲାଗିଥିଲେ।

# ଚହଲଙ୍କ ତଥାକଥିତ ପ୍ରେମିକା ମହାବେଶଙ୍କୁ ଲାଗିଲା କାହା ନଜର ?



ଆରଜେ ମହବେଶ ସୋସିଆଲ ମିଡିଆରେ ବହୁତ ସକ୍ରିୟ। ଯେବେଠାରୁ ମହବେଶଙ୍କ ନାମ ଲୋକପ୍ରିୟ କ୍ରିକେଟର ଯୁଜଭେନ୍ଦ୍ର ଚହଲଙ୍କ ସହ ଯୋଡା ହୋଇଛି, ସେବେଠାରୁ ସେ ତାଙ୍କ ବ୍ୟକ୍ତିଗତ ଜୀବନ ପାଇଁ ଚର୍ଚ୍ଚାରେ ରହିଛନ୍ତି। ଏବେ ମହବେଶ ନିଜ ସ୍ୱାସ୍ଥ୍ୟାବସ୍ଥାକୁ ନେଇ ଚର୍ଚ୍ଚାରେ। ସେ ଏବେ ଅସୁସ୍ଥ ଥିବା ଜଣାଯାଇଛି। ସୋସିଆଲ ମିଡିଆରେ ସେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ବିଷୟରେ ସୂଚନା ଦେବା ପରେ ଏହାକୁ ନେଇ ଚର୍ଚ୍ଚା ଆରମ୍ଭ ହୋଇଛି। ମହବେଶ ତାଙ୍କ ଇନଷ୍ଟାଗ୍ରାମ ଷ୍ଟୋରୀରେ ତାଙ୍କ ଅସୁସ୍ଥତା ବିଷୟରେ ସୂଚନା ଦେଇଛନ୍ତି। ସେ ଲେଖିଛନ୍ତି- ବନ୍ଧୁଗଣ, ମୋତେ ଡେଙ୍ଗୁ ହୋଇଛି। ଏହା ସହିତ ସେ ଏକ କାନ୍ଦିବା ଇମୋଜି ଦେଇ ଷ୍ଟୋରୀ ପୋଷ୍ଟ କରିଛନ୍ତି। ମହବେଶଙ୍କ ଅସୁସ୍ଥତା ବିଷୟରେ ଜାଣିବା ପରେ, ପ୍ରଶଂସକମାନେ ତାଙ୍କର ଶୀଘ୍ର ଆରୋଗ୍ୟ ପାଇଁ ପ୍ରାର୍ଥନା କରିଛନ୍ତି। ତେବେ ଚହଲ ଏବଂ ଲୋକପ୍ରିୟ କୋରିଓଗ୍ରାଫର ଧନଶ୍ରୀ ବର୍ମାଙ୍କ ଛାଡପତ୍ର ପୂର୍ବରୁ କ୍ରିକେଟରଙ୍କ ନାମ ମହବେଶଙ୍କ ସହ ଯୋଡା ଯିବା ଆରମ୍ଭ ହୋଇଥିଲା। ଛାଡପତ୍ର ପରେ ଉଭୟଙ୍କୁ ପ୍ରାୟତଃ ଏକାଠି ଦେଖିବାକୁ ମିଳୁଛି। ଦୁହେଁ ନିଜ ସମ୍ପର୍କକୁ ସ୍ୱୀକାର କରିନଥିଲେ ବି ଖୁଲମ ଖୁଲା ପରସ୍ପରର ପ୍ରଶଂସା କରୁଛନ୍ତି। ମହବେଶଙ୍କ ପେସାଦାର ଜୀବନ ବିଷୟରେ କହିବାକୁ ଗଲେ ତାଙ୍କ ଅଭିନୀତ ୱେବ୍ ସିରିଜ୍ 'ପ୍ୟାର୍ ପଇସା ଔର ପ୍ରଫିଟ୍' ନିକଟରେ ରିଲିଜ୍ ହୋଇଛି। ମହବେଶ ଏହି ୱେବ୍ ସିରିଜ୍ ?ର ବହୁତ ପ୍ରଚାର କରୁଥିବା ଦେଖାଯାଇଛି। ଏହି ୱେବ୍ ସିରିଜ୍ ପାଇଁ ଚହଲ ସୋସିଆଲ ମିଡିଆରେ ତାଙ୍କ ପାଇଁ ଏକ ପୋଷ୍ଟ ମଧ୍ୟ ସେୟାର କରିଥିଲେ, ଯେଉଁଥିରେ ସେ ଲେଖିଥିଲେ 'ମୁଁ ତୁମ ପାଇଁ ଗର୍ବିତ'। ଚହଲଙ୍କ ଏହି ପୋଷ୍ଟ ସୋସିଆଲ ମିଡିଆରେ ଭାଇରାଲ ହୋଇଥିଲା।

## ଅରମାନ ଏବଂ ଦୁଇ ପତ୍ନୀଙ୍କ ଜୀବନ ପ୍ରତି ବିପଦ: କହିଲେ- ବନ୍ଧୁକର ଲାଇସେନ୍ସ ଦିଅ

ନିଜର ବ୍ୟକ୍ତିଗତ ଜୀବନକୁ ନେଇ ସମାଲୋଚିତ ହୋଇଆସିଛନ୍ତି ୟୁଟ୍ୟୁବର ଅରମାନ ମଲିକ। ଦୁଇ ପତ୍ନୀଙ୍କ ସହ ତାଙ୍କର ସଂସାର ଚର୍ଚ୍ଚାରେ ରହିଥାଏ। ସେମାନେ ବ୍ଲଗ୍ କରିବା ସହ ବିଗ୍ ବସ୍ ଓଟିଟିରେ ନଜର ଆସିଥିଲେ। ଏବେ ସେ ସୋସିଆଲ ମିଡିଆରେ ଏକ ପୋଷ୍ଟ କରି ତାଙ୍କୁ ଏବଂ ତାଙ୍କ ପରିବାରର ଜୀବନ ପ୍ରତି ବିପଦ ଥିବା କହିଛନ୍ତି। ଏମିତିରେ ୟୁଟ୍ୟୁବର ପୋଲିସଠାରୁ ବନ୍ଧୁକର ଲାଇସେନ୍ସ ଲାଗି ଦାବି କରିଛନ୍ତି। ଅରମାନ ପୋଷ୍ଟରେ କହିଛନ୍ତି, ଗତ କିଛି ସମୟ ଧରି ମୋତେ ଲଗାତାର ଭାବେ ଧମକ ମିଳୁଛି। ମୋତେ ଏବଂ ମୋ ପରିବାରକୁ କ୍ଷତି ପହଞ୍ଚାଇବେ ବୋଲି କହୁଛନ୍ତି। ଏସବୁ ସତ୍ତ୍ୱେ ଆଇନ ବ୍ୟବସ୍ଥା ଉପରେ ମୋର ବିଶ୍ୱାସ ରହିଛି। ମୁଁ ଅଭିଯୋଗ କରିଛି, ଚିଠି ପଠାଇଛି, ସହାୟତା ମାଗିଛି। ହେଲେ ଏବେ ବି ବିପଦ ପୂର୍ବଭଳି ରହିଛି। ସୁରକ୍ଷା ଲାଗି ବନ୍ଧୁକ ରଖିବାର ଲାଇସେନ୍ସ ଦାବି କରିଥିଲି। ହେଲେ ମୋ' ଉପରେ ମାମଲା ଚାଲିଥିବା କହି ରିଜେକ୍ଟ କରିଦିଆଯାଉଛି। ଏହା ମିଛ, କୋର୍ଟରେ କେସ୍ ଚାଲିଛି।

## ୧୪ ବର୍ଷ ବୟସରେ ଏହି ଫିଲ୍ମରେ ବାପାଙ୍କ ସହ ଧମାଲ୍ କରିବେ ଯୁଗ ଦେବଗନ



ବଲିଉଡର ଲୋକପ୍ରିୟ ଷ୍ଟାର କିଡ୍ସମାନେ ନିଜ ମାଆ କିମ୍ବା ବାପାଙ୍କ ପରି ଅଭିନୟ ଜଗତରେ ନାମ କମାଉଛନ୍ତି। ନିକଟ ଅତୀତରେ, ଶାହରୁଖ ଖାନଙ୍କ ଝିଅ ସୁହାନା ଖାନ, ଶ୍ରୀଦେବୀଙ୍କ ଝିଅ ଖୁସି କପୁର ଏବଂ ସୈଫ ଅଲ୍ଲୀ ଖାନଙ୍କ ପୁଅ ଇବ୍ରାହିମ ଅଲ୍ଲୀ ଖାନଙ୍କ ପରି ଷ୍ଟାରମାନେ ଫିଲ୍ମରେ ଡେବ୍ୟୁ କରିଛନ୍ତି। ଏବେ ଅଜୟ ଦେବଗନଙ୍କ ପ୍ରିୟ ପୁଅ ଯୁଗ ଦେବଗନଙ୍କର ପାଳି ଆସିଛି। ହଁ ଆପଣ ଠିକ ଶୁଣିଲେ, ଅଜୟ ଦେବଗନଙ୍କ ପୁଅ ଯୁଗ ଦେବଗନ ଏବେ ଫିଲ୍ମ ଜଗତରେ ଡେବ୍ୟୁ କରିବାକୁ ପ୍ରସ୍ତୁତ, ତାହା ମଧ୍ୟ ତାଙ୍କ ବାପାଙ୍କ ସହିତ। ତାଙ୍କ ଫିଲ୍ମର ପ୍ରଥମ ଝଲକ ଏବଂ ରିଲିଜ୍ ତାରିଖ ମଧ୍ୟ ପ୍ରକାଶ ପାଇଛି, ଯାହାକୁ ଦେଖି ପ୍ରଶଂସକମାନେ ବହୁତ ଖୁସି ହୋଇଛନ୍ତି। ପ୍ରକୃତରେ, ଅଜୟ ଦେବଗନଙ୍କ ପୁଅ ଯୁଗ ଦେବଗନ ଜ୍ୟାକି ଚାନଙ୍କ ହଲିଉଡ୍ ଫିଲ୍ମ 'କରାଟେ କିଡ୍ ଲେଜେଣ୍ଡସ'ରେ ସ୍ୱର ଦେବାକୁ ଯାଉଛନ୍ତି। ଏହି ବହୁ ପ୍ରତୀକ୍ଷିତ ଫିଲ୍ମର ହିନ୍ଦୀ ଡବରେ ସେ ବେନ୍ ୱାଙ୍ଗଙ୍କ ପାଇଁ ଦାବିଙ୍ଗ କରିବେ । ଅଜୟ ଦେବଗନ ମଧ୍ୟ ହିନ୍ଦୀ ସଂସ୍କରଣରେ ଜ୍ୟାକି ଚାନଙ୍କ ପାଇଁ ଭଏସ ଦେବେ । ସୋନି ପିକଚର୍ସ ସୋସିଆଲ ମିଡିଆରେ ଏକ ଫଟୋ ମଧ୍ୟ ସେୟାର କରିଛି। ଫଟୋରେ ଅଜୟ ଦେବଗନ ଏବଂ ଯୁଗ ଦେବଗନ ଏକାଠି ନଜର ଆସିଛନ୍ତି। ପୋଷ୍ଟର କ୍ୟାପସନରେ ଲେଖାଯାଇଛି ଯେ, 'ଅଜୟ ଦେବଗନ ଏବଂ ଯୁଗ ଦେବଗନ କରାଟେ କିଡ୍ ଲେଜେଣ୍ଡସ୍ (ହିନ୍ଦୀ)ରେ ଜ୍ୟାକି ଚାନ୍ ଏବଂ ବେନ୍ ୱାଙ୍ଗଙ୍କ ଯାତ୍ରାକୁ ଜୀବନ୍ତ କରିବାକୁ ପ୍ରସ୍ତୁତ।' ନିର୍ମାତାମାନେ ସୂଚନା ଦେଇଛନ୍ତି ଯେ କରାଟେ କିଡ୍ ଲିଜେଣ୍ଡସର ହିନ୍ଦୀ ଟ୍ରେଲର ଖୁବ୍ ଶୀଘ୍ର ରିଲିଜ୍ ହେବ। ଏହି ଫିଲ୍ମଟି ମେ ୩୦ ତାରିଖରେ ସାରା ବିଶ୍ୱରେ ସିନେମା ହଲରେ ମୁକ୍ତିଲାଭ କରିବ। ଉଲ୍ଲେଖ ଥାଉ କି ଯେ ଅଜୟ ଦେବଗନଙ୍କ ପୁଅ ପରି, ଶାହରୁଖ ଖାନଙ୍କ ପୁଅ ଅବରାମ ଖାନ ମଧ୍ୟ ମୁଫାସା ଦ ଲାୟନ କିଙ୍ଗରେ ନିଜର କଣ୍ଠସ୍ୱର ଦେଇଛନ୍ତି। ଏହି ଫିଲ୍ମରେ ଶାହରୁଖ ମଧ୍ୟ ନିଜ କଣ୍ଠସ୍ୱର ଦେଇଥିଲେ।

# ଏହି ତାରିଖରେ ପୁଣି ମୁକ୍ତିଲାଭ କରିବ 'ଧଡକନ'



ବଲିଉଡର ସୁନ୍ଦର ପ୍ରେମ କାହାଣୀକୁ ଆଧାର କରି ତିଆରି ହୋଇଥିବା ଫିଲ୍ମ ଧଡକନ' ପୁଣିଥରେ ବଡ଼ ପରଦାରେ ଦର୍ଶକଙ୍କ ହୃଦୟ ଜିତିବାକୁ ପ୍ରସ୍ତୁତ ହେଉଛି। ଅକ୍ଷୟ କୁମାର, ଶିଳ୍ପା ସେଟ୍ଟୀ ଏବଂ ସୁନୀଲ ସେଟ୍ଟୀ ଅଭିନୀତ ଏହି ଚଳଚ୍ଚିତ୍ରଟି ୨୦୦୦ ମସିହାରେ ମୁକ୍ତିଲାଭ କରିବା ପରେ ଢେର ସାରା ପ୍ରଶଂସା ପାଇଥିଲା। ଏବେ ଏହା ପୁଣି ଥରେ ମୁକ୍ତିଲାଭ କରୁଛି । ଆସନ୍ତୁ, ଜାଣିବା ଏହି ଫିଲ୍ମଟି କେବେ ଏବଂ କିପରି ଦେଖିପାରିବା। ୨୦୦୦ ମସିହାରେ ମୁକ୍ତିଲାଭ କରିଥିବା 'ଧଡକନ' ସେହି ସମୟର ଏକ ସୁପରହିଟ୍ ଚଳଚ୍ଚିତ୍ର ଥିଲା, ଯାହା ପ୍ରେମ, ତ୍ୟାଗ ଏବଂ ପରିବାରର କାହାଣୀ ସହିତ ଦର୍ଶକଙ୍କୁ ପ୍ରଭାବିତ କରିଥିଲା। ଏବେ ଏହି ଫିଲ୍ମଟି ୨୩ ମଇ ୨୦୨୫ରେ ସିନେମା ହଲରେ ପୁନଃ ମୁକ୍ତିଲାଭ କରିବ। ଏହି ଖବର ପ୍ରଶଂସକଙ୍କ ମନରେ ପ୍ରବଳ ଉତ୍ସାହ ଭରି ଦେଇଛି। 'ଧଡକନ' ଏକ ରୋମାଣ୍ଟିକ ଫିଲ୍ମ ଯେଉଁଥିରେ ଶିଳ୍ପା ସେଟ୍ଟୀଙ୍କୁ ଅଞ୍ଜଳି ଭୂମିକାରେ ଦେଖିବାକୁ ମିଳିଥିଲା । ଯିଏ ତାଙ୍କ ପ୍ରେମ ଏବଂ ପରିବାରର ପସନ୍ଦ ମଧ୍ୟରେ ଫସିଯାଏ। ଫିଲ୍ମରେ ଶିଳ୍ପାଙ୍କ ବ୍ୟତୀତ ଅକ୍ଷୟ କୁମାର, ସୁନୀଲ ସେଟ୍ଟୀ, କିରଣ କୁମାର, କାଦର ଖାନ, ଏବଂ ପରମୀତ ସେଟ୍ଟୀ ଭଳି ଷ୍ଟାରମାନେ ମଧ୍ୟ ଫିଲ୍ମରେ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ଅଭିନୟ କରିଥିଲେ। ପରମୀତଙ୍କ ଖଳନାୟକ ଚରିତ୍ର ଆଜି ମଧ୍ୟ ମନେ ପଡ଼େ। ଏହି ଚଳଚ୍ଚିତ୍ରର ନିର୍ଦ୍ଦେଶନା ଦେଇଥିଲେ ଧର୍ମେଶ ଦର୍ଶନ। ଫିଲ୍ମର କାହାଣୀ ବ୍ୟତୀତ ଏହାର ଗୀତଗୁଡିକ ମଧ୍ୟ ବେଶ ଲୋକପ୍ରିୟ ହୋଇଥିଲା । ନଦୀମ-ଶ୍ରବଣଙ୍କ ସଙ୍ଗୀତ ଏବଂ ସମୀରଙ୍କ ଗୀତକୁ ଏବେ ବି ଅନେକ ଲୋକ ଗୁଣୁଗୁଣେଇ ହୁଅନ୍ତି । ମୁକ୍ତିଲାଭ କରିବା ପରେ ଏହି ଚଳଚ୍ଚିତ୍ରଟି ବ୍ଲକବଷ୍ଟର ହୋଇଥିଲା ।

## ରୁପେଲି ପରଦାରେ ଦର୍ଶକ ଦେଖିବେ ଓଡ଼ିଆ ଚଳଚ୍ଚିତ୍ର 'ଲ୍ୟାଣ୍ଡଫଲ୍'






'ଦମନ' ପରି ଏକ ସଫଳ ଚଳଚ୍ଚିତ୍ର ନିର୍ମାଣ କରି ଜାତୀୟସ୍ତରରେ ପୁରସ୍କୃତ ଓ ପ୍ରଶଂସିତ ହେବା ସହ ଓଡ଼ିଆ ଚଳଚ୍ଚିତ୍ର ନିର୍ମାଣ କ୍ଷେତ୍ରରେ ଏକ ବୈପ୍ଳବିକ ପରିବର୍ତ୍ତନ ଆଣିବାରେ ସକ୍ଷମ ହୋଇଥିବା ନିର୍ଦ୍ଦେଶକ ଯୋଡି ଦେବୀ ପ୍ରସାଦ ଲେଙ୍କା ଓ୍ୱିଶାଲ ମୌର୍ଯ୍ୟ ପୁଣି ଏକ ଚଳଚ୍ଚିତ୍ର ନିର୍ମାଣ କରୁଛନ୍ତି। ସବ୍ୟସାଚୀଙ୍କ ଅଭିନୀତ ଏହି ସିନେମାର ଶୀର୍ଷକ ଘୋଷଣା ହୋଇଛି, ଯାହାକୁ ନେଇ ଏବେଠୁ ଚର୍ଚ୍ଚା ଆରମ୍ଭ ହୋଇଗଲାଣି। ପିକ୍ସେଲ ମୁଭିଜ ନିବେଦିତ ତଥା ପ୍ରଭାତ କୁମାର ପ୍ରଧାନଙ୍କ ପ୍ରଯୋଜିତ ଏହି ନୂଆ ଓଡ଼ିଆ ସିନେମାର ଶୀର୍ଷକ ରହିଛି 'ଲ୍ୟାଣ୍ଡଫଲ୍'। ପ୍ରଭାବିତ କଳାଭଳି ବଳିଷ୍ଠ ଓ ମୌଳିକ କାହାଣୀ ଉପରେ ଆଧାରିତ ଏହି ଚଳଚ୍ଚିତ୍ରର ମୁଖ୍ୟ ଭୂମିକାରେ ଲୋକପ୍ରିୟ ତାରକା ସବ୍ୟସାଚୀ ମିଶ୍ରଙ୍କୁ ଦେଖିବାକୁ ପାଇବେ ଦର୍ଶକ। ତାଙ୍କ ବିପକ୍ଷରେ ନାୟିକା ଭାବେ ନଜର ଆସିବେ ସୌନ୍ଦର୍ଯ୍ୟମୟୀ ଅଭିନେତ୍ରୀ ଦିବ୍ୟାସ୍ମାତା। ଭୁବନେଶ୍ୱରର ହୋଟେଲ ଦି ନିଉ ମ୍ୟାରିୟନଠାରେ ଆୟୋଜିତ ଏକ ଭବ୍ୟ ଓ ଆଡମ୍ବରପୂର୍ଣ୍ଣ ଉତ୍ସବରେ ଏହାର ଶୀର୍ଷକ ଘୋଷଣା ହୋଇଥିଲା। ଆରମ୍ଭରେ ଉପସ୍ଥିତ ରହି ଡିଜି ଅଗ୍ନିଶମ ବିଭାଗ ଶ୍ରୀ ସୁଧାଂଶୁ ଷଡ଼ଙ୍ଗୀ ମହୋଦୟ ନିଜର ଶୁଭେଚ୍ଛା ଜଣାଇବା ସହ ପ୍ରାକୃତିକ ବିପର୍ଯ୍ୟୟର ମୁକାବିଲା ଦିଗରେ ଅଗ୍ନିଶମ ବିଭାଗର ତତ୍ପରତା ସମ୍ପର୍କରେ ଅଭିଜ୍ଞତା ରଖିଥିଲେ। ଏଥିରେ କୁଜଙ୍ଗର ତତ୍କାଳୀନ ତହସିଲଦାର ସୁରଜିତ ଦାସ, ଅତିରିକ୍ତ ତହସିଲଦାର ନୃସିଂହ ଚରଣ ସ୍ୱାଇଁ ପ୍ରମୁଖ ଯୋଗଦେଇ ଫିଲ୍ମର ଟାଇଟଲ, ଲୋଗୋ ଓ ପୋଷ୍ଟର ଉନ୍ମୋଚନ କରିବା ସହ ସେ ସମୟର ଅନୁଭୂତି ବଖାଣି ଥିଲେ। ଅନ୍ୟମାନଙ୍କ ମଧ୍ୟରେ ଚଳଚ୍ଚିତ୍ରର ସଙ୍ଗୀତ ନିର୍ଦ୍ଦେଶକ ଗୌରବ ଆନନ୍ଦ, ଡିଓପି ପ୍ରତାପ ରାଉତ ଏବଂ ଅନ୍ୟାନ୍ୟ କଳାକାର ଓ ଟେକ୍ନିସିଆନଙ୍କ ସମେତ ଇଣ୍ଡଷ୍ଟ୍ରିର ବହୁ ନାମୀ ଦାମୀ ବ୍ୟକ୍ତି ବିଶେଷ ଯୋଗ ଦେଇଥିଲେ।

# ବିରାଟଙ୍କ ଅବସରକୁ ନେଇ କାହିଁକି ଏମିତି କହିଲେ ଅନୁଷ୍କା ?



କ୍ରିକେଟର ବିରାଟ କୋହଲି ନିକଟରେ ଟେଷ୍ଟ କ୍ରିକେଟରୁ ଅବସର ଘୋଷଣା କରିଛନ୍ତି। ବିରାଟ କୋହଲିଙ୍କ ଟେଷ୍ଟ କ୍ରିକେଟରୁ ଅବସର ଘୋଷଣାରେ ପ୍ରଶଂସକମାନେ ଖୁସି ନୁହଁନ୍ତି। ବିରାଟଙ୍କ ପତ୍ନୀ ଅନୁଷ୍କା ଶର୍ମା ମଧ୍ୟ ଏହା ଉପରେ ଲଗାତାର ପୋଷ୍ଟ କରୁଛନ୍ତି। ସେ ବିରାଟଙ୍କ ପ୍ରଶଂସାରେ ପୋଷ୍ଟ କରିଥିଲେ। ଏବେ ସେ ଇନଷ୍ଟା ଷ୍ଟୋରୀରେ ଏକ ପୋଷ୍ଟ ଶେୟାର କରିଛନ୍ତି। ଅନୁଷ୍କା ଶର୍ମା ଏକ ପୋଷ୍ଟ ଶେୟାର କରିଛନ୍ତି। ଏଥିରେ କୁହାଯାଇଛି, 'ଯେଉଁମାନଙ୍କର କହିବା ପାଇଁ କାହାଣୀ ଥିଲା ସେମାନେ କେବଳ ଟେଷ୍ଟ କ୍ରିକେଟରେ ସଫଳ ହୋଇଥିଲେ।' ଏକ ଲମ୍ବା କାହାଣୀ ଯାହା ପ୍ରତ୍ୟେକ ପିଚରେ ଲେଖିବା ପରେ ମଧ୍ୟ ଶେଷ ହୁଏ ନାହିଁ – ଓଦା, ଶୁଖିଲା, ଦେଶୀ, ବିଦେଶୀ। ଅନୁଷ୍କା ଏହି ପୋଷ୍ଟ ସହିତ ଏକ ଧଳା ଇମୋଜି କରିଛନ୍ତି। ମଙ୍ଗଳବାର ଅଭିନେତ୍ରୀ ଅନୁଷ୍କା ଶର୍ମା ଏବଂ ବିରାଟ କୋହଲି ପ୍ରେମାନନ୍ଦ ମହାରାଜଙ୍କ ନିକଟରେ ପହଞ୍ଚିଥିଲେ। ଅନୁଷ୍କା ଏବଂ ବିରାଟ ପ୍ରେମାନନ୍ଦ ମହାରାଜଙ୍କ ନିକଟରେ ପ୍ରାର୍ଥନା କରିଥିଲେ। ପ୍ରେମାନନ୍ଦ ମହାରାଜ ବିରାଟ ଏବଂ ଅନୁଷ୍କାଙ୍କୁ ପଚାରିଥିଲେ ଯେ ସେମାନେ କିପରି ଅଛନ୍ତି। ବିରାଟ ଉତ୍ତର ଦେଇଥିଲେ ଯେ ସେମାନେ ଠିକ ଅଛନ୍ତି। ପ୍ରେମାନନ୍ଦ ମହାରାଜଙ୍କ କଥା ଶୁଣି ଅନୁଷ୍କା ଶର୍ମା କାନ୍ଦିବାକୁ ଲାଗିଲେ। ଅନୁଷ୍କା ଶର୍ମା ଏବଂ ବିରାଟ କୋହଲିଙ୍କ ଭିଡିଓ ଏବେ ସୋସିଆଲ ମିଡିଆରେ ଭାଇରାଲ ହେଉଛି। ଅନୁଷ୍କା ଶର୍ମାଙ୍କ କାମ ବିଷୟରେ କହିବାକୁ ଗଲେ, ସେ ଶେଷ ଥର ପାଇଁ ଫିଲ୍ମ 'ଜିରୋ' ରେ ନଜର ଆସିଥିଲେ। ଏହି ଫିଲ୍ମଟି ୨୦୧୮ରେ ମୁକ୍ତିଲାଭ କରିଥିଲା। ଅନୁଷ୍କାଙ୍କ ବ୍ୟତୀତ ଶାହରୁଖ ଖାନ ଏବଂ କ୍ୟାଟ୍ରିନା କୈଫଙ୍କ ଭଳି ଷ୍ଟାରମାନେ ମଧ୍ୟ ଏହି ଫିଲ୍ମରେ ଥିଲେ। ଜିରୋ ପରେ, ଅନୁଷ୍କା କାଲା ଫିଲ୍ମରେ ଏକ କ୍ୟାମିଓ ଭୂମିକାରେ ଅଭିନୟ କରିଥିଲେ। ୨୦୧୮ ପରଠାରୁ ତାଙ୍କୁ କୌଣସି ମୁଖ୍ୟ ଭୂମିକାରେ ଦେଖିବାକୁ ମିଳିନାହିଁ। ଅନୁଷ୍କାଙ୍କ ହାତରେ ଚକଦା ଏକ୍ସପ୍ରେସ ଫିଲ୍ମ ମଧ୍ୟ ଅଛି। ତଥାପି, ଏହି ଫିଲ୍ମଟି ମୁକ୍ତିଲାଭ କରିବ କି ନାହିଁ ସେ ବିଷୟରେ କୌଣସି ଅପଡେଟ ନାହିଁ। ସମ୍ପ୍ରତି କୁହାଯାଉଥିଲା ଯେ ଏହି ଫିଲ୍ମଟି ବନ୍ଦ ହୋଇପାରେ।

# ଭାରତର ସୈନ୍ୟଶକ୍ତିର ପରାକ୍ରମ ସାରା ବିଶ୍ୱ ଦେଖିଲା: ଧର୍ମେନ୍ଦ୍ର ପ୍ରଧାନ



ଭୁବନେଶ୍ୱର,୧୪/୫(ନି. ପ୍ର): ଭାରତ ସରକାରଙ୍କ ଆତଙ୍କବାଦୀ ବିରୋଧୀ ଅଭିଯାନ 'ଅପରେସନ ସିନ୍ଦୂର' ଭାରତର ସୈନିକ ଶକ୍ତିର ଶୌର୍ଯ୍ୟ, ସାହସ ଏବଂ ପରାକ୍ରମର ବଡ଼ ପ୍ରମାଣ ବୋଲି ଗଣମାଧ୍ୟମର ଏ ସମ୍ପର୍କିତ ପ୍ରସଙ୍ଗରେ ପ୍ରତିକ୍ରିୟା ରଖିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ।

ଆତଙ୍କବାଦ ବିରୋଧରେ ଏକ ନିର୍ଣ୍ଣାୟକ ଲଢେଇ ପାଇଁ ଅପରେସନ ସିନ୍ଦୂରର ସଫଳତା ପରେ ତିନି ସେନାକୁ ଓଡ଼ିଶା ତରଫରୁ ଶୁଭେଚ୍ଛା ଜଣାଇଥିବା ସହ ପ୍ରଧାନମନ୍ତ୍ରୀଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି ଶ୍ରୀ ପ୍ରଧାନ । ସେ କହିଛନ୍ତି ଆତଙ୍କବାଦୀଙ୍କୁ ମୂଳପୋଛ କରିବା ପାଇଁ ପାକିସ୍ତାନ ସୀମା ଭିତରେ ଆମର ବାୟୁ ସେନାବାହିନୀମାନେ ପ୍ରବେଶ କରି ପ୍ରଥମେ ସେମାନଙ୍କ ୯ଟି ଠିକଣା ସ୍ଥାନକୁ ନଷ୍ଟ କଲେ । ଭାରତର ସନ୍ୟଶକ୍ତିର ପରାକ୍ରମ, ଭାରତୀୟ ସମାଜର ପ୍ରତିବଦ୍ଧତା ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନିର୍ଣ୍ଣାୟକ ନେତୃତ୍ୱର ପରାକାଷ୍ଠା ସାରା ବିଶ୍ୱ ଦେଖିଲା । ଦେଶରେ ସୈନିକଶକ୍ତିଙ୍କ ମନୋବଳକୁ ବଢାଇବା ତଥା ଅପରେସନ ସିନ୍ଦୂର ସମର୍ଥନରେ ତ୍ରିରଙ୍ଗା ଯାତ୍ରାର ଆୟୋଜନ ପାଇଁ ଦେଶବାସୀଙ୍କୁ ଆହ୍ୱାନ କରାଯାଇଛି । ଏହାକୁ ନେଇ ଓଡ଼ିଶା ସମେତ ଦେଶବାସୀଙ୍କ ମଧ୍ୟରେ ଉତ୍ସାହ ଦେଖାଯାଇଛି । ଅପରପକ୍ଷରେ ଗୋପାଳପୁର କ୍ଷେପଣାସ୍ତ୍ର ପରୀକ୍ଷଣ କେନ୍ଦ୍ରରୁ ଭାର୍ଗବାସ୍ତ୍ର ନୂଆ ଭାବରେ ନିର୍ମିତ ହୋଇଛି । ଭାର୍ଗବାସ୍ତ୍ର ଭାରତର ଏୟାର ଡିଫେନ୍ସ ସିଷ୍ଟମକୁ ଆହୁରି ଆଧୁନିକ କରିବ । ଡିଆରଡିଓର ଏହି ସଫଳତା ପରେ ଓଡିଶା ଆଜି ଗର୍ବିତ । ଭାରତର ଭୂମିକା, ସେନାର ଭୂମିକାକୁ ନେଇ ଆମେ ଗୌରବାନ୍ୱିତ । ସ୍ୱାଧୀନତା ପରେ ପ୍ରଥମ ଥର ପାଇଁ ପାକିସ୍ତାନର କ୍ଷେପଣାସ୍ତ୍ର ଭାରତ ଶକ୍ତି ଆଗରେ ଫିକା ପଡିଛି । ଏଭଳି ବିଷୟରେ ସମାଲୋଚନା କରିବା ପୂର୍ବରୁ ବିରୋଧୀ ପକ୍ଷ ଧୈର୍ଯ୍ୟର ସହ ଦାୟିତ୍ୱସମ୍ପନ୍ନ ବ୍ୟବହାର କରିବା ଦରକାର ବୋଲି ସେ କହିଛନ୍ତି ।

# ପୁରୀ ଜିଲ୍ଲା ପରିଷଦର ୭ମ ବୈଠକ ଅନୁଷ୍ଠିତ

ପୁରୀ,୧୪/୫(ନି. ପ୍ର): ପୁରୀ ଜିଲ୍ଲା ପରିଷଦର ୭ମ ବୈଠକ ଆଜି ପୂର୍ବାହ୍ନରେ ଜିଲ୍ଲା ପରିଷଦ ସମ୍ମିଳନୀ ଗୃହରେ ଅନୁଷ୍ଠିତ ହୋଇଥିଲା । ଏଥିରେ ଅଧ୍ୟକ୍ଷତା କରି ଜିଲ୍ଲା ପରିଷଦର ସଭାପତି ସ୍ୱପ୍ନାରାଣୀ ସ୍ୱାଇଁ ଜିଲ୍ଲା ପରିଷଦ ଗ୍ରାମର ସାଧାରଣ ଲୋକଙ୍କ ମୌଳିକ ଆବଶ୍ୟକତା ପୂରଣ ପାଇଁ ଏକ ବଡ ଫୋରମ । ତେଣୁ ସଦସ୍ୟ ମାନଙ୍କ ମତାମତ କୁ ଗୁରୁତ୍ୱ ଦେଇ କାର୍ଯ୍ୟ କରିବା ସହ ପୁରୀ କୁ ଏକ ବିକଶିତ ଓ ସମୃଦ୍ଧ ଜିଲ୍ଲାରେ ପରିଣତ କରିବାକୁ ସମସ୍ତଙ୍କ ସହଯୋଗ କାମନା କରିଥିଲେ । ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ଯୋଗ ଦେଇ ପୁରୀ ଜିଲ୍ଲାର ଅର୍ଥନୀତି କୃଷି ଉପରେ ନିର୍ଭର ଶୀଳ ଥିବା ବେଳେ ବନ୍ୟା ଓ ବାତ୍ୟା ସବୁଠାରୁ ବଡ ବିପର୍ଯ୍ୟୟ । ସେହିପରି ପର୍ଯ୍ୟଟନ ଆମକୁ ଆଗକୁ ନେବ । ତେଣୁ ସମସ୍ତେ ଏକ ହୋଇ ତଳ ସ୍ତରରେ ଥିବା ସମସ୍ୟାକୁ ଦୂରେଇ ମୌଳିକ ସୁବିଧା ସୁଯୋଗ ଯୋଗାଇକୁ ପରାମର୍ଶ ଦେଇଥିଲେ । ପୁରୀ ଲୋକସଭା ସାଂସଦ ଡା ସମ୍ବିତ ପାତ୍ର ଜିଲ୍ଲା ପରିଷଦ ବୈଠକ କୁ ପ୍ରସ୍ତୁତ ହୋଇ ଆସିବା, ପୂର୍ବ ବୈଠକର ଆଲୋଚନା ଓ ପ୍ରସ୍ତାବ କୁ ରେ ସମାଧାନ ଅନୁସାରେ ବିବରଣୀ ରେ ସ୍ଥାନିତ କରିବା,ସମୟ ବଂଚାଇବା ପାଇଁ ପିପିଟି ମାଧ୍ୟମରେ ତଥ୍ୟ ରଖିବା ଓ ପାକିସ୍ତାନ ଉପରେ ସିନ୍ଦୂର ର ପରାକ୍ରମ ସମ୍ପର୍କରେ ତିନି ସେନାକୁ ସମସ୍ତ ସଦସ୍ୟ ଙ୍କ ସ୍ୱାକ୍ଷର ସମ୍ବଳିତ ଧନ୍ୟବାଦ ପତ୍ର ପ୍ରଦାନ ପାଇଁ ପରାମର୍ଶ ଦେଇଥିଲେ । ଜଗତସିଂହପୁର ସାଂସଦ ବିଭୂପ୍ରସାଦ ତରାଇ ଜନ ହିତ ପାଇଁ ସମସ୍ତେ ମିଳିମିଶି କାର ?୍ୟ କରିବାକୁ ପରାମର୍ଶ ଦେଇଥିଲେ । ଅନ୍ୟ ମାନଙ୍କ ମଧ୍ୟରେ କାକଟପୁର ବିଧାୟକ ତୁଷାର କାନ୍ତି ବେହେରା, ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ, ସତ୍ୟବାଦୀ ବିଧାୟକ ଓମ ପ୍ରକାଶ ମିଶ୍ର,ପୁରୀ ବିଧାୟକ ସୁନିଲ କୁମାର ମହାନ୍ତି, ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ସ୍ୱାଧୀନ କୁମାର ନାୟକ ପ୍ରମୁଖ ଯୋଗ ଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ଜିଲ୍ଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ କାର୍ଯ୍ୟସୂଚୀ ଅନୁସାରେ ବିଭିନ୍ନ ବିଭାଗର ସ୍ଥିତି ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ । ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ଓ କାର୍ଯ୍ୟ ନିର୍ବାହୀ ଅଧିକାରୀ ପ୍ରିୟରଞ୍ଜନ ପୃଷ୍ଟି ସମସ୍ତଙ୍କୁ ସ୍ୱାଗତ କରିବା ସହ କାର୍ଯ୍ୟସୂଚୀ ଅନୁସାରେ ବୈଠକ ପରିଚାଳନା କରିଥିଲେ । ଶିକ୍ଷା ବିଭାଗ ,କୃଷି ବିଭାଗ,ଉଦ୍ୟାନ କୃଷି, ମୃତିକା ସଂରକ୍ଷଣ, ଗ୍ରାମ୍ୟ ନିର୍ମାଣ,ଗ୍ରାମୀଣ ପାନୀୟ ଜଳଯୋଗାଣ,ଜଳ ସେଚନ,ଜଳ ନିଷ୍କାସନ,ଯୋଗାଣ ବିଭାଗ, ମତ୍ସ୍ୟ ବିଭାଗ, ସ୍ୱାସ୍ଥ୍ୟ ପରିବାର କଲ୍ୟାଣ ବିଭାଗ, ବିଦ୍ୟୁତ ବିଭାଗ, ସମାଜ କଲ୍ୟାଣ ବିଭାଗ, ସାମାଜିକ ସୁରକ୍ଷା ବିଭାଗ,ଶିକ୍ଷ ବିଭାଗ, ଜଙ୍ଗଲ ବିଭାଗ, ସମବାୟ ବିଭାଗ, ପ୍ରାଣୀ ଚିକିତ୍ସାଳୟ, ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା ,ଗ୍ରାମୀଣ ଆବାସ, ସ୍ୱଚ୍ଛ ପରିମଳ, ଓଡିଶା ଜୀବିକା ମିଶନ ଏବଂ ମିଶନ ଶକ୍ତି ବିଭାଗ ସମ୍ପର୍କରେ ଆଲୋଚନା କରାଯାଇଥିଲା ।

## ରେଡକ୍ରସ୍ କାର୍ଯ୍ୟନିର୍ବାହୀ କମିଟି ବୈଠକ

ସମ୍ବଲପୁର,୧୪/୫(ନି. ପ୍ର): ଆଜି ପୂର୍ବାହ୍ନ ୧୧ଟାରେ ସମ୍ବଲପୁର ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ଅଶୋକ କୁମାର ଭୋଇଙ୍କ ଅଧ୍ୟକ୍ଷତାରେ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ରେଡକ୍ରସ କାର୍ଯ୍ୟନିର୍ବାହୀ କମିଟି ବୈଠକ ଅନୁଷ୍ଠିତ ହୋଇଥିଲା । ଉକ୍ତ ବୈଠକରେ ରେଡକ୍ରସ ସମ୍ପାଦକ ରୋସେଲିନା ତିର୍କୀ, ରେଡକ୍ରସ ଉପାଧ୍ୟକ୍ଷ ପ୍ରଭାତି ସେଠ ପ୍ରମୁଖ ମଂଚାସୀନ ଥିଲେ । ଏହି ବୈଠକରେ ଜିଲ୍ଲା ରେଡକ୍ରସ ଶାଖାର କାର୍ଯ୍ୟକଳାପ, ୨୦୨୫ ମସିହା ମାର୍ଚ୍ଚ ୩୧ ପର୍ଯ୍ୟନ୍ତ ସଂଗ୍ରହ କରାଯାଇଥିବା ରାଶି ର ଲକ୍ଷ୍ୟ ଉପଲବ୍ଧି ଓ ଖର୍ଚ୍ଚ, ମହାପ୍ରୟାଣ ଯାନ ପରିଚାଳନା, ରେଡକ୍ରସ ଭବନ (ଘର ଭଡ଼ା ପ୍ରଦାନ ସ୍ଥିତି), ପାର୍ବତୀ ଗିରି ସ୍ମାରକୀ ରେଡକ୍ରସ ଭବନ ପରିଚାଳନା, ରେଡକ୍ରସ ସଦସ୍ୟଙ୍କ ସଦସ୍ୟତା ଅଭିଯାନ, ବୁର୍ଲାରେ ରେଡ୍ କ୍ରସ୍ ରେଷ୍ଟ ସେଡ୍ ର ପରିଚାଳନା ଓ ସମ୍ବଲପୁର ଜିଲ୍ଲା ରେଡ୍ କ୍ରସ୍ ଶାଖାର କାର୍ଯ୍ୟକାରିତା ର ରିପୋର୍ଟ ସମ୍ପର୍କରେ ଆଲୋଚନା ହୋଇଥିଲା ।

## ଜିଲ୍ଲାରେ ହେବ ଜଳ ସମ୍ପଦର ମେପିଂ

ସମ୍ବଲପୁର,୧୪/୫(ନି. ପ୍ର): ଆଜି ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ସୁଧାଂଶୁ କୁମାର ଭୋଇଙ୍କ ଅଧ୍ୟକ୍ଷତାରେ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ବିପର୍ଯ୍ୟୟ ପରିଚାଳନା ନିମନ୍ତେ ଜିଲ୍ଲା ସ୍ତରୀୟ କାର୍ଯ୍ୟଶାଳା ଅନୁଷ୍ଠିତ ହୋଇଯାଇଛି । ଉକ୍ତ କାର୍ଯ୍ୟଶାଳା ରେ ଡେପୁଟି କଲେକ୍ଟର (ଜରୁରୀକାଳୀନ) ନୂତନ ସେଠ, ସମସ୍ତ ଜିଲ୍ଲା ସ୍ତରୀୟ ପ୍ରଶାସନିକ ଅଧିକାରୀ, ସମସ୍ତ ବିଡିଓ ଏବଂ ତହସିଲଦାର ପ୍ରମୁଖ ଉପସ୍ଥିତ ରହି ଅତ୍ୟନ୍ତ ଗ୍ରୀଷ୍ମ ପ୍ରବାହ ଯୋଗୁ ମରୁଡି, ଜଳ ସଙ୍କଟ, ପ୍ରାକୃତିକ ବିପର୍ଯ୍ୟୟ ଆଦି ର ସମସ୍ୟା କୁ ଦୂର କରିବାପାଇଁ ପ୍ରସ୍ତୁତ ଯୋଜନା ବିଷୟରେ ଏକ ବ୍ୟାପକ ଆଲୋଚନା କରିଥିଲେ । କର୍ମଶାଳା ରେ ଉନ୍ମୋଚିତ ହୋଇଥିବା ପ୍ରାରମ୍ଭିକ ଚେତାବନୀ ବ୍ୟବସ୍ଥା, ଜଳ ସମ୍ବଳ ମ୍ୟାପିଂ, ଜଳବାୟୁ ଅନୁକୂଳ କୃଷି, କୃଷିରେ ଜଳ-ସଂରକ୍ଷଣ ଉପାୟ ବ୍ୟବହାର, ବର୍ଷା ଜଳ ଅମଳ ଓ ପୁନଃଚକ୍ରଣ ଏବଂ ଆନ୍ତ ବିଭାଗୀୟ ସମନ୍ୱୟ, ଏବଂ ଗୋଷ୍ଠୀଗତ ଯୋଗଦାନକୁ ନେଇ ଏକ ବହୁମୁଖୀ ଆଭିମୁଖ୍ୟକୁ ଗୁରୁତ୍ୱାରୋପ କରିଥିଲେ ।

# ଜିଲ୍ଲାସ୍ତରୀୟ ରବିଧାନ କ୍ରୟ କମିଟି ବୈଠକ: ୨୫ରୁ ମଣ୍ଡି ଶୁଭାରମ୍ଭ

ଜୟପୁର,୧୪/୫(ନି. ପ୍ର): କୋରାପୁଟ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସଭାଗୃହ ଠାରେ ଜିଲ୍ଲାସ୍ତରୀୟ ରବିଧାନ କ୍ରୟ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି । କୋରାପୁଟ ଜିଲ୍ଲାପାଳ ଭି କୀର୍ତ୍ତି ଓ୍ୱାସନଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ଜୟପୁର ବିଧାୟକ ତାରା ପ୍ରସାଦ ବାହିନୀପତି, କେସିସି ବ୍ୟାଙ୍କ ସଭାପତି ଈଶ୍ୱର ଚନ୍ଦ୍ର ପାଣିଗ୍ରାହୀ,କୋରାପୁଟ ସାଂସଦଙ୍କ ପ୍ରତିନିଧି ମନୋଜ ଆଚାର୍ଯ୍ୟ, ଜୟପୁର ଉପ ଜିଲ୍ଲାପାଳ ଏ ଶସ୍ୟା ରେଡ୍ଡୀ,କୋରାପୁଟ ଉପ ଜିଲ୍ଲାପାଳ ପ୍ରେମଲାଲ ହିଆଲଙ୍କ ସହ ମିଲର୍ସ ଓ ଚାଷୀ ମାନେ ଉପସ୍ଥିତ ଥିଲେ । କୋରାପୁଟ ଜିଲ୍ଲାରେ ୭୩ ଟି ମଣ୍ଡିରୁ ଧାନ କ୍ରୟ କରାଯିବ ବୋଲି ମୁଖ୍ୟ ଜିଲ୍ଲା ଯୋଗାଣ ଅଧିକାରୀ ପ୍ରଦୀପ କୁମାର ପଣ୍ଡା କହିଛନ୍ତି । ଜୟପୁର ଉପଖଣ୍ଡ ରେ ୬୪ ଏବଂ କୋରାପୁଟ ଉପଖଣ୍ଡରେ ୯ ଟି ମଣ୍ଡି ଖୋଲାଯିବ ବୋଲି ସେ କହିଛନ୍ତି । ଆସନ୍ତା ୨୫ ତାରିଖରୁ ମଣ୍ଡି ଶୁଭାରମ୍ଭ କରାଯିବ ବୋଲି ଜିଲ୍ଲାପାଳ ଭି କୀର୍ତ୍ତି ଓ୍ୱାସନ କହିଛନ୍ତି । ଚଳିତ ରବିଋତୁରେ ୮ ଲକ୍ଷ କ୍ୱିଣ୍ଟାଲ ଧାନ କ୍ରୟ କରିବାକୁ ଲକ୍ଷ୍ୟଧାର୍ଯ୍ୟ ହୋଇଛି । ମଣ୍ଡି ପାଇଁ ଆବଶ୍ୟକୀୟ ସମସ୍ତ ଆନୁଷଙ୍ଗିକ ବ୍ୟବସ୍ଥା ତୁରନ୍ତ କରାଯିବ ବୋଲି ଜିଲ୍ଲାପାଳ ସୂଚନା ଦେଇଛନ୍ତି । ଜୟପୁରରେ ଗୋଦାମ ଗୃହ ନିର୍ମାଣ କରିବାକୁ ବିଧାୟକ ଶ୍ରୀ ବାହିନୀପତି ପ୍ରସ୍ତାବ ରଖିଥିଲେ । ଏଥି ନିମନ୍ତେ ଆନୁଷଙ୍ଗିକ ବ୍ୟବସ୍ଥା କରିବାକୁ ଜିଲ୍ଲାପାଳ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଆସନ୍ତା ଖରିଫ ଋତୁ ପୂର୍ବରୁ ଗୋଦାମ ଗୃହ ନିର୍ମାଣ କରିବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି । ଅନ୍ୟ ପକ୍ଷରେ ବର୍ତ୍ତମାନ ଗୋଦାମ ଗୃହ ଅଭାବ ଯୋଗୁଁ ରବି ଧାନ କିଣିବାକୁ ମିଲର୍ସ ମାନେ ରାଜି ନ ହେବାରୁ ନିୟନ୍ତ୍ରିତ ବଜାର କମିଟି ଦ୍ୱାରା ଗୋଦାମ ଯୋଗାଇ ଦେବାକୁ ପ୍ରତିଶ୍ରୁତି ଦିଆଯାଇଛି । ଆଜିର ବୈଠକ ଗୁରୁତ୍ୱପୂର୍ଣ୍ଣ ଓ ଏହା ସମ୍ପୂର୍ଣ୍ଣ ଭାବେ ଚାଷୀଙ୍କ ସହ ଜଡ଼ିତ, କିନ୍ତୁ ପରିତାପର ବିଷୟ ଯୋଗାଣ ବିଭାଗ ରାଜନୈତିକ ଚାପରେ ଦଳୀୟ ମନୋଭାବ ରଖି ମାତ୍ର ୫ ଜଣ ଚାଷୀଙ୍କୁ ଡାକିଥିବା ଜୟପୁର ବିଧାୟକ ଅଭିଯୋଗ କରି ଅଧିକାରୀ ମାନେ ଚାଷୀ ମାନଙ୍କୁ ଦଳୀୟ ଭିତ୍ତିରେ ବିଭାଜନ କରୁଥିବା କହି ବର୍ଷିଥିଲେ । ସିଡିଏଓ ଚାଷୀ ମାନଙ୍କ ନାମ ଦେଇଥିଲେ ବୋଲି ଯୋଗାଣ ଅଧିକାରୀ ବୈଠକରେ ପ୍ରକାଶ କରିଥିଲେ । ତୁରନ୍ତ ଅଧିକାରୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନେବାକୁ ବିଧାୟକ ଶ୍ରୀ ବାହିନୀପତି ଦାବି କରିଛନ୍ତି । ଏଥିରେ ଜିଲ୍ଲାପାଳ ହସ୍ତକ୍ଷେପ କରି ଆସନ୍ତା ଦିନରେ ପ୍ରତି ବ୍ଲକରୁ ଜଣେ ଚାଷୀଙ୍କୁ ଡାକିବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ମିଲର୍ସ ମାନଙ୍କୁ ରାଜ୍ୟ ସରକାରଙ୍କ ପକ୍ଷରୁ କଷ୍ଟମ ମିଲିଂ ଠାରୁ ଆରମ୍ଭ କରି ଧାନ ଷ୍ଟକ୍ ରଖିବା ପର୍ଯ୍ୟନ୍ତ ସମସ୍ତ ଖର୍ଚ୍ଚ ଯୋଗାଇ ଦିଆଯାଉଥିଲେ ମଧ୍ୟ ମିଲର୍ସ ମାନଙ୍କ ମନମାନି ଯୋଗୁଁ ଜିଲ୍ଲାରେ ଚାଷୀ ବିଭିନ୍ନ ସମସ୍ୟାର ସମ୍ମୁଖିନ ହେଉଥିବା ଚାଷିମାନେ ଅଭିଯୋଗ କରିଛନ୍ତି । ଏହି ବୈଠକରେ ଜିଲ୍ଲାରେ ହଜାର ହଜାର ସଂଖ୍ୟାରେ ଚାଷୀ ରହିଥିବା ବେଳେ ସମସ୍ତ ଚାଷୀଙ୍କୁ ସୂଚନା ମିଳିନଥିବା କହିଛନ୍ତି ଜିଲ୍ଲାର ଅନେକ ଚାଷୀ । ଏଥି ପ୍ରତି ଜିଲ୍ଲା ମୁଖ୍ୟ ଯୋଗାଣ ଅଧିକାରୀଙ୍କ କାର୍ଯ୍ୟ ଶୈଳୀକୁ ନେଇ ବୈଠକରେ ଅନେକ ସମାଲୋଚନା କରାଯାଇଛି ।

# ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ ପକ୍ଷରୁ ଏନ୍ଇପି ଅଧ୍ୟାପନା ସିରିଜ୍

ସମ୍ବଲପୁର,୧୪/୫(ନି. ପ୍ର): ସମ୍ବଲପୁର ସ୍ଥିତ ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ ପକ୍ଷରୁ ନୂତନ ଶିକ୍ଷା ନୀତି-ଏନ୍ଇପିର ପ୍ରଭାବଶାଳୀ କାର୍ଯ୍ୟାନ୍ୱୟନ ଉପରେ ଅଧ୍ୟାପନା ସିରିଜ୍ ଆରମ୍ଭ ହୋଇଛି । ବିଶ୍ୱବିଦ୍ୟାଳୟର କୁଳପତି ପ୍ର. ଶ୍ୟାମସୁନ୍ଦର ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅଦ୍ୟାବଧି ଚାରୋଟି ପ୍ରଭାବଶାଳୀ ବକ୍ତୃତା ଅନୁଷ୍ଠିତ ହୋଇଛି । ଏହା ଆଗକୁ ମଧ୍ୟ ଜାରି ରହିବ । ଏହି ଅଧ୍ୟାପନା ଶୃଙ୍ଖଳରେ ଏନ୍ଇପିର ମୂଳ ମୂଲ୍ୟବୋଧକୁ ଗ୍ରହଣ କରିବା ଓ କାର୍ଯ୍ୟକାରୀ କରି ପ୍ରତିବଦ୍ଧତାର ପ୍ରତିଫଳନ ଉଦ୍ଦେଶ୍ୟ ରଖାଯାଇଛି । ଏଥିରେ ପାଠ୍ୟକ୍ରମ ସଂସ୍କାର, ବହୁଭାଷୀ ଶିକ୍ଷା, ଅନ୍ତର୍ଭୁକ୍ତିକରଣ, ନୈତିକ ଭିତ୍ତିଭୂମି ଏବଂ ଭାରତୀୟ ଜ୍ଞାନ ପ୍ରଣାଳୀର ସମନ୍ୱୟକୁ ସାମିଲ କରାଯାଇଛି । ଏନ୍ଇପି ପାଠ୍ୟକ୍ରମ ଓ ଶିକ୍ଷାଦାନ ସଂସ୍କାର ଉପରେ ବିଶ୍ୱବିଦ୍ୟାଳୟର ସମାଜଶାସ୍ତ୍ର ଓ ଅର୍ଥନୀତି ବିଭାଗ ଆନୁକୂଲ୍ୟରେ ଏନ୍ଆଇଇପିଏର ଜାତୀୟ ଫେଲୋ ପ୍ର. ସନ୍ତୋଷ କୁମାର ପଣ୍ଡା, ସଂସ୍କୃତ ଓ ଇତିହାସ ବିଭାଗ ଆନୁକୂଲ୍ୟରେ ନୀତି ଶାସ୍ତ୍ର, ମୂଲ୍ୟବୋଧ ଓ ଭାରତୀୟ ଜ୍ଞାନ ପ୍ରଣାଳୀ ବିଷୟରେ ବିଶ୍ୱଭାରତୀ ବୌଦ୍ଧ ଅଧ୍ୟୟନ କେନ୍ଦ୍ରର ନିର୍ଦ୍ଦେଶକ ପ୍ର. ଅରୁଣ ରଞ୍ଜନ ମିଶ୍ର ଏବଂ ଓଡ଼ିଆ ଓ ହିନ୍ଦୀ ବିଭାଗ ପକ୍ଷରୁ ଆୟୋଜିତ ଆଞ୍ଚଳିକ ଭାଷାରେ ଶିକ୍ଷା ଶୀର୍ଷକ ବିଷୟ ଉପରେ ମହାରାଜ ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର ଓଡ଼ିଆ ବିଭାଗର ପ୍ରଫେସର ବବ୍ରୁବାହନ ମହାପାତ୍ର ଓ ଆଗ୍ରା କଲେଜ ହିନ୍ଦୀ ବିଭାକର ପ୍ରଫେସର ଶେଫାଳୀ ଚର୍ତୁବେଦୀ ବକ୍ତବ୍ୟ ଉପସ୍ଥାପନ କରିଥିଲେ । ବିଶ୍ୱବିଦ୍ୟାଳୟର କୁଳସଚିବ ଡ. ଚିତ୍ତରଞ୍ଜନ ସାହୁ ଏବଂ ଅର୍ଥ ନିୟନ୍ତ୍ରକ ନଳୀନି ରଞ୍ଜନ ଷଡ଼ଙ୍ଗୀ ପ୍ରମୁଖଙ୍କ ସହଯୋଗରେ ଏନ୍ଇପିର ଗୁରୁତ୍ୱପୂର୍ଣ୍ଣ ଦିଗଗୁଡ଼ିକୁ ଅନୁସନ୍ଧାନ କରିବା ଓ ମୁକ୍ତ ବିଶ୍ୱବିଦ୍ୟାଳୟର ଶୈକ୍ଷିକ ଦୃଷ୍ଟିକୋଣକୁ ଜାତୀୟ ଢ଼ାଞ୍ଚାରେ ସମନ୍ୱିତ କରିବା ପାଇଁ ଏହି ପଦକ୍ଷେପ ପ୍ରକଳ୍ପ ଗ୍ରହଣ କରାଯାଇଛି ।

## ତିନି ସେନା ମୁଖ୍ୟଙ୍କ ପାଇଁ ଟୋପି ପଠାଇଲେ କମଳା ମହାରଣା

କେନ୍ଦ୍ରାପଡା,୧୪/୫(ନି. ପ୍ର): କେନ୍ଦ୍ରାପଡ଼ାର 'ଜରି ମାଉସୀ' କମଳା ମହାରଣା । ଅପରେସନ୍ ସିନ୍ଦୂରର ସଫଳତା ପରେ କମଳା ଖୁସି ହୋଇ ବ୍ୟବହୃତ ଜରିରେ ଜଳ, ସ୍ଥଳ ଓ ଆକାଶ ବାହିନୀ ମୁଖ୍ୟ ଙ୍କ ପାଇଁ ୩ ଟି ଟୋପି ପ୍ରସ୍ତୁତ କରିଛନ୍ତି । ଏହି ଟୋପି କୁ ପ୍ରସ୍ତୁତ କରିବା ପାଇଁ କମଳାଙ୍କୁ ୭ ଦିନ ସମୟ ଲାଗିଛି । ଏହି ଟୋପି ସେନାବାହିନୀର ମନୋବଳ ବୃଦ୍ଧି କରିବ ବୋଲି କମଳା କହିଛନ୍ତି ।

# ବଲାଙ୍ଗିରରେ ଶୀତଳଷଷ୍ଠୀ ଯାତ୍ରାର ସୁପରିଚାଳନା ନିମନ୍ତେ ପ୍ରସ୍ତୁତି ବୈଠକ

ବଲାଙ୍ଗିର,୧୪/୫(ନି. ପ୍ର): ବଲାଙ୍ଗିରରେ ଆସନ୍ତା ଶୀତଳଷଷ୍ଠୀ ଯାତ୍ରା ର ସୁପରିଚାଳନା ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଜିଲ୍ଲାପାଳ ଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷଠାରେ ଅତିରିକ୍ତ ଜିଲ୍ଲାପାଳ ପବିତ୍ର ବେହେରାଙ୍କ ଅଧ୍ୟକ୍ଷତା ରେ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ବଲାଙ୍ଗିର ଉପ -ଜିଲ୍ଲାପାଳ ଆଲୋକ କୁମାର ପଟେଲ, ଅତିରିକ୍ତ ଆରକ୍ଷୀ ଅଧିକାରୀ , ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ରମେଶ ଚନ୍ଦ୍ର ସାହୁ ଙ୍କ ସମେତ ବିଦ୍ୟୁତ ,ପୂର୍ତ୍ତ ,ଜନସ୍ୱାସ୍ଥ୍ୟ ,ପୌର ନିର୍ବାହୀ ଅଧିକାରୀ,ସମ୍ପୃକ୍ତ ବିଭାଗର ଅଧିକାରୀ ଓ ବଲାଙ୍ଗିର ସହରର ବିଭିନ୍ନ ଶୀତଳଷଷ୍ଠୀ କମିଟି ର କର୍ମକର୍ତ୍ତା ମାନେ ଉପସ୍ଥିତ ଥିଲେ । ବୈଠକରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ବେହେରା ସମସ୍ତଙ୍କୁ ସ୍ୱାଗତ କରିବା ସହ ଚଳିତ ବର୍ଷର ଶୀତଳଷଷ୍ଠୀ ଯାତ୍ରା ଯେପରି ଶାନ୍ତି ଶୃଙ୍ଖଳା ଓ ସୁଚାରୁ ରୂପେ ସମାପନ ହେବ ସେଥି ନିମନ୍ତେ ବିଭିନ୍ନ ଶୀତଳଷଷ୍ଠୀ କମିଟି ତଥା ସମ୍ପୃକ୍ତ ବିଭାଗୀୟ ଅଧିକାରୀ ମାନଙ୍କ ସମନ୍ୱୟ ଓ ସହଯୋଗ କାମନା କରିଥିଲେ । ବଲାଙ୍ଗିର ଉପ -ଜିଲ୍ଲାପାଳ ଶ୍ରୀ ପଟେଲ ସ୍ୱାଗତ ବକ୍ତବ୍ୟ ପ୍ରଦାନ କରି ଆଲୋଚ୍ୟ ବିଷୟ ଉପସ୍ଥାପନା କରିଥିଲେ । ଚଳିତ ବର୍ଷ ଶୀତଳଷଷ୍ଠୀ ଯାତ୍ରା କିପରି ସୁଚାରୁରୂପେ ସମାପନ ହେବ ସେ ସମ୍ପର୍କରେ ବୈଠକରେ ସବିଶେଷ ଆଲୋଚନା ହୋଇଥିଲା । ଶୀତଳଷଷ୍ଠୀ ଯାତ୍ରା ସମୟରେ ସହରରେ ବିଦ୍ୟୁତ ସରବରାହ ଯେପରି ବ୍ୟାଘାତ ନହୁଏ ସେଥିପ୍ରତି ଦୃଷ୍ଟି ଦେବାକୁ ବିଦ୍ୟୁତ ବିଭାଗ ର ନିର୍ବାହୀ ଯନ୍ତ୍ରୀ ଙ୍କୁ ଅନୁରୋଧ କରାଯାଇଛି । ଶୀତଳଷଷ୍ଠୀ ଯାତ୍ରା ସମୟରେ ସହରର ସ୍ଥାନେ ସ୍ଥାନେ ବିଶେଷ କରି ଯେଉଁ ସ୍ଥାନ ମାନଙ୍କରେ ଯାତ୍ରା ଅନୁଷ୍ଠିତ ହେଉଛି ସେଠାରେ ପାନୀୟ ଜଳ ର ସୁବନ୍ଦୋବସ୍ତ କରିବାକୁ ଜନସ୍ୱାସ୍ଥ୍ୟ ବିଭାଗକୁ ଅନୁରୋଧ କରାଯାଇଥିଲା । ଶୀତଳଷଷ୍ଠୀ ଯାତ୍ରା ସମୟରେ ବଲାଙ୍ଗିର ସହରରେ ଶାନ୍ତି ଶୃଙ୍ଖଳା ରକ୍ଷା ତଥା ଟ୍ରାଫିକ ବ୍ୟବସ୍ଥା କୁ ସୁଚାରୁରୂପେ ନିୟନ୍ତ୍ରଣ କରିବା ଓ ରାସ୍ତା ସାରଣୀ ଅନୁସାରେ ଶୋଭାଯାତ୍ରା କୁ ସମ୍ପନ୍ନ କରିବା ନିମନ୍ତେ ପଦକ୍ଷେପ ଗ୍ରହଣ କରିବାକୁ ଅତିରିକ୍ତ ଆରକ୍ଷୀ ଅଧିକାରୀଙ୍କୁ ଅନୁରୋଧ କରାଯାଇଥିଲା ।

# ଅପରେସନ ସିନ୍ଦୁରର ଐତିହାସିକ ବିଜୟ ଉତ୍ସବ: ଆଜି ବିଶାଳ ତ୍ରିରଙ୍ଗା ଶୋଭାଯାତ୍ରା

ସମ୍ବଲପୁର,୧୪/୫(ନି. ପ୍ର): ଏପ୍ରିଲ୍ ୨୨ ତାରିଖ ଦିନ ଜାମ୍ମୁ କାଶ୍ମୀରର ପହଲଗାଓଁ ଠାରେ ହୋଇଥିବା ଆତଙ୍କବାଦୀ ଆକ୍ରମଣ ପରେ ସମଗ୍ର ଦେଶରେ ରହିଥିଲା କ୍ରୋଧ ଓ ଆକ୍ରୋଶର ବାତାବରଣ । ଆତଙ୍କବାଦକୁ ନେଇ ମୋଦୀ ସରକାରଙ୍କର ରହିଥିବା 'ଶୂନ୍ୟ ସହନଶୀଳତା ନୀତି' ର ଫଳ ସ୍ୱରୂପ ମଇ ୬ ଓ ୭ ତାରିଖ ମଧ୍ୟ ରାତ୍ରୀରେ ଭାରତୀୟ ସେନା ପକ୍ଷରୁ ଆରମ୍ଭ ହୋଇଥିଲା 'ଅପରେସନ ସିନ୍ଦୂର' । ମାତ୍ର ଚାରି ଦିନର ସାମାନ୍ୟ ଆକ୍ରମଣରେ ପାକିସ୍ତାନର ଅବସ୍ଥା ହୋଇଥିଲା ସାଙ୍ଘାତିକ । ଶେଷରେ ପାକିସ୍ତାନ ହାର ମାନି ଅସ୍ତ୍ର ବିରତି ପାଇଁ ଗୁହାରି କରିଥିଲା ଭାରତ ସମ୍ମୁଖରେ । ଭାରତର ଏହି ଐତିହାସିକ ବିଜୟ ପରେ ସମଗ୍ର ଦେଶରେ ଖୁସି ଓ ଉତ୍ସାହ ର ବାତାବରଣ ପରିଲକ୍ଷିତ ହେଉଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଙ୍କ ଦୃଢ଼ ଓ ବଳିଷ୍ଠ ନେତୃତ୍ୱ ଏବଂ ଭାରତୀୟ ସେନା ର ସୌର୍ଯ୍ୟ ଓ ପରାକ୍ରମ କୁ ନେଇ ସମଗ୍ର ଦେଶରେ ଏକ ଅଭୂତପୂର୍ବ ଦେଶାତ୍ମବୋଧ ର ପରାକାଷ୍ଠା ପ୍ରତିପାଦନ ହେଉଛି । ପ୍ରସ୍ତୁତି ଶୋଭାଯାତ୍ରାରେ ସାମିଲ ହେବେ କେନ୍ଦ୍ରମନ୍ତ୍ରୀ ଓ ଓଡ଼ିଶାର ଉପମୁଖ୍ୟମନ୍ତ୍ରୀ । ଅପରେସନ ସିନ୍ଦୂରରେ ଭାରତୀୟ ସେନାର ଉଲ୍ଲେଖନୀୟ କାର୍ଯ୍ୟଶୈଳି ଓ ରଣକୌଶଳ ଭାରତ ସମେତ ସମଗ୍ର ବିଶ୍ୱରେ ଭାରତୀୟ ସେନା ର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି । ଭାରତୀୟ ସାମରିକ ଓ ଅର୍ଦ୍ଧ ସାମରିକ ବାହିନୀର ଜଓ୍ୱାନ ଙ୍କ ସମର୍ଥନରେ ଓ ତାଙ୍କର ଉତ୍ସାହ ବର୍ଦ୍ଧନ ପାଇଁ ସମଗ୍ର ଦେଶରେ ଆୟୋଜିତ ହେଉଛି ତ୍ରିରଙ୍ଗା ଶୋଭାଯାତ୍ରା । ଆସନ୍ତା ୧୬ ତାରିଖରେ ସମ୍ବଲପୁର ଠାରେ ମଧ୍ୟ ଆୟୋଜିତ ହେବାକୁ ଯାଉଛି ବିଶାଳ ତ୍ରିରଙ୍ଗା ଶୋଭାଯାତ୍ରା । ସିଟିଜନ ଫର୍ ନେସନାଲ ସିକ୍ୟୁରିଟି ପକ୍ଷରୁ ହେବ ଏହି ବିଶାଳ ତ୍ରିରଙ୍ଗା ଶୋଭାଯାତ୍ରା । ସକାଳ ୮ ଘଂଟା ସମୟରେ ବୀର ସୁରେନ୍ଦ୍ର ସାଏଙ୍କ ପ୍ରତିମୂର୍ତୀ ରେ ମାଲ୍ୟାର୍ପଣ ପରେ ଜେଲ୍ ଛକ ରୁ ଏହି ଶୋଭାଯାତ୍ରା ଆରମ୍ଭ ହୋଇ କଚେରୀ ଛକ ସ୍ଥିତ ଶହୀଦ ସ୍ତମ୍ଭ ରେ ଶ୍ରଦ୍ଧାଞ୍ଜଳୀ ପରେ ସମାପନ ହେବ । ବିଜେପି କ୍ଷେତ୍ରୀୟ ଗଣମାଧ୍ୟମ ସଂଯୋଜକ ମାନସ ରଞ୍ଜନ ବକ୍ସିଙ୍କ ସୂଚନା ମୁତାବକ ଏହି ଶୋଭାଯାତ୍ରାରେ ସମ୍ବଲପୁର ସାଂସଦ ତଥା କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ଓଡ଼ିଶାର ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ବିଶେଷ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି । ସମ୍ବଲପୁର ଜିଲ୍ଲାର ସମସ୍ତ ରାଜନୈତିକ, ସାମାଜିକ, ସାଂସ୍କୃତିକ, ସ୍ୱେଚ୍ଛାସେବୀ ଅନୁଷ୍ଠାନର ସଦସ୍ୟ ସଦସ୍ୟାଙ୍କୁ ସାମିଲ ହେବାକୁ ସୂଚନା ଦିଆଯାଉଛି ବୋଲି ସିଟିଜନ ଫର୍ ନେସନାଲ ସିକ୍ୟୁରିଟି ର ସଂଯୋଜକ ପ୍ରଫୁଲ୍ଲ ହୋତା ସୂଚନା ଦେଇଛନ୍ତି । ଜାତି, ଧର୍ମ, ବର୍ଣ୍ଣ, ଭାଷା, ପ୍ରାନ୍ତୀୟ ବିଚାରଧାରା ରୁ ଉର୍ଦ୍ଧ୍ୱକୁ ଉଠି ସମସ୍ତ ନାଗରିକ ଏହି ଦେଶାତ୍ମବୋଧକ କାର୍ଯ୍ୟକ୍ରମରେ ସାମିଲ ହେବାକୁ ଆହ୍ୱାନ କରାଯାଇଛି ।

# ଖୋର୍ଦ୍ଧା ଏସିଡିସି ବୈଠକ: ସାମଗ୍ରିକ ଦ୍ରୁତ ବିକାଶ ଓ ମଡେଲ ନିର୍ବାଚନ ମଣ୍ଡଳୀ ଭିଜନରେ ଅଧିକାରୀମାନେ ବ୍ରତୀ ହୁଅନ୍ତୁ: ବିଧାୟକ

ଖୋର୍ଦ୍ଧା,୧୪/୫(ନି. ପ୍ର): ଖୋର୍ଦ୍ଧା ବିଧାନସଭା ନିର୍ବାଚନ ମଣ୍ଡଳୀ ଉନ୍ନୟନ (ଏ ସି ଡି ସି) ବୈଠକ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ବିଧାୟକ, ଖୋର୍ଦ୍ଧା ପ୍ରଶାନ୍ତ କୁମାର ଜଗଦେବଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ବୈଠକରେ ଜିଲ୍ଲାପାଳ ଚଂଚଳ ରାଣା, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ, ଖୋର୍ଦ୍ଧା ଓ ଆବାହକ ଜ୍ୟୋତି ଶଙ୍କର ସାହୁ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଅମ୍ରିତ ପାଲ ସିଂ ପ୍ରମୁଖ ଯୋଗଦେଇ ଥିଲେ । ସରକାରଙ୍କ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ୪୨ଟି ବିଭାଗର ଉନ୍ନୟନ ଯୋଜନା ଓ ଏଥି ଅନ୍ତର୍ଗତ ପ୍ରକଳ୍ପ ଗୁଡ଼ିକର ଅଗ୍ରଗତି ସମ୍ପର୍କରେ ବିଧାୟକ ପ୍ରଶାନ୍ତ କୁମାର ଜଗଦେବ ବିଭାଗୀୟ ଅଧିକାରୀ ମାନଙ୍କ ସହ ସମୀକ୍ଷା କରି ଖୋର୍ଦ୍ଧା ନିର୍ବାଚନ ମଣ୍ଡଳୀର ସାମଗ୍ରିକ ଦୃତ ବିକାଶ ଓ ମଡେଲ ନିର୍ବାଚନ ମଣ୍ଡଳୀ ଭିଜନରେ ବ୍ରତୀ ହେବାକୁ ଅଧିକାରୀ ମାନଙ୍କୁ ଆହ୍ୱାନ ଦେଇଥିଲେ । ପ୍ରଥମେ ମୁଖ୍ୟ ଜିଲ୍ଲା ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ ଜ୍ୟୋତି ଶଙ୍କର ସାହୁ ସମସ୍ତଙ୍କୁ ସ୍ୱାଗତ ଭାଷଣ ଦେଇଥିଲେ । ପରେ ବିଧାୟକ ଶ୍ରୀ ଜଗଦେବ ଖୋର୍ଦ୍ଧା ବିଧାନସଭା ନିର୍ବାଚନ ମଣ୍ଡଳୀର ତୃଣମୂଳ ସ୍ତରରୁ ଲୋକମାନଙ୍କୁ ସରକାରଙ୍କର ବିଭିନ୍ନ ଯୋଜନାର ସୁବିଧା ସୁଯୋଗ ସେବା ଉପଲବ୍ଧ କରାଇ ସେମାନଙ୍କୁ ଦୃତ ବିକାଶର ସ୍ରୋତରେ ସାମିଲ କରାଇ ଖୋର୍ଦ୍ଧା ନିର୍ବାଚନ ମଣ୍ଡଳୀ କୁ ସମଗ୍ର ରାଜ୍ୟ ଓ ଦେଶରେ ଦୃଷ୍ଟାନ୍ତ ସୃଷ୍ଟି କରିବାକୁ ଲକ୍ଷ୍ୟ ରଖି କର୍ତବ୍ୟ କରିବାକୁ ପରାମର୍ଶ ଦେଇଥିଲେ କ୍ଷ ଏହି ପରିପ୍ରେକ୍ଷୀରେ ବିଧାୟକ ଶ୍ରୀ ଜଗଦେବ ତାଙ୍କ ପରି ସମସ୍ତେ ଜଣେ ଜଣେ ବେସାମରିକ ସୈନିକ ପରି ନିଷ୍ଠା, କର୍ତବ୍ୟ ଓ ଦାୟିତ୍ୱ ବୋଧରେ ପ୍ରକୃତ ହିତାଧିକାରୀଙ୍କୁ ସରକାରଙ୍କ ଯୋଜନା ର ସୁଫଳ ପ୍ରଦାନ କରି ସେମାନଙ୍କୁ ସମାଜର ମୁଖ୍ୟ ସ୍ରୋତରେ ସାମିଲ କରି ବିକଶିତ ଖୋର୍ଦ୍ଧା ବିଧାନସଭା ନିର୍ବାଚନ ମଣ୍ଡଳୀ, ବିକଶିତ ଓଡ଼ିଶା, ବିକଶିତ ଭାରତ ନିର୍ମାଣରେ ନିଜର କର୍ମ ବୀରତାର ପରିଚୟ ଦେବାସହ ଇଶ୍ୱରଙ୍କ ଆଶୀର୍ବାଦ ପ୍ରାପ୍ତ କରିବାକୁ ପ୍ରେରଣା ଦେଇଥିଲେ । ଖୋର୍ଦ୍ଧା ସହରକୁ ନିଶାମୁକ୍ତ, ଶାନ୍ତି ଶୃଙ୍ଖଳା ଓ ସ୍ୱଚ୍ଛତା ବାତାବରଣ ଅଧିକରୁ ଅଧିକ ସୃଷ୍ଟି କରିବା ନିମନ୍ତେ ସମସ୍ତ ସରକାରୀ ଅଧିକାରୀ ଓ କର୍ମଚାରୀ ମାନେ ଆଗାମୀ ଦିନରେ ସ୍ୱଚ୍ଛତା ଏବଂ ସଫେଇ ଅଭିଯାନରେ ସାମିଲ ହେବାସହ ନିଜ କାର୍ଯ୍ୟାଳୟ ପରିସର ପ୍ରତ୍ୟେକ ଅଧିକାରୀ ଓ କର୍ମଚାରୀ ମାନେ ସ୍ୱଚ୍ଛତା ବଜାୟ ରଖିବାକୁ ପରାମର୍ଶ ଦେଇଥିଲେ । ସେହିପରି ବିଧାୟକ ଭାରତ ସଂଚାର ନିଗମ ଲିମିଟେଡ, ଇଡକୋ, ଆୟକର ବିଭାଗ, ଭାରତୀୟ ଡାକ ସେବା, ଭାରତୀୟ କୃଷି ଗବେଷଣା କେନ୍ଦ୍ର, ଭାରତୀୟ ଜୀବନବୀମା ନିଗମ ଭିତି ଭୂମି ସହ ଦୃତ ଶିଳ୍ପାୟନର ବିକାଶ ମାଧ୍ୟମରେ ସି ଏସ ଆର ଫଣ୍ଡରେ ବିଭିନ୍ନ ଉନ୍ନୟନ ମୂଳକ ଯୋଜନାର ରୂପରେଖ ଶୀର୍ଷରେ ପହଂଚାଇବାକୁ ଅଧିକାରୀମାନେ ସହଯୋଗ କରିବାକୁ ପରାମର୍ଶ ଦେଇଥିଲେ । ସେହିପରି ସୁକ୍ଷ୍ମରୁ ସୂକ୍ଷ୍ମ ଖସଡ଼ା ପ୍ରସ୍ତୁତ କରି ସମସ୍ତ ବିଭାଗରେ ପଡ଼ିରହିଥିବା ଅନୁଦାନ ଅର୍ଥ କୁ ୨୦୨୬ ମାର୍ଚ୍ଚ ମାସ ଶେଷ ସୁଦ୍ଧା ଖର୍ଚ୍ଚ କରି ବିନିଯୋଗ ପତ୍ର ସରକାରଙ୍କୁ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଥିଲେ ।

# ଏସ୍.ବି.ଡ଼ି ଇଂଟରନ୍ୟାସ୍‌ନାଲ ସ୍କୁଲର ଦଶମ ଓ ଦ୍ୱାଦଶ ପରୀକ୍ଷାରେ ସଫଳତା

ଭଦ୍ରକ,୧୪/୫(ନି. ପ୍ର): ସି.ବି.ଏସ୍.ଇ ଦ୍ୱାରା ପ୍ରକାଶ ପାଇଥିବା ଦଶମ ଓ ଦ୍ୱାଦଶ ବାର୍ଷିକ ପରୀକ୍ଷାରେ ଏସ୍.ବି.ଡ଼ି ଇଂଟରନ୍ୟାସ୍‌ନାଲ ସ୍କୁଲର ଛାତ୍ରଛାତ୍ରୀଗଣ ବିଶେଷ ସଫଳତା ଅର୍ଜନ କରିଛନ୍ତି । ଦଶମ ଶ୍ରେଣୀ ପରୀକ୍ଷାରେ ୧୯୪ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିବା ବେଳେ ସଫଳତା ହାର ୧୦୦ ପ୍ରତିଶତ ଅଟେ । ୩୭ଜଣ ଛାତ୍ରଛାତ୍ରୀ ୯୫ ପ୍ରତିଶତ ଏବଂ ଉର୍ଦ୍ଧ୍ୱ ମାର୍କ ରଖିଥିବା ବେଳେ ୭୫ଜଣ ଛାତ୍ରଛାତ୍ରୀ ୯୦ରୁ ୯୪ ପ୍ରତିଶତ ମାର୍କ ରଖି ବିଦ୍ୟାଳୟକୁ ଗୌରବାନ୍ୱିତ କରିଛନ୍ତି । ୬୪ ଜଣ ଛାତ୍ରଛାତ୍ରୀ ୮୦-୮୯ ପ୍ରତିଶତ ମାର୍କ ରଖିଥିବା ବେଳେ ୪୧ ଜଣ ଛାତ୍ରଛାତ୍ରୀ ୬୦ରୁ ୭୯ ପ୍ରତିଶତ ମାର୍କ ରଖିବାରେ ସଫଳ ହୋଇଛନ୍ତି । କୁମାରୀ ସାନ୍ ପଟ୍ଟନାୟକ (୯୮.୮ ପ୍ରତିଶତ) ଏବଂ କୁମାରୀ ପ୍ରକୃତି ବେହୁରିଆ (୯୮.୪ ପ୍ରତିଶତ) ମାର୍କ ରଖି ବିଦ୍ୟାଳୟ ଟପ୍ପର ହେବାର ଗୌରବାର୍ଜନ କରିଛନ୍ତି । ଦ୍ୱାଦଶ ବିଜ୍ଞାନ ପରୀକ୍ଷାରେ ୧୩୯ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିଲେ । ଏଠାରେ ସୂଚନା ଯୋଗ୍ୟ ଯେ ସି.ବି.ଏସ୍.ଇ. ଭୁବନେଶ୍ୱର ରିଜିଓନ୍‌ରେ ପାସ୍ ହାର ୭୮.୭ ହୋଇଥିବା ବେଳେ ବିଦ୍ୟାଳୟର ପାସ୍ ହାର ୯୫ ପ୍ରତିଶତ ଅଟେ । ୪ ଜଣ ଛାତ୍ରଛାତ୍ରୀ ବିଜ୍ଞାନ ବିଭାଗରେ ୯୦ ପ୍ରତିଶତ ଏବଂ ଉର୍ଦ୍ଧ୍ୱ ମାର୍କ ରଖିବାରେ ସଫଳ ହୋଇଥିବା ସମୟରେ ୨୭ ଜଣ ଛାତ୍ରଛାତ୍ରୀ ୮୦-୮୯ ପ୍ରତିଶତ ମାର୍କ ରଖିବାରେ ସଫଳତା ଅର୍ଜନ କରିଛନ୍ତି । ୮୫ ଜଣ ଛାତ୍ରଛାତ୍ରୀ ୬୦ ପ୍ରତିଶତ ଏବଂ ଉର୍ଦ୍ଧ୍ୱ ମାର୍କ ରଖିବାରେ ସଫଳ ହୋଇଛନ୍ତି । କୁମାରୀ ସ୍ୱୟଂଶୀ ମହାରାଜ୍ ୯୧ ପ୍ରତିଶତ ମାର୍କ ରଖି ବିଦ୍ୟାଳୟର ଟପ୍ପର୍ ହେବାର ସୌଭାଗ୍ୟ ଅର୍ଜନ କରିଛନ୍ତି । ବାଣିଜ୍ୟ ବିଭାଗର ସଫଳତା ହାର ୧୦୦ ପ୍ରତିଶତ ହୋଇଥିବା ବେଳେ ୬ ଜଣ ଛାତ୍ରଛାତ୍ରୀ ୯୦ ପ୍ରତିଶତ ଏବଂ ଉର୍ଦ୍ଧ୍ୱ ମାର୍କ ରଖିବାରେ ସଫଳ ହୋଇଛନ୍ତି । ୭ ଜଣ ଛାତ୍ରଛାତ୍ରୀ ୮୦-୮୯ ପ୍ରତିଶତ ମାର୍କ ରଖିବାରେ ସଫଳ ହୋଇଥିବା ବେଳେ, ୫ ଜଣ ଛାତ୍ରଛାତ୍ରୀ ୬୦ ପ୍ରତିଶତ ଏବଂ ଉର୍ଦ୍ଧ୍ୱ ମାର୍କ ରଖିବାରେ ସଫଳ ହୋଇଛନ୍ତି ।

# ‘ମଧୁଲିତା’ର ବୋଉ ବ୍ରହ୍ମାଣ୍ଡ ଉତ୍ସବ ପାଳିତ

## ମା’ ମନ୍ଦିରଠୁ ମହାନ୍ ଓ ସର୍ବ ଦେବାଦେବୀଠୁ ଗରିୟାନ୍




ଭୁବନେଶ୍ୱର , ୧୫/୫ (ନି.ପ୍ର): "ବୋଉର ବିକଳ୍ପ ନାହିଁ । ବୋଉ ବସୁଧା ଠୁ ବଡ଼ । ମା' ମନ୍ଦିର ଠୁ ମହାନ୍ ସର୍ବ ଦେବାଦେବୀଠାରୁ ଗରିୟାନ୍ ।" ଆଜି ସ୍ଥାନୀୟ ବୁଦ୍ଧ ମନ୍ଦିରଠାରେ "ମଧୁଲିତା" ପାରିବାରିକ ପତ୍ରିକା ପକ୍ଷରୁ ଆୟୋଜିତ "ବୋଉ ବ୍ରହ୍ମାଣ୍ଡ ଉତ୍ସବ-୨୦୨୫"ରେ ବକ୍ତାମାନେ ଏହି ମତପୋଷଣ କରିଛନ୍ତି । ଏହି ଉତ୍ସବକୁ ଉଦ୍‌ଘାଟନ କରି ପ୍ରାକ୍ତନ ଅର୍ଥମନ୍ତ୍ରୀ ଶଶୀଭୂଷଣ ବେହେରା ଓଡ଼ିଶାରେ ମା'କୁ "ବୋଉ" ଡାକର ମଧୁରତା ଓ ବୋଉର ମହନୀୟତା ଓ ଶ୍ରେଷ୍ଠତା ଉପରେ ଆଲୋକପାତ କରି କହିଲେ, "ପରିବର୍ତ୍ତିତ ପରିସ୍ଥିତିରେ ବୃଦ୍ଧାବସ୍ଥାରେ ମା'ର ସମ୍ମାନ ଓ ଯତ୍ନନେବା ଏକ ଆହ୍ୱାନ ଭାବେ ଆମ ସାମ୍ନାରେ ଉପନୀତ । ମା'ର ଯତ୍ନ ନେବା ଜଣେ ଉତ୍ତମ ପୁତ୍ରର କର୍ତ୍ତବ୍ୟ । ଏଥିପାଇଁ ଜନ ସଚେତନତା ଆବଶ୍ୟକ ।" ବିଶିଷ୍ଟ କବି ଓ ସ୍ତମ୍ଭକାର ନିରାକାର ଦାସଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ଖଲିକୋଟ ବିଶ୍ୱବିଦ୍ୟାଳୟରେ ପ୍ରାକ୍ତନ କୁଳପତି ପ୍ରଫେସର ଡ଼. ପ୍ରଫୁଲ୍ଲ କୁମାର ମହାନ୍ତି ମୁଖ୍ୟବକ୍ତା, ବିଜେବି ସ୍ୱୟଂଶାସିତ ମହାବିଦ୍ୟାଳୟର ଅଧକ୍ଷା ପ୍ରଫେସର ଡ଼. ଝୁମକି ରଥ, ବିଶିଷ୍ଟ ଅତିଥି, ଦୂରଦର୍ଶନ ଖବର ପାଠିକା କଳ୍ପନା ମିଶ୍ର ଓ କିମ୍ସ୍ ହସ୍ପିଟାଲର ସ୍ତ୍ରୀ ଓ ପ୍ରସୂତୀ ବିଶେଷଜ୍ଞ ଡାକ୍ତର ମୌସୁମୀ ଆଚାର୍ଯ୍ୟ ସମ୍ମାନୀତା ଅତିଥି ଭାବେ ଯୋଗଦାନ କରି ପ୍ରତ୍ୟେକଟି ସନ୍ତାନ ବୃଦ୍ଧାବସ୍ଥାରେ ମା' ପ୍ରତି ସମ୍ବେଦନଶୀଳ ଓ ଶ୍ରଦ୍ଧାଶୀଳ ଆଚରଣ ସହ ଉପଯୁକ୍ତ ସମ୍ମାନ ପ୍ରଦାନ କରିବାକୁ ପରାମର୍ଶ ଦେଇଥିଲେ । ସମାଜସେବୀ ଓ ସାହିତ୍ୟିକା ମଧୁଲିତା ପରିଡ଼ା ସ୍ୱାଗତ ଭାଷଣ ପ୍ରଦାନ କରିଥିବାବେଳେ କବୀ କ୍ଷଣପ୍ରଭା ମହାନ୍ତି ଅତିଥି ପରିଚୟ ପ୍ରଦାନ କରିଥିଲେ । ରାଜଲକ୍ଷ୍ମୀ ଚୌଧୁରୀ ଓ ଜ୍ୟୋତ୍ସ୍ନା ପାତ୍ରଙ୍କୁ "ଶ୍ରେଷ୍ଠ ମା' ସମ୍ମାନ"ରେ ସମ୍ମାନିତ କରାଯାଇଥିଲା । ପ୍ରଥମ ଅଧିବେଶନରେ "ବୋଉ" ଉପରେ ଆଧାରିତ କବିତା ପାଠୋତ୍ସବକୁ କବୀ ବିମଳା ସିଂହ ଓ କବୀ ମିନତୀ ମିଶ୍ର ସଂଯୋଜନା କରିଥିଲେ । "ମା' ପରି କିଏ ହେବ" ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିଲେ ବିଶିଷ୍ଟ କଣ୍ଠଶିଳ୍ପୀ ସାଗରିକା ପଟ୍ଟନାୟକ ଓ ଶେଷରେ ଅଧ୍ୟାପକ ହରେକୃଷ୍ଣ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ବାପା ମା’ ଛେଉଣ୍ଡ ନାବାଳକ ଦୁଇ ଭାଇଙ୍କ ସାହାରା ହେଲେ ବରିଷ୍ଠ ବିଜେପି ନେତା ବ୍ରଜମୋହନ



ଜଳେଶ୍ୱର, ୧୫/୫ (ନି.ପ୍ର): ଆଠ ବର୍ଷ ପୂର୍ବରୁ ବାପା ସୃଷ୍ଟିଧର ସିଂ ହୃଦଘାତରେ ଆରପାରିକୁ ଚାଲି ଯାଇଥିଲେ । ଛଅ ଦିନ ତଳେ ଜଣେ ଠିକାଦାରଙ୍କ ନିକଟରେ ରହି ରାସ୍ତା କାମରେ ଶ୍ରମିକ ଭାବେ ନିୟୋଜିତ ଥିବା ମା ସୀମା ବି ଆଖି ବୁଜିଦେଲେ ।ଆଉ ବାପା ମା'ଙ୍କ ବିୟୋଗ ପରେ ଅନାଥ ହୋଇ ଯାଇଥିଲେ ଜଳେଶ୍ୱର ବ୍ଲକ ଅଧିନସ୍ଥ ଆରୁହା ମଙ୍ଗା ପୋଖରୀ ଆଦିବାସୀ ସାହିର ଦୁଇ ନାବାଳକ ଭାଇ ଅନୁପ ଓ ସନୁପ୍ । ଏବେ ସେମାନେ ବାପା ମାଆ ଙ୍କୁ ହରାଇ କଇଁ କଇଁ କାନ୍ଦୁଛନ୍ତି । ମାଆ ସୀମା ଙ୍କ ମୃତ୍ୟୁ ପରେ ନାବାଳକ ପୁଅ ଅନୁପ ଓ ସନୁପ୍ ଦୁଇ ଭାଇ ଅନାଥ ହୋଇ ଯାଇଛନ୍ତି । ସେହିପରି ଏହି ଦୁଇ ଭାଇଙ୍କ ରହିବା ପାଇଁ ଏବେ ଘର ନଥିବାରୁ ଛଅ ଦିନ ହେଲା ସେମାନେ ସେହି ଗାଁ ରେ ତାଙ୍କର ଜଣେ ମାଉସିଁଙ୍କ ଘରେ ରହୁଛନ୍ତି। ସତରେ ଦୁଃଖ କଣ ଏମିତି ବି ଆସେ ।ଆଜି ଅସହାୟ, ବେସାହାରା ହୋଇ ପଡିଛନ୍ତି ଦୁଇ ନାବାଳକ। ମୁଣ୍ଡ ଉପରୁ ଉଠି ଯାଇଛି ବାପା ମାଆର ସ୍ନେହ,ଶ୍ରଦ୍ଧା ଓ ଆଶିର୍ବାଦ ।ମାଆର ଅନ୍ତେଷ୍ଟି କ୍ରିୟା ପାଇଁ ଅର୍ଥ ସାଜିଥିଲା ବାଧକ। ଏହି ଘଟଣାଟି ବିଭିନ୍ନ ଗଣ ମାଧମରେ ଦୁଇ ବାପା ମାଆ ଛେଉଣ୍ଡ ନାବାଳକ ପିଲାଙ୍କ ବିଷୟରେ ଖବର ପ୍ରକାଶିତ ହେବା ପରେ ମଧାହ୍ନ ସମୟରେ ଜଳେଶ୍ୱର ନିର୍ବାଚନ ମଣ୍ଡଳୀର ବରିଷ୍ଠ ବିଜେପି ନେତା,ପ୍ରାକ୍ତନ ବ୍ଲକ ଉପାଧକ୍ଷ, ନଛିମପୁର ପଞ୍ଚାୟତର ସମିତି ସଦସ୍ୟ ତଥା ବିଜେପିର ବିଧାୟକ ପ୍ରାର୍ଥୀ ଶ୍ରୀଯୁକ୍ତ ବ୍ରଜମୋହନ ପ୍ରଧାନ ଆରୁହା ମଙ୍ଗା ପୋଖରୀ ଆଦିବାସୀ ସାହିର ସେଇ ଦୁଇ ବାପା ମାଆ ଛେଉଣ୍ଡ ନାବାଳକ ଭାଇ ପାଖରେ ପହଞ୍ଚି ପ୍ରଥମେ ଭାବବିହ୍ୱଳ ହୋଇ ପଡ଼ିଥିଲେ ।ତାଙ୍କ ମାଆ ସୀମା ଙ୍କର ଅନ୍ତେଷ୍ଟି କ୍ରିୟାକର୍ମ ର ଖର୍ଚ୍ଚ ବାବଦକୁ ୫ହଜାର ଟଙ୍କା ସହିତ ଅନ୍ୟାନ୍ୟ ସାମଗ୍ରୀ ପ୍ରଦାନ କରିଛନ୍ତି ।ପୁଣି ସେଇ ବାପା ମାଆ ଛେଉଣ୍ଡ ଅନୁପ ଓ ସନୁପ ଦୁଇ ନାବାଳକ ଭାଇଙ୍କର ଦଶମ ଶ୍ରେଣୀ ପର୍ଯ୍ୟନ୍ତ ଆବାସିକ ବିଦ୍ୟାଳୟରେ ପାଠ ପଢ଼ା ସହିତ ସମସ୍ତ ଖର୍ଚ୍ଚ ବହନ କରିବେ ବୋଲି ଗ୍ରାମବାସୀଙ୍କ ଠାରେ ପ୍ରତିଶୃତି ଦେଇଛନ୍ତି ।ଏଭଳି ମହାନ କାର୍ଯ୍ୟକୁ ଗ୍ରାମବାସୀ ମାନେ ବହୁତ ପ୍ରଶଂସା କରିଛନ୍ତି। ବରିଷ୍ଠ ବିଜେପି ନେତା ରାଜେଶ ଖଟୁଆ, କାଳୀଚରଣ ଦାସ,ଶ୍ରିକଣ୍ଠ ମହାନ୍ତି, ବାବି ପଣ୍ଡା,ଅକ୍ଷୟ ବେହେରା, ଆରୁହା ପଞ୍ଚାୟତର ପ୍ରାକ୍ତନ ସମିତି ସଦସ୍ୟ ରାଜେନ୍ଦ୍ର ପାତ୍ର, ପ୍ରାକ୍ତନ ସରପଞ୍ଚ ମଧୁସୁଦନ ଦତ୍ତ, ସାମ୍ବାଦିକ ମନୋଜ କୁମାର ଭୂୟାଁ, ବିମଳେନ୍ଦୁ ପତି, ସୁକୁମାର ଦାସ,ଶୁଶାନ୍ତ ବେହେରା, ଚନ୍ଦନ ଜେନା, ଦେବବ୍ରତ ବେହେରା, ଅଞ୍ଜଳୀ ସିଂ, ରବି ସିଂ,ଭୀମ ସିଂ, ରଘୁ ସିଂ, ବାବୁଲା ସିଂ, ତମୌଡା ସିଂ, ଦିଲ୍ଲୀପ ସିଂ, ସରସ୍ୱତୀ ସିଂ ପ୍ରମୁଖ ବ୍ୟକ୍ତି ମାନେ ଉପସ୍ଥିତ ଥିଲେ।

## ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଦେଲେ ସାଂସଦ ଅନନ୍ତ ନାୟକ

ଭୁବନେଶ୍ୱର, ୧୫/୫ (ନି.ପ୍ର): ଧରଣୀଧର ବିଶ୍ୱବିଦ୍ୟାଳୟ କ୍ୟାମ୍ପସ ପାଇଁ ଦେୟ ମୁକ୍ତ ଜମି ପ୍ରଦାନ ପାଇଁ ପ୍ରସ୍ତାବକୁ ଅନୁମୋଦନ ଦିଆଯିବା ନେଇ କେନ୍ଦୁଝର ସାଂସଦ ଅନନ୍ତ ନାୟକ ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କୁ ଧନ୍ୟବାଦ ଜଣାଇଛନ୍ତି । ସେ ସୋସିଆଲ ମିଡିଆରେ ଲେଖିଛନ୍ତି, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ରାଜ୍ୟ କ୍ୟାବିନେଟ ବୈଠକରେ ଧରଣୀଧର ବିଶ୍ୱବିଦ୍ୟାଳୟ କ୍ୟାମ୍ପସ ପାଇଁ ଦେୟ ମୁକ୍ତ ଜମି ପ୍ରଦାନ ପାଇଁ ପ୍ରସ୍ତାବକୁ ଅନୁମୋଦନ ଦିଆଯାଇଛି । କେନ୍ଦୁଝର ତହସିଲ ଅନ୍ତର୍ଗତ ମୌଜା - ସୁଲେଇ ଖମାର, ସାତଶିଙ୍ଗା, ଗମ୍ଭାରିଆ ଓ ବ୍ରାହ୍ମଣ ଗାଁରେ ଧରଣୀଧର ବିଶ୍ୱବିଦ୍ୟାଳୟ କ୍ୟାମ୍ପସ ପାଇଁ ଦେୟ ମୁକ୍ତ ଜମି ପ୍ରଦାନ ବ୍ୟବସ୍ଥା ହୋଇଛି। ଏହାର ଉତ୍ତର ଏବଂ ଦକ୍ଷିଣ କ୍ୟାମ୍ପସ ପ୍ରତିଷ୍ଠା ପାଇଁ ଲିଜ୍ ସୂତ୍ରରେ ଏ. ୪୦. ୧୯୭ ଡ଼ି. ସରକାରୀ ଜମି ପ୍ରଦାନ କରାଯିବ ।

# ଗୁଟକାର ବହୁଳ ବ୍ୟବହାର ଯୋଗୁଁ ପାନ ବଜାର ମାନ୍ଦା: ପାନ ଚାଷ ପ୍ରତି ବିମୁଖ ବାଲିଆପାଳର ଚାଷୀ



ବାଲିଆପାଳ/ ଲଙ୍ଗଳେଶ୍ୱର, ୧୫/୫ (ନି.ପ୍ର): ସହର ମଫସଲ ଏବେ ସବୁଠି ଗୁଟକାର ବହୁଳ ବ୍ୟବହାର ହେଉଛି । ସରକାର ଗୁଟକାର ଖୋଲା ଖୋଲି ବିକ୍ରି ଉପରେ କଟକଣା ଲଗାଇଛନ୍ତି । ମାତ୍ର କଟକଣାକୁ ମାନୁଛି କିଏ ? ଗୁଟକାର ବହୁଳ ବ୍ୟବହାର ଯୋଗୁଁ ସାରା ଭାରତରେ ପାନ ବଜାର ଏବେ ମାନ୍ଦା ହୋଇଛି। ବିକ୍ରି ବଟା କମି ଯିବାରୁ ପାନ ଚାଷ କରି ଚାଷୀ ଏବେ କ୍ଷତିରେ ପଡୁଛନ୍ତି । ବାଲିଆପାଳର ପାନ ଚାଷୀଙ୍କ ଉପରେ ତାହାର ପ୍ରଭାବ ପଡିଛି। ଲଗାତର କ୍ଷତି ହେଉ ଥିବାରୁ ପୁରୁଷ ପୁରୁଷ ଧରି ପାନ ଚାଷ କରି ଆସୁଥିବା ବାଲିଆପାଳର ଚାଷୀ ପାନ ଚାଷ ପ୍ରତି ଏବେ ବିମୁଖ। ବାଲିଆପାଳ ବ୍ଲକର ଚୌମୁଖ, ଡଗରା, ବେତଗଡ଼ିଆ, ରତାଇ, ନୂଆଗାଁ, ପଞ୍ଚୁପାଲି, ଜାମ୍ବୀରାଇ ଆଦି ସମୁଦ୍ର କୂଳିଆ ପଞ୍ଚାୟତ ଗୁଡିକରେ ଅତୀତରେ ପ୍ରଚୁର ପରିମାଣରେ ପାନ ଚାଷ ହେଉଥିଲା। ବାଲିପାନ, ବିରକୁଳି, ଜଗନ୍ନାଥୀ ପାନ ଚାଷ ପାଇଁ ଏ ଅଞ୍ଚଳ ଖୁବ ପ୍ରସିଦ୍ଧ। ଏହା ଏକ ଅର୍ଥକାରୀ ଫସଲ ହୋଇ ଥିବାରୁ ଚାଷୀ ଖୁବ ଫାଇଦା ପାଉଥିଲେ। ପ୍ରତିଦିନ ଝୁଡି ଓ ଟୁକେଇ ରେ ପାନ ପୂରା ଯାଇ ଟ୍ରକ ଓ ପିକ ଅପ ଯୋଗେ ମୁମ୍ବାଇ, ଚିନ୍ନାଇ, କୋଲକାତା, ନୂଆ ଦିଲ୍ଲୀ, ଲକ୍ଷ୍ନୌ, ଆହ୍ଲାବାଦ, ବାରଣାସୀ ଆଦି ବଡ଼ ବଡ଼ ସହର ଓ ମହାନଗରକୁ ପାନ ରପ୍ତାନି ହେଉଥିଲା । ବାଲେଶ୍ୱରରୁ ଟ୍ରେନ ଯୋଗେ ମଧ ଏହି ସବୁ ସହରକୁ ଝୁଡି ଭର୍ତ୍ତି ପାନ ପଠାଯାଏ। ଯେବେଠୁ ଗୁଟକା ବ୍ୟବହାର ବଢିଲା ସେବେଠୁ ଲୋକଙ୍କ ପାନ ଖାଇବା ରୁଚି କମିଗଲା। ପର୍ବ ପର୍ବାଣୀରେ ଆଗଭଳି ଆଉ ଲୋକେ ପାନ ଖାଉ ନାହାଁନ୍ତି। ଫଳରେ ପାନ ରପ୍ତାନି ଏବେ ଏ ଅଞ୍ଚଳରୁ କମିଗଲା। ଅନ୍ୟପକ୍ଷରେ ବଜାରରେ ସାର, ଔଷଧର ଦର ଦାମ ବଢ଼ି ଯିବା ସହିତ ପାନ ବରଜ ପାଇଁ ଆବଶ୍ୟକ ଇକଡ଼ ମଧ ମିଳୁ ନାହିଁ। ଇକଡ଼ ଓ ବାଉଁଶ ଏବେ ଯଥେଷ୍ଟ ଅଧିକ ମୂଲ୍ୟ ହୋଇଛି। ମୂଲିଆ ମଜୁରୀ ମୂଲ୍ୟ ମଧ ଅଧିକ ହେବାରୁ ଚାଷୀ ପାନରୁ ଆଉ ଲାଭ କରି ପାରୁ ନାହାଁନ୍ତି। ତାହାଛଡା କେମିକାଲ ଯୁକ୍ତ ପାନ ମସଲା, ପାନ ବାହାର ମଧ ବଜାରରେ କାୟା ବିସ୍ତାର କରିଛି। ସାଧାରଣତଃ ପାନ ବରଜରୁ ପାନ ଭାଙ୍ଗିବା ପରେ ଚାଷୀ ସେଗୁଡିକୁ ବାଛି ବିଭିନ୍ନ ଶ୍ରେଣୀ ଭୁକ୍ତ କରନ୍ତି । ଭଙ୍ଗା ଯାଇଥିବା କଞ୍ଚା ପାନକୁ ଚାଷୀ ଭାଟିରେ ପୋଡି ପାଚିଲା ହଳଦିଆ କରିଥାଏ। ଏହି ପାଚିଲା ପାନ ର ବଜାରରେ କାହିଁ କେତେ ଚାହିଦା। ଓଡିଶାରେ ରଜ ପର୍ବରେ ପାନର ସ୍ୱତନ୍ତ୍ର ଚାହିଦା ରହିଛି। ଏହି ଦିନ ଚାଷୀ କିଛି ଅଧିକ ଲାଭ କରିଥାଏ। ବିବାହ, ପୂଜା ପାର୍ବଣରେ ମଧ ଅଧିକ ପାନର ଆବଶ୍ୟକତା ପଡେ। ମାତ୍ର ତାହା ସମୁଦ୍ରକୁ ଶଙ୍ଖେ। ପାନକୁ ଉଦ୍ୟାନ କୃଷିରେ ଅନ୍ତର୍ଭୁକ୍ତ କରିବା ପାଇଁ ବାରଂବାର ଚାଷୀ ଦାବି କରି ଆସିଥିବାବେଳେ ଅଦ୍ୟାବଧି ତାହା କାର୍ଯ୍ୟକାରୀ ହୋଇ ନାହିଁ। ପାନ ଚାଷରେ କ୍ଷତି ଯୋଗୁଁ ଅନେକ ଚାଷୀ ଅନ୍ୟ ରାଜ୍ୟକୁ ଦାଦନରେ ଯାଉଥିବା ବେଳେ ଅନେକ ଚାଷୀ ପାନ ଚାଷ ଛାଡି ପାରମ୍ପରିକ ଚାଷ କରୁଛନ୍ତି ବୋଲି ଅଗ୍ରଣୀ ଚାଷୀ ଅନନ୍ତ କୁମାର ରାଉତ, ଶରତ ଚନ୍ଦ୍ର ପ୍ରଧାନ, ମଦନ ମୋହନ ମହାନ୍ତି, ତୀର୍ଥ ଚନ୍ଦ୍ର ନାଗ, ସତ୍ୟାନନ୍ଦ ମହାନ୍ତି, ରମେଶ ଚନ୍ଦ୍ର ଖଟୁଆ, ଅର୍ଜ୍ଜୁନ କୁମାର ବାରିକ, ସୁବାସ ଚନ୍ଦ୍ର ଚୌଧୁରୀ, ମନ୍ମଥ କୁମାର ମଣ୍ଡଳ, ରବୀନ୍ଦ୍ର କୁମାର ପ୍ରଧାନ ପ୍ରମୁଖ କହିଛନ୍ତି। ଚାଷୀଙ୍କୁ ପ୍ରୋତ୍ସାହନ ଦେବାକୁ ଦାବି ହୋଇଛି।


GOVERNMENT OF ODISHA  O-158
OFFICE OF THE SUPERINTENDING ENGINEER
RURAL WORKS DIVISION-I, BHADRAK
"e" Procurement Notice for Building Works
Bid Identification No. Online Tender 01 of 2025-26

1. Name of the work :- Buildings
2. Total No of works : - 01 No
3. Estimated Cost :- Rs.8.56 lakhs
4. Class of Contractor - "C" & "D" Class
5. Period of Completion :- As per Annexure
6. Type of Tender :- Single Cover
7. Other Details :-

| Procurement Officer | Bid Indentification No. | Availability of Tender On-line for bidding | | Date of seeking of Tender | Date & Time of Opening of Tender |
|---|---|---|---|---|---|
| | | From | To | | |
| 1 | 2 | 3 | | 4 | 5 |
| Superintending Engineer, Rural Works Division-I, Bhadrak | Online-01 of 2025-26 | 21.05.2025 At- 11.00 A.M | 30.05.2025 up to 5.00 P.M | 29.05.2025 up to 4.00 P.M | 31.05.2025 At- 11.00 A..M. |

Further details can be seen from the e-procurement portal "https://tendersorissa.gov.in "
N.B- Transparency Lottery to be heid on Dt'10.06.2025 at 10.30 A'M (If any changes it will be intimated)

Sd/-Er.Kanan Pradhan
Superintending Engineer
R W Division, Bhadrak

OIPR: 25060/11/0012/2526


## ବିଷ୍ଣୁପଦ ସେଠୀଙ୍କ ସୁରକ୍ଷା ବଳବତ୍ତର

ଭୁବନେଶ୍ୱର, ୧୫/୫ (ନି.ପ୍ର): ଆଏଏସ୍ ଅଧିକାରୀ ବିଷ୍ଣୁପଦ ସେଠୀଙ୍କ ସୁରକ୍ଷା ବଳବତର ରହିଛି। ବିଷ୍ଣୁପଦ ସେଠୀଙ୍କ ଘରେ ସିବିଆଇ ଚଢ଼ାଉ ମାମଲାରେ ହାଇକୋର୍ଟରେ ହୋଇଥିବା ଆବେଦନର ଶୁଣାଣି ଶେଷ ହୋଇଥିବା ବେଳେ ରାୟ ସଂରକ୍ଷିତ ରହିଛି। ବିଷ୍ଣୁପଦଙ୍କୁ ମିଳିଥିବା ଅନ୍ତରୀଣ ସୁରକ୍ଷା ମଧ୍ୟ ବଳବତର ରଖିଛନ୍ତି ହାଇକୋର୍ଟ। କୌଣସି କଠୋର କାର୍ଯ୍ୟାନୁଷ୍ଠାନ ନନେବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ସୂଚନାଯୋଗ୍ୟ ଯେ ସିବିଆଇ ଚଢ଼ାଉ ନେଇ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ ବିଷ୍ଣୁପଦ।

## ବିଶ୍ୱ ପ୍ରଦୂଷଣ ଓ ଜନ ଜୀବନରେ ତା'ର...

(ପୃଷ୍ଠା-୪ର ଅବଶିଷ୍ଟାଂଶ) ଖଣିଖାଦାନ, କଳକାରଖାନା ଅଞ୍ଚଳର କଚ୍ଚା ରାସ୍ତା ଉପରେ ନିୟମିତ ପାଣି ସିଞ୍ଚନ ବ୍ୟବସ୍ଥା ହେବା ଆବଶ୍ୟକ। ଏମିତି ଛୋଟବଡ ଅନେକ ଦିଗ ରହିଛି ଯାହାର ପ୍ରତିକାରାତ୍ମକ ଉପଚାର କରିପାରିଲେ ବାୟୁ ପ୍ରଦୂଷଣ ପରି ଜୀବନନାଶକ ସମସ୍ୟାକୁ ପ୍ରଶମିତ କରାଯାଇପାରିବ। ଏହି ଦିଗରେ ଜନସଚେତନତା ସୃଷ୍ଟି ପାଇଁ ୨୦୧୯ ମସିହା ବିଶ୍ୱ ପରିବେଶ ଦିବସରେ 'ବାୟୁ ପ୍ରଦୂଷଣ' ବିଷୟ ଉପରେ ଧ୍ୟାନ ଆକର୍ଷଣ କରାଯାଇଛି। ତେଣୁ ବାୟୁ ପ୍ରଦୂଷଣ କୁ ରୋକିବା ଲାଗି ଆମେ ସଦା ସର୍ବଦା ସଚେତନ ହେବା ଆବଶ୍ୟକ ।

ଅରଙ୍ଗାବାଦ ବରୀ ଯାଜପୁର
ମୋ: ୮୨୪୯୫୦୨୭୭୬

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

### ସୁପ୍ରିମକୋର୍ଟଙ୍କୁ ୧୪ ପ୍ରଶ୍ନ ...

୧୦-ଭାରତୀୟ ସମ୍ବିଧାନର ଧାରା ୧୪୨ ଅନୁଯାୟୀ ରାଷ୍ଟ୍ରପତି/ରାଜ୍ୟପାଳଙ୍କ ସାମ୍ବିଧାନିକ କ୍ଷମତା ଏବଂ ଆଦେଶର ପ୍ରୟୋଗକୁ କୌଣସି ପ୍ରକାରେ ପ୍ରତିସ୍ଥାପିତ କରାଯାଇପାରିବ କି? ୧୧-ଭାରତୀୟ ସମ୍ବିଧାନର ଧାରା ୨୦୦ ଅନୁଯାୟୀ ରାଜ୍ୟପାଳଙ୍କ ସମ୍ମତି ବିନା ରାଜ୍ୟ ବିଧାନସଭା ଦ୍ୱାରା ପ୍ରଣୀତ ଆଇନ ପ୍ରବର୍ତ୍ତନଯୋଗ୍ୟ ଆଇନ କି? ୧୨-ଭାରତୀୟ ସମ୍ବିଧାନର ଧାରା ୧୪୫(୩) ର ବ୍ୟବସ୍ଥାକୁ ଦୃଷ୍ଟିରେ ରଖି, ଏହି ମାନ୍ୟବର କୋର୍ଟର କୌଣସି ଖଣ୍ଡପୀଠ ପାଇଁ ଏହା ବାଧ୍ୟତାମୂଳକ ନୁହେଁ କି ଯେ ପ୍ରଥମେ ଏହା ନିଷ୍ପତ୍ତି ନେବା ଆବଶ୍ୟକ ଯେ ତାଙ୍କ ସମ୍ମୁଖରେ କାର୍ଯ୍ୟଧାରା ସହିତ ଜଡିତ ପ୍ରଶ୍ନଟି ଏପରି ପ୍ରକୃତିର କି ଯାହା ସମ୍ବିଧାନର ବ୍ୟାଖ୍ୟା ସହିତ ଜଡିତ ଆଇନର ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନଗୁଡ଼ିକୁ ଜଡିତ କରେ ଏବଂ ଏହାକୁ ପାଞ୍ଚ ଜଣ ବିଚାରପତିଙ୍କ ମଧ୍ୟରୁ କମ ନୁହେଁ ବୋଲି ଖଣ୍ଡପୀଠକୁ ପଠାଇବା ଆବଶ୍ୟକ? ୧୩-ଭାରତୀୟ ସମ୍ବିଧାନର ଧାରା ୧୪୨ ଅନୁଯାୟୀ ସୁପ୍ରିମକୋର୍ଟର କ୍ଷମତା ପ୍ରକ୍ରିୟାଗତ ଆଇନର ବିଷୟଗୁଡ଼ିକରେ ସୀମିତ କି ଭାରତୀୟ ସମ୍ବିଧାନର ଧାରା ୧୪୨ ଏପରି ନିର୍ଦ୍ଦେଶ/ଆଦେଶ ପ୍ରଦାନ କରିବାକୁ ବିସ୍ତାର କରେ ଯାହା ସମ୍ବିଧାନର ବିଦ୍ୟମାନ ମୂଳ କିମ୍ବା ପ୍ରକ୍ରିୟାଗତ ବ୍ୟବସ୍ଥା କିମ୍ବା ପ୍ରଚଳିତ ଆଇନର ବିପରୀତ କିମ୍ବା ଅସଙ୍ଗତ? ୧୪-ଭାରତୀୟ ସମ୍ବିଧାନର ଧାରା ୧୩୧ ଅନୁଯାୟୀ ମାମଲା ବ୍ୟତୀତ କେନ୍ଦ୍ର ସରକାର ଏବଂ ରାଜ୍ୟ ସରକାରଙ୍କ ମଧ୍ୟରେ ବିବାଦର ନିଷ୍ପତ୍ତି ନେବା ପାଇଁ ସୁପ୍ରିମକୋର୍ଟର କୌଣସି ଅଧିକାରକ୍ଷେତ୍ରକୁ ସମ୍ବିଧାନ ବାରଣ କରେ କି? ସୁପ୍ରିମକୋର୍ଟ ତାଙ୍କ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତିରେ କହିଥିଲେ, ଯଦି କୌଣସି ବିଲ ରାଜ୍ୟପାଳଙ୍କ ପାଖରେ ଦୀର୍ଘ ସମୟ ଧରି ବିଚାରାଧୀନ ରହିଥାଏ, ତେବେ ଏହାକୁ 'ଅନୁମୋଦିତ' ବୋଲି ବିବେଚନା କରାଯିବା ଉଚିତ। ଏହା ଉପରେ ଆପତ୍ତି ପ୍ରକାଶ କରି ରାଷ୍ଟ୍ରପତି ପଚାରିଛନ୍ତି ଯେ, ଯେତେବେଳେ ଦେଶର ସମ୍ବିଧାନ ରାଷ୍ଟ୍ରପତିଙ୍କୁ କୌଣସି ବିଲ ଉପରେ ନିଷ୍ପତ୍ତି ନେବାର ଅଧିକାର ଦେଇଛି, ତେବେ ସୁପ୍ରିମକୋର୍ଟ ଏହି ପ୍ରକ୍ରିୟାରେ କିପରି ହସ୍ତକ୍ଷେପ କରିପାରିବେ।

### ମୋ ସରଳତାକୁ ଦୁର୍ବଳତା ...

ମନରେଗାରେ ଲୋକଙ୍କୁ କାମ ଦେବାକୁ ବିଡିଓମାନେ ଚ୍ୟାଲେଞ୍ଜ ଭାବେ ନେବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି । ସମ୍ମିଳନୀରେ ମୁଖ୍ୟମନ୍ତ୍ରୀ ବିଡିଓଙ୍କୁ ନିର୍ଦ୍ଦେଶ ଦେଇ କହିଛନ୍ତି, ଅଫିସ ଛାଡ ଫିଲ୍ଡକୁ ଯାଅ । ବଜେଟର ଅଭାବ ନାହିଁ, ଲୋକଙ୍କ ସମସ୍ୟାର ସମାଧାନ କର । ୨୦୨୬ ସୁଦ୍ଧା ପ୍ରତି ଗାଁକୁ ମିଳିବ ପାଣି । ଠିକ ସମୟରେ ମେଗା ପାନୀୟ ଜଳ ପ୍ରକଳ୍ପ ନ ସରିଲେ ଉତ୍ତରଦାୟୀ ରହିବେ ବିଡ଼ିଓ । ଆବାସ ଘର ବଣ୍ଟନ ଦଳୀୟ ଭିତ୍ତିରେ ହେଉଥିବା ମୁଖ୍ୟମନ୍ତ୍ରୀ ଅଭିଯୋଗ ଆଣିଛନ୍ତି । ତେଣୁ ବିଜେପି ସରକାରରେ ଯୋଗ୍ୟ ବ୍ୟକ୍ତିଙ୍କୁ ଆବାସ ଦେବାକୁ ସେ କହିଛନ୍ତି । ତେବେ ମଞ୍ଚ ଉପରୁ ବିଡିଓକୁ ମୁଖ୍ୟମନ୍ତ୍ରୀଙ୍କୁ ତାଗିଦ ଅଫିସରଙ୍କ ଭିତରେ ଚର୍ଚ୍ଚାର ବିଷୟ ହୋଇଛି ।

### ଉଚ୍ଚଶିକ୍ଷାରେ ଏସଇବିସିଙ୍କ...

ଏସଇବିସି ଛାତ୍ରଛାତ୍ରୀଙ୍କୁ ଶିକ୍ଷାନୁଷ୍ଠାନରେ ୧୧.୨୫ ପ୍ରତିଶତ ଆସନ ସଂରକ୍ଷଣ ନେଇ କ୍ୟାବିନେଟ୍ ନିଷ୍ପତ୍ତି ନେଇଛି। ଏହାଦ୍ୱାରା ସରକାରୀ ବିଶ୍ୱବିଦ୍ୟାଳୟ, ସରକାରୀ ଅନୁଦାନପ୍ରାପ୍ତ ଉଚ୍ଚଶିକ୍ଷା ଅନୁଷ୍ଠାନ, ଉଚ୍ଚ ମାଧ୍ୟମିକ ଶିକ୍ଷା ଏବଂ ସ୍କୁଲ ଓ ଗଣଶିକ୍ଷା ବିଭାଗ ଦ୍ୱାରା ପରିଚାଳିତ ଶିକ୍ଷାନୁଷ୍ଠାନରେ ନାମଲେଖା ବେଳେ ସଂରକ୍ଷଣ ସୁବିଧା ହାସଲ କରିବେ ଏସଇବିସିଛାତ୍ରଛାତ୍ରୀ । ୟୁଜି, ପିଜି, ଟିଚର ଏଜୁକେଶନ, ଆଇନ୍ ପାଠ୍ୟକ୍ରମ, ଓଡ଼ିଶା ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ଦ୍ୱାରା ପରିଚାଳିତ ପର୍ଫର୍ମିଂ ଆର୍ଟ କୋର୍ସ ଏବଂ କ୍ରୀଡ଼ା ଏବଂ ଯୁବ ବ୍ୟାପାର ବିଭାଗ ଦ୍ୱାରା ପ୍ରଚଳିତ ପାଠ୍ୟକ୍ରମରେ ମଧ୍ୟ ଏହି ସଂରକ୍ଷଣ ବ୍ୟବସ୍ଥା ଚଳିତ ଶିକ୍ଷା ବର୍ଷରୁ ଲାଗୁ ହେବ। ଯାହାଦ୍ୱାରା ରାଜ୍ୟର ସାମାଜିକ ଓ ଆର୍ଥିକ ଭାବେ ପଛୁଆ ବର୍ଗର ଲକ୍ଷ ଲକ୍ଷ ପିଲା ଉପକୃତ ହେବାକୁ ଯାଉଥିବାରୁ ଏହାକୁ ଐତିହାସିକ ବୋଲି କହିଛନ୍ତି ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ। ଏପଟେ ଏସଇବିସିଙ୍କ ପାଇଁ କେବଳ ସାଧାରଣ ଶିକ୍ଷା କ୍ଷେତ୍ରରେ ୧୧.୨୫ ପ୍ରତିଶତ ସିଟ୍ ସଂରକ୍ଷଣ ବ୍ୟବସ୍ଥାକୁ ନେଇ ଖୁସି ନାହାନ୍ତି ବିରୋଧୀ। ବରଂ ସାମାଜିକ ଓ ଅର୍ଥନୈତିକ କ୍ଷେତ୍ରରେ ପଛୁଆ ଥିବା ରାଜ୍ୟର ୫୪ ପ୍ରତିଶତ ଲୋକଙ୍କ ସହ ଏହା ଛଳନା ଓ ପ୍ରବଂଚନା ବୋଲି କହିଛନ୍ତି କଂଗ୍ରେସ୍ ନେତା ଶ୍ରୀକାନ୍ତ ଜେନା।

### ପାକିସ୍ତାନକୁ ରାଜନାଥ ଶୁଣାଇଲେ ...

କହିଛନ୍ତି, ଭାରତ ସହ ବିଶ୍ୱାସଘାତକତା କରିବାରୁ ବହୁମୂଲ୍ୟ ଦେବାକୁ ପଡିଲା । ତା'ର ଫମ୍ପା ପରମାଣୁ ବ୍ଲାକମେଲିଂକୁ ଖାତିର୍ କରିନି ଭାରତ । ପାକିସ୍ତାନ ଭଳି ଏକ ଦାୟିତ୍ୱହୀନ ଓ ଖଳ ରାଷ୍ଟ୍ର ହାତରେ ପରମାଣୁ ଅସ୍ତ୍ର ସୁରକ୍ଷିତ କି ବୋଲି ପ୍ରଶ୍ନ କରିବା ସହ ତୁରନ୍ତ ଆଇଏଇଏ ତଦାରଖକୁ ନେଉ ବୋଲି କହିଛନ୍ତି ରାଜନାଥ । ଭିକାରୀ କହି ପାକିସ୍ତାନକୁ କଡ଼ା ତାଚ୍ଛଲ୍ୟ ବି କରିଛନ୍ତି ରାଜନାଥ । ବଲିଉଡ୍ ଫିଲ୍ମ କାଲିଆରେ ବିଗ୍ ବି ଅମିତାଭ ବଚ୍ଚନଙ୍କ ଫେମସ୍ ଡାଏଲଗ କହି ପାକିସ୍ତାନର କାଙ୍ଗାଳ ଅବସ୍ଥା କଥା ବି କହିଛନ୍ତି । ରାଜନାଥ କହିଥିଲେ, ପାକିସ୍ତାନ ଯେଉଁଠାରେ ଛିଡ଼ା ହୁଏ, ଭିକାରୀଙ୍କ ଧାଡି ସେଠାରୁ ଆରମ୍ଭ ହୁଏ । ଆଜି ଭାରତ ସେହି ଦେଶଙ୍କ ଭିତରେ ରହିଛି ଯେଉଁମାନେ ଆଇଏମଏଫକୁ ପାଣ୍ଠି ଦିଅନ୍ତି । ସେହି ପାଣ୍ଠିରୁ ଆଇଏମଏଫ ଗରିବ ଦେଶମାନଙ୍କୁ ଋଣ ଦେଇଥାଏ । ଅପରେସନ୍ ସିନ୍ଦୂର' ସଫଳତା ପରେ ପ୍ରଥମ ଥର ଏଲଓସି ଗସ୍ତ କରିଥିଲେ ରାଜନାଥ ସିଂ। ଯବାନଙ୍କ ସହ ବେଶ କିଛି ସମୟ ବିତାଇଥିଲେ। ଶ୍ରୀନଗର ବାଦାମୀବାଗ କ୍ୟାଣ୍ଟନମେଣ୍ଟରେ ବି ପହଞ୍ଚିଥିଲେ ରାଜନାଥ ସିଂ। ସେଠାରେ ପାକିସ୍ତାନୀ ଡ୍ରୋନର ଟୁକୁଡ଼ା ଓ କ୍ଷେପଣାସ୍ତ୍ରର ଖଣ୍ଡବିଖଣ୍ଡିତ ଅଂଶ ଦେଖିଥିଲେ। ସେହିପରି ଆଜି ସ୍ଥଳସେନା ମୁଖ୍ୟ ଜେନେରାଲ୍ ଉପେନ୍ଦ୍ର ଦ୍ୱିବେଦୀ ଜମ୍ମୁ କାଶ୍ମୀରର ଡଗର ଡିଭିଜନର ଫରୱାର୍ଡ ଲୋକେସନ ଯାଇଥିଲେ। ଅପରେସନ୍ ସିନ୍ଦୂରରେ ସେମାନଙ୍କର ଭୂମିକାକୁ ପ୍ରଶଂସା କରିବା ସହ ଯବାନଙ୍କ ମନୋବଳ ବଢ଼ାଇଥିଲେ ସେନା ମୁଖ୍ୟ ।

### ଟ୍ରମ୍ପଙ୍କ ୟୁଟର୍ଣ୍ଣ: କହିଲେ...

ମୋଦୀ ନିଜ ଭାଷଣରେ କୌଣସି ସ୍ଥାନରେ ଆମେରିକା ରାଷ୍ଟ୍ରପତି କିମ୍ବା ଆମେରିକାର ନାଁ ଟିକେ ବି ନେଇନଥିଲେ । ଏଥିରୁ ପରୋକ୍ଷ ଭାବେ ସ୍ପଷ୍ଟ ହୋଇଥିଲା ଯେ ଭାରତ-ପାକିସ୍ତାନ ମଧ୍ୟରେ ମଧ୍ୟସ୍ଥତା କରିବାକୁ ଡୋନାଲ୍ଡ ଦେଇଥିବା ପ୍ରସ୍ତାବକୁ ନା କହିଥିଲେ ମୋଦୀ । ମୋଦୀ କହିଛନ୍ତି ଏଣିକି ଭାରତ- ପାକିସ୍ତାନ ମଧ୍ୟରେ ଆଲୋଚନା ହେଲେ କେବଳ ଆତଙ୍କବାଦ ଓ ପାକିସ୍ତାନ ଅଧିକୃତ କାଶ୍ମୀର ଉପରେ ହିଁ ହେବ ।

### ଜୟଶଙ୍କରଙ୍କ ଆହ୍ୱାନ...

କାଶ୍ମୀର ଆଲୋଚନା ପାଇଁ ଦ୍ୱାରା ଖୋଲା ଅଛି ।' ପାକିସ୍ତାନ ଦ୍ୱାରା କାଶ୍ମୀରରେ ଅବୈଧ ଅଧିକୃତ ଅଞ୍ଚଳ ଖାଲି କରିବାକୁ ନିର୍ଦ୍ଦେଶ ଦେଇଛନ୍ତି ବୈଦେଶିକ ମନ୍ତ୍ରୀ । ବୈଦେଶିକ ମନ୍ତ୍ରୀ ଏସ ଜୟଶଙ୍କର ଆହୁରି କହିଛନ୍ତି, 'ଭାରତ ଓ ଆମେରିକା ମଧ୍ୟରେ ବାଣିଜ୍ୟ ଆଲୋଚନା ଚାଲିଛି । ଏହା ଜଟିଳ ଆଲୋଚନା, ସବୁକିଛି ନହେବା ପର୍ଯ୍ୟନ୍ତ କିଛି ନିଷ୍ପତ୍ତି ହୁଏନାହିଁ । ବାଣିଜ୍ୟ ଚୁକ୍ତି ପରସ୍ପର ମଧ୍ୟରେ ଲାଭଦାୟକ ହେବା ଉଚିତ । ଯେପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ହୋଇନି ଏହା ଉପରେ ମନ୍ତବ୍ୟ ଅସମ୍ପୂର୍ଣ୍ଣ ହେବ ।' ପାକିସ୍ତାନ ସହିତ ଭାରତର ସମ୍ପର୍କ ନେଇ ବୈଦେଶିକ ମନ୍ତ୍ରୀ କହିଛନ୍ତି, 'କାରବାର କେବଳ ଦ୍ୱିପାକ୍ଷିକ ହେବ । ଦୀର୍ଘ ବର୍ଷ ଧରି ଏହା ଆମର ରାଷ୍ଟ୍ରୀୟ ମତ। ଏଥିରେ ପରିବର୍ତ୍ତନ ନାହିଁ । ପାକିସ୍ତାନ ସହିତ ଆଲୋଚନା କେବଳ ଆତଙ୍କବାଦ ଉପରେ ହେବ । ପାକିସ୍ତାନ ଆତଙ୍କବାଦୀଙ୍କ ଆଡ୍ଡାସ୍ଥଳି ପାଳଟିଛି। ଏହାକୁ ବନ୍ଦ କରିବାକୁ ପଡିବ ।' ପାକିସ୍ତାନ ସହିତ ଆତଙ୍କବାଦ ବିରୁଦ୍ଧରେ କଣ କରାଯିବା ଉଚିତ ତାହା ଉପରେ ଭାରତ ଆଲୋଚନା କରିବାକୁ ପ୍ରସ୍ତୁତ ବୋଲି କହିଛନ୍ତି ବୈଦେଶିକ ମନ୍ତ୍ରୀ ଏସ୍. ଜୟଶଙ୍କର କହିଛନ୍ତି। ସୂଚନାଯୋଗ୍ୟ, ପହଲଗାମ ଆକ୍ରମଣ ପରେ ପାକିସ୍ତାନ ସହ ଭାରତ ପୂର୍ବରୁ କରିଥିବା ସିନ୍ଧୁ ନଦୀ ଚୁକ୍ତିକୁ ସ୍ଥଗିତ କରି ସମସ୍ତ କୁଟନୈତିକ ସମ୍ପର୍କ ଛିନ୍ନ କରିଥିଲା । ଫଳରେ ସିନ୍ଧୁ ନଦୀର ଜଳ ପାକିସ୍ତାନକୁ ଆବଣ୍ଟନ ହୋଇପାରୁନାହିଁ । କାରଣ ସମସ୍ତ ଚୁକ୍ତି ବାତିଲ କରିଥିଲା ଭାରତ । ତାହା ଏବେବି ବଳବତ୍ତର ରହିବ ବୋଲି ବୈଦେଶିକ ମନ୍ତ୍ରୀ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି ।

### ଓୟୋ ହୋଟେଲ୍ ଛାତରୁ ...

କିନ୍ତୁ ରାତି ପ୍ରାୟ ସାଢେ ୧୨ ଟା ବେଳେ ସୋନାଲି ହୋଟେଲ ଛାତରୁ ଖସିପଡୁଥିବା ଦେଖିବାକୁ ମିଳିଥିଲା। ରକ୍ତ ଜୁଡୁବୁଡୁ ଅବସ୍ଥାରେ ସୋନାଲିଙ୍କୁ ପୋଲିସ ସହାୟତାରେ ଉଦ୍ଧାର କରାଯାଇ ହସ୍ପିଟାଲ ନିଆଯାଇଥିଲା। କିନ୍ତୁ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। କେମିତି ହେଲା ସୋନାଲିଙ୍କ ମୃତ୍ୟୁ ? ହତ୍ୟା, ଆତ୍ମହତ୍ୟା ନା ଦୁର୍ଘଟଣା ? ଏସବୁ ଦିଗକୁ ନେଇ ପୋଲିସ ଖୋଳତାଡ଼ କରୁଥିବାବେଳେ ପୁରୁଷ ବନ୍ଧୁ ବିଭୁତିକୁ ଥାନାରେ ଅଟକ ରଖି ପଚରା ଉଚରା କରୁଛି। ସେପଟେ ଥାନାରେ ପହଞ୍ଚି ସୋନାଲିଙ୍କ ମା କହିଛନ୍ତି, ରାତି ୧୧ଟାରେ ଝିଅ ଫୋନ କରି ସେଠାରୁ ତାକୁ ନେଇଯିବା ପାଇଁ କହିଥିଲା। ହେଲେ କିଛି ସମୟ ପରେ ଆସିଥିଲା ତାର ମୃତ୍ୟୁ ଖବର। ସୋନାଲି ଆତ୍ମହତ୍ୟା କରିନି ବରଂ ତାକୁ ଛାତରୁ ଠେଲି ହତ୍ୟା କରାଯାଇଛି ବୋଲି ସେ ଅଭିଯୋଗ କରିଛନ୍ତି। ଖଣ୍ଡଗିରି ଥାନାରେ ଏନେଇ ଏକ ମାମଲା ରୁଜୁ ପରେ ପୋଲିସ ସାଇଣ୍ଟିଫିକ୍ ଟିମ୍ ସହାୟତାରେ ତଦନ୍ତ ଆରମ୍ଭ କରିଛି। ସାଇଣ୍ଟିଫିକ୍ ଟିମ୍ ହୋଟେଲ ରୁମ୍, ହୋଟେଲର ଛାତ,ମୃତଦେହ ପଡିଥିବା ସ୍ଥାନ ଆଦି ଦେଖିବା ସହ ତଥ୍ୟ ପ୍ରମାଣ ସଂଗ୍ରହ କରିଛି।

ADMISSION OPEN
iti
BAISINGA I.T.I
: TRADE :
FITTER & ELECTRICIAN
Affiliated to NCVT, Govt. of India, New Delhi
Baisinga, Mayurbhanj, Odisha
9937861296
7846866623, 8327799536

## ଅବନ୍ତୀପୋରାର ତ୍ରାଲରେ ଗୁଳି ବିନିମୟରେ ୩ ଆତଙ୍କବାଦୀ ନିହତ

ନୂଆଦିଲ୍ଲୀ, ୧୫/୫ : ଅବନ୍ତୀପୋରାର ତ୍ରାଲ ଅଂଚଳର ନାଦର ଲୋରଗାମରେ ଗୁରୁବାର ସକାଳୁ ଜାରି ରହିଥିବା ଗୁଳି ବିନିମୟରେ ସୁରକ୍ଷାବଳ ତିନି ଆତଙ୍କବାଦୀଙ୍କୁ ନିହତ କରିଛନ୍ତି । ଜଣେ ଅଧିକାରୀଙ୍କ ମୁତାବକ ଚାଲୁଥିବା ଅପରେସନରେ ତିନି ଆତଙ୍କବାଦୀ ନିହତ ହୋଇଛନ୍ତି । ମୃତ୍ୟୁବରଣ କରିଥିବା ଆତଙ୍କବାଦୀଙ୍କ ଚିହ୍ନଟ ହୋଇନାହିଁ। ଏବେ ଏଠାରେ ଅଭିଯାନ ଜାରି ରହିଛି । ଏଠାରେ ସୂଚନାଯୋଗ୍ୟ, ମଙ୍ଗଳବାର ସୁରକ୍ଷାବଳ ସୋପିଆନରେ ଗୁଳିବିନିମୟରେ ଲସ୍କର-ଇ-ତୋଇବାର ଅପରେସନ କମାଣ୍ଡର ସାହିଦ କୁଟ୍ଟେ ସହିତ ତିନି ଆତଙ୍କବାଦୀଙ୍କୁ ନିପାତ କରିଥିଲା ।

ନାମ ଲେଖା ଚାଲୁଅଛି
SAI SADHANA
ସାଇ ସାଧନା ଶିଶୁ ବିଦ୍ୟାମନ୍ଦିର
୧ମ ରୁ ୧୦ମ (ଓଡ଼ିଆ ମାଧ୍ୟମ)
ସାଇ ସାଧନା +2 Sc./Arts (ଉଦଳା)
ସାଇ ସାଧନା +୩ ସାଇନ୍ସ
ନାମଲେଖା ଚାଲୁଅଛି
Hons = Phy., Chem., Math., Comp.Sc., Bot., Zool
ରେସିଡେନସିଆଲ / ଡେ ବୋର୍ଡ଼ିଂ
ସାଇ ସାଧନା ସେବାଶ୍ରମ - ଖାଇବା ରହିବା ସମ୍ପୂର୍ଣ୍ଣ ମାଗଣା
Mob. : 9437294587, 9438317887

JIS
JHADESWAR INTERNATIONAL SCHOOL, BALASORE
CBSE AFFILIATION NO.-1530393
12 Students qualified for JEE Advanced 2025
JIS District Toppers - Std.XII
97.4% OMM P. PRADHAN
97.2% AAYUSH SHARAN
Congratulates
Students, Parents, Teachers & all well wishers for its
100% Results
in Std. - X &
it's Outstanding Performance in
Std.-XII Board Examination - 2025
JIS Toppers - Std.X
97.6% HIMANSHU GIRI
96% SUYENDU SHRICHANDAN
96.2% SUDIPTA GIRI
95.6% SWAGAT GIRI
95.2% ABHISHEK KABAT
95% ADITYA KUMHAR
94.2% NAMAN DIWEDI
94.2% SAI SMITA MALLIK
94% SASWAT KU. PANDA
94% MUKTIKANTA SAHU
93.6% NANDITA PRADHAN
93.6% S D SITESHNA SINGH
92% NITIN N. KAR
92% SUBHAM SAHU
91.4% YABISHYA MOHANTY
91.2% ABINASH SAMAL
91% SS KUMARPRATAP NAYAK
91% TANAYA BHARATI
90.6% HITESH KU. PATI
90.6% DAMBRUDHAR BIRUA
90.2% RITVIKA RAMANI
90% SWAYANSRI NAIK
90% DEBABRATA PANDA
JIS Toppers - Std.X
95% ABHIJIT DAS
94.4% ANKITA BEHERA
93.8% CHARCHITA NAYAK
93.6% AYUSH KU. NAYAK
93.4% SUSHREEPA PRADHAN
93% GAYATRI MAITY
92.8% SHRUTIREKHA NAYAK
92% ABHISEKH SAHU
91% SWARAJ JENA
91% CHINMAY BARIK
90% SUBHALAXMI PARIDA
90% JYOTI P. BEHERA
90% SOYAN S. MOHAPATRA
SUBJECT WISE HIGHEST MARK

| STD-X | | STD-XII | |
|---|---|---|---|
| Maths | 100 | Biology | 100 |
| I.T | 100 | I.P | 100 |
| English | 99 | P.Ed. | 100 |
| Science | 99 | Physics | 99 |
| SST. | 99 | English | 98 |
| Language (O/H/S) | 99 | Chem. | 98 |
| | | Maths | 98 |

School Integrated Programme for NTSE, JEE, NEET, KVPY etc.
Admission Going on Std. I-IX & XI
9178862064, 6370669008, 7855893120
jisodisha.in jhadeswarinternationalschool@gmail.com

CBSE CLASS -X RESULT 2025
SIDDHI VINAYAK PUBLIC SCHOOL
(SENIOR SECONDARY)
BALASORE
CBSE CLASS -XII RESULT 2025
Ayush Kumar Behera 98.6% (District 1st Topper)
Anshupa Mishra 98% (District 2nd Topper)
Samiha Sampanna Giri 94%
Ayush Kumar Mohanta 92%
Krishna ketan Nanda 97.2%
Pragyashini Dash 96.8%
Subham Parida 96.6%
Ashrita Dash 96.4%
Shreeyam Panda 96.4%
Anjalirani Panda 95.8%
M A Anwesha 95.8%
Saswat kumar sahu 95.2%
Sk Abdul Niyaz Quadri 95.2%
Niladri Jagannath 94.8%
Pranjal Pradhan 94%
Voice Das 93.8%
Gourav kumar Patra 93.6%
Abhigyan sethi 92.6%
Bhairabi Sahu 92.6%
Asutosh Das 92.6%
Gopesh Chandra Das 92.4%
Hiranmaya manna 92.4%
Manaswani sridevi Majhi 92.4%
Bharghav Ranjan Mohapatra 92.2%
Pritam Dey 92.2%
Shreya Panda 92%
Rajashree Pahadi 91.6%
Bhagyajyoti PP Sahu 91.4%
Rititrishna Das 91.2%
Amrit ku Patra 91%
Ritesh Ranjan Panda 90.6%
Divya Jyoti Samal 90.2%
Satyajit Bandha 90.2%
Anushreya Acharya 90%
Swastik Kumar Rath 90%
Adyasha Mandal 90%
Aditya prakash Mourya 90%
Sanvi Pradhan 90%
Prasanjit Panda 90%
Sidharth Puhan 90%
Play Branch: Bhoisahi, Balasore | Main Campus: Pachhotia, Jujhestipur
Mob: 8908338222, 9861618649 www.SVPS.balasore.org

❒ ସଂପାଦିକା : ସୈରିନ୍ଧ୍ରୀ ସାହୁ
❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704
❒ Editor: Sairindhree Sahoo
❒ Managing & Executive Editor : Srustidhar Parida